

ସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କୁ 'ଜ୍ଞାନପୀଠ' ସମ୍ମାନ
▶ପୃଷ୍ଠା 9 ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-318 ◆BHUBANESWAR ◆SATURDAY ◆17 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୧୮ ◆ଭୁବନେଶ୍ୱର ◆ଶନିବାର ◆୧୭ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କାଳ ସାଜିଲା କାଳବୈଶାଖୀ

- କୋରାପୁଟ: ଧାନ ବିଲ ଜଗିଥିବା ବେଳେ ଟଳିପଡ଼ିଲେ ୩, ନଦୀରେ ମାଛ ଧରିବାବେଳେ ଜଣେ ମୃତ
- ଯାଜପୁର: ଘର ଆଗରେ ଠିଆ ହୋଇଥିବା ବେଳେ ୨ ନାବାଳକ ମୃତ
- ଗଞ୍ଜାମ: କାଜୁ ତୋଟାରେ ମହିଳା ମୃତ, ପଢ଼ିଆରେ ଟଳିପଡ଼ିଲେ ଛାତ୍ର
- ଗଜପତି: ଟ୍ରାକ୍ଟରରୁ ଇଟା ଓହ୍ଲାଉଥିବା ବେଳେ ମହିଳା ଶ୍ରମିକଙ୍କ ମୃତ୍ୟୁ
- ନବରଙ୍ଗପୁର: ମକା ଶୁଖାଇବା ବେଳେ ପୁତୁରା ମୃତ, ଦାଦା ଗୁରୁତର
- ଢେଙ୍କାନାଳ ଓ ବାଲେଶ୍ୱରରେ ୩ ମୃତ


ବାଲେଶ୍ୱର ରେମୁଣାରେ ହୁତୁହୁତୁ ଜଳିଗଲା ନଡ଼ିଆ ଗଛ

# ବଜ୍ରପାତରେ ୧୩ ମୃତ

## ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା

**ଲକ୍ଷ୍ମୀପୁର/ ସେମିଳିଗୁଡ଼ା/ ଯାଜପୁର/ ସୁନାବେଡ଼ା/ଉମରକୋଟ/ବେଲଗୁଣ୍ଠା/ କାମାକ୍ଷାନଗର/ଗଁଦିଆ/ଔପଦା/ମୋହନା, ୧୬।୫ (ସମିସ):** ବଜ୍ରପାତ ଆଜି ରାଜ୍ୟରେ ୧୩ ଜଣଙ୍କ ଜୀବନ ନେଇଛି। କୋରାପୁଟ ଜିଲ୍ଲାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗଂଜାମ, ଢେଙ୍କାନାଳ ଓ ଯାଜପୁରରେ ୨ଜଣ ଲେଖାଏଁ ଏବଂ ବାଲେଶ୍ୱର, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ଗଂଜାମ ଜିଲ୍ଲାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ କେବିରୀ ବ୍ରହ୍ମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ଝିଅ ରୀତା ଗୌଡ଼ (୩୧) ଏବଂ କବିସୂର୍ଯ୍ୟନଗର ବ୍ଲକ୍ ଏ. ବରିଡ଼ା ଗାଁର ଛାତ୍ର ଓମ୍ ପ୍ରକାଶ ପ୍ରଧାନ। ରୀତା ଆଜି ପୂର୍ବାହ୍ନରେ ତୋଟାକୁ ଯାଇଥିବା ବେଳେ ହଠାତ୍ ବର୍ଷାପବନ ମାଡ଼ି ଆସିବାରୁ ସେ ଏକ କାଜୁଗଛ ତଳେ ଆଶ୍ରୟ ନେଇଥିଲେ। ଏତିକିବେଳେ ବଜ୍ରାଘାତ ହେବାରୁ ସେଠାରେ ଟଳି ପଡ଼ିଥିଲେ। ସେହିପରି ଓମ୍‌ପ୍ରକାଶ ସାଙ୍ଗମାନଙ୍କ ସହ କ୍ରିକେଟ୍ ଖେଳୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସେହିପରି ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା କାନକଟା ଗ୍ରାମର ଦମୟନ୍ତୀ ମଣ୍ଡଳ ମଧ୍ୟ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଦମୟନ୍ତୀ ଆଜି ଅପରାହ୍ଣରେ ନିଜ ଘର କାମ ପାଇଁ ଟ୍ରାକ୍ଟରରୁ ଇଟା ଓହ୍ଲାଉଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ।

ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମହାବିରୋଡ୍ ଥାନା ଦଶୀପୁର ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମର ମହିଳା ସୁରୁଷି ବିଶ୍ୱାଳ (୪୦) ଘର ସାମ୍ନାରେ ▶ପୃଷ୍ଠା-୭

## 'ଚକ୍ରବ୍ୟୂହ'ରେ ଚଡ଼କ

## ଟଳିପଡ଼ିଲେ ସିଆରପିଏଫ୍ ଯବାନ


୩ ଗୁରୁତର

**ରାଉରକେଲା, ୧୬।୫ (ସମିସ):** ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସାରଣ୍ଡାରେ ମାଓ ଦମନ ପାଇଁ ଅପରେସନ 'ଚକ୍ରବ୍ୟୂହ' ପାଇଁ କମ୍ବିଂ ଅପରେସନ ଚାଲିଥିବାବେଳେ ବଜ୍ରାଘାତରେ ସିଆରପିଏଫ୍‌ର ଜଣେ ଅଫିସର ସହିଦ ହୋଇଥିବା ସୂଚନା ମିଳିଛି। ସହିଦ ଅଧିକାରୀ ହେଉଛନ୍ତି ଏମ୍‌ପି ସିଂହ। ସେ ୨୬ ବାଟାଲିୟନ ସିଆରପିଏଫରେ ଦ୍ୱିତୀୟ କମାଣ୍ଡ ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ। ନକ୍ସଲ ବିରୋଧୀ ଅଭିଯାନରେ ସାମିଲ ଥିବାବେଳେ ସେ ସହିଦ ହେଇଛନ୍ତି। ଗୁରୁବାର ସନ୍ଧ୍ୟାରେ 'ଅପରେସନ ଚକ୍ରବ୍ୟୂହ'ରେ କମ୍ବିଂ ଚାଲିଥିବାବେଳେ କାଳବୈଶାଖୀ ଏବଂ ବଜ୍ରାଘାତ ହୋଇଥିଲା। ଏଥିରେ ସିଆରପିଏଫର ଏମପି ସିଂହଙ୍କ ସମେତ ୩ ଜଣ ଯବାନ ଗୁରୁତର ▶ପୃଷ୍ଠା-୭

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୫'




# ଅଧିକ ଆଶା ଅଶାନ୍ତିର କାରଣ: ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର

**ଭୁବନେଶ୍ୱର, ୧୬।୫ (ସମିସ):** ଆଶାଠାରୁ ଅଧିକ ହାସଲ କରିବାକୁ ଲକ୍ଷ୍ୟ ରଖିଲେ ମାନସିକ ଅଶାନ୍ତି ମିଳେ। ତେଣୁ କୌଣସି ପରିସ୍ଥିତିରେ ମଧ୍ୟ ବିଚଳିତ ନ ହେଇ ଆତ୍ମବିଶ୍ୱାସର ସହ ପରିଶ୍ରମ ଜାରି ରଖିଲେ ଜୀବନରେ ନିଶ୍ଚିତ ସଫଳତା ମିଳିବ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ବିଜ୍ଞାନ ବିଭାଗ ପ୍ରମୁଖ ପରାମର୍ଶଦାତା ତଥା ବିଶିଷ୍ଟ ଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର।

ଭୁବନେଶ୍ୱରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ମହାପାତ୍ର କହିଛନ୍ତି ଯେ ପରୀକ୍ଷାରେ ନମ୍ବର ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ; ମାତ୍ର ଜୀବନରେ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହେବା ଆବଶ୍ୟକ। ଉତ୍ତମ ଶିକ୍ଷା ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଜରୁରୀ। କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ; ପ୍ରତ୍ୟେକଙ୍କ ପାଇଁ ମାନସିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡାକ୍ତର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୭

### ଗଛରେ ପିଟି ହୋଇଗଲା କାର୍

## ପରିବାରର ୩ ସମେତ ୪ ଜଣଙ୍କ ମୃତ୍ୟୁ

ନୟାଗଡ଼ରେ ଶୋକର ଛାୟା

**ବୈପାରୀଗୁଡ଼ା, ୧୬।୫ (ସମିସ):** କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅଧୀନ ୩୨୬ ନମ୍ବର ଜାତୀୟ ରାଜପଥ ଗୌଡ଼ଗୁଡ଼ା ଛକରେ ଏକ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଛି। ଦ୍ରୁତ ଗତିରେ ଯାଉଥିବା ଏକ କାର୍ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଆଖି ବୁଜିଛନ୍ତି। ସମସ୍ତ ମୃତକଙ୍କ ଘର ନୟାଗଡ଼ ଜିଲ୍ଲାରେ ଏବଂ ସେମାନଙ୍କ ମଧ୍ୟରୁ ୩ ଜଣ ଗୋଟିଏ ପରିବାରର ବୋଲି ଜଣାଯାଇଛି। ସେହିପରି, ଏହି ▶ପୃଷ୍ଠା-୭













### ଘଡ଼ିକି ଘଡ଼ି ବଦଳୁଛି ନିଷ୍ପତ୍ତି

## ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି

ଓଏସ୍‌ଡି ନିଯୁକ୍ତି ପାଇବେ ଅବସରପ୍ରାପ୍ତ ଓଏଏସ୍

**ଭୁବନେଶ୍ୱର, ୧୬।୫ (ସମିସ):** ପୂର୍ବ ସରକାର ସମୟରେ ରାଜ୍ୟରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ଥଇଥାନ କରାଯାଇଥିବା ଅଭିଯୋଗ କରି ଏହି ବ୍ୟବସ୍ଥାକୁ ଉଚ୍ଛେଦ କରାଯିବ ବୋଲି ସରକାର କହିଥିଲେ। ଏପରିକି କୌଣସି ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନର୍ବାର ସରକାରରେ ନିଯୁକ୍ତି ଦିଆଯିବ ନାହିଁ ବୋଲି ଅନେକ ବିଜେପି ନେତା ବିଭିନ୍ନ ସଭା ସମିତିରେ ଘୋଷଣା କରିଥିଲେ। ଏପରିକି ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଜଟିଳ ସର୍ତ୍ତାବଳୀ ଜାରି କରାଯାଇଥିଲା । ମାତ୍ର ବର୍ଷଟିଏ ଯାଇ ନାହିଁ ସରକାର ପୁଣି ପୁରୁଣା ବ୍ୟବସ୍ଥାକୁ ଫେରିଛନ୍ତି । ଏପରିକି ବର୍ତ୍ତମାନ ସରକାର ଜାରି କରିଥିବା ପୂର୍ବ ନିଷ୍ପତ୍ତିକୁ ଫାଇଲ ଭିତରେ ବନ୍ଦୀ କରି ପୁନର୍ବାର ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ନିମନ୍ତେ ଯୋଜନା କରିଛନ୍ତି। ଶୁକ୍ରବାର ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଏହାକୁ ପ୍ରମାଣିତ କରିଛି। ଅବସରପ୍ରାପ୍ତ ଓଏଏସ୍ ର୍‍ୟାଙ୍କର ଅଫିସରମାନଙ୍କୁ "ଓଏସଡି' ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବା ନିମନ୍ତେ ଆବେଦନ ଆହ୍ୱାନ ସରକାରରେ ଚାଲିଥିବା ବ୍ୟବସ୍ଥା ଓ ଘଡ଼ିକୁ ଘଡ଼ି ବଦଳୁଥିବା ନିଷ୍ପତ୍ତିକୁ ପଦାରେ ପକାଇଛି।

୨୦୨୪ ସେପ୍ଟେମ୍ବର ୧୨ତାରିଖରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ନିର୍ଦ୍ଦେଶନାମାରେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ କଟକଣା ଜାରି ହୋଇଥିଲା। ଏପରିକି ପୂର୍ବ ସରକାରଙ୍କ ଅମଳରେ ଯେଉଁ କେତେକ ଅବସରପ୍ରାପ୍ତ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରୁଥିଲେ, ସେମାନଙ୍କ ମଧ୍ୟ ସରକାର ତତ୍କାଳ ହଟାଇ ଦେଇଥିଲେ। ହେଲେ ସମୟ ଗଡ଼ିବା ସହ ରାଜ୍ୟରେ ପ୍ରଶାସନିକ ସ୍ଥାଣୁତା ପାଇଁ ବଦନାମ ମୁଣ୍ଡାଉଥିବା ସରକାର ପୁଣି ଥରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଯୋଜନା ଆରମ୍ଭ କରି ପୂର୍ବ ସରକାରଙ୍କ ବିରୋଧରେ ଆଣିଥିବା ଅଭିଯୋଗ ମିଛ ଓ ୮ ମାସ ତଳେ ନିଜ ସରକାରଙ୍କ ବିଜ୍ଞପ୍ତିକୁ ତ୍ରୁଟିପୂର୍ଣ୍ଣ ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି ।

ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ପୂର୍ବତନ ଓଏଏସ ଅଧିକାରୀଙ୍କୁ ଚୁକ୍ତିଭିତ୍ତିରେ "ଓଏସଡି' ଭାବେ ନିଯୁକ୍ତି ଦିଆଯିବ ବୋଲି ▶ପୃଷ୍ଠା-୭




### ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ସହ ଏସ୍ ଜୟଶଙ୍କରଙ୍କ ଆଲୋଚନା

# ଭାରତ-ଆଫଗାନିସ୍ତାନ ସମ୍ପର୍କର ନୂଆ ଫର୍ଦ୍ଦ

ନୂଆଦିଲ୍ଲୀ, ୧୬।୫(ଏଜେନ୍ସି)

ଭାରତ–ଆଫଗାନିସ୍ତାନ ସମ୍ପର୍କରେ ନୂଆ ଫର୍ଦ୍ଦ ଯୋଡି ହୋଇଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଆଫଗାନିସ୍ତାନ କାମଚଳା ବୈଦେଶିକ ମନ୍ତ୍ରୀ ଅମିର ଖାନ ମୁତାକିଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ୨୦୨୧ରେ ଆଫଗାନିସ୍ତାନରେ ପ୍ରତିଷ୍ଠା ହୋଇଥିବା ତାଲିବାନ ସରକାରକୁ ଭାରତ ସରକାର ଏଯାଏ ବିଧିବଦ୍ଧ ଭାବେ ସ୍ୱୀକୃତି ଦେଇ ନାହାନ୍ତି। ଏହାସତ୍ତ୍ୱେ ସରକାରୀ ସ୍ତରରେ ଦୁଇ ଦେଶର ବୈଦେଶିକ ମନ୍ତ୍ରୀ ଗୁରୁବାର

## ୨୦୨୧ ପରେ ପ୍ରଥମ ମନ୍ତ୍ରିସ୍ତରୀୟ ଆଲୋଚନା

ରାତିରେ ଟେଲିଫୋନରେ କଥା ହୋଇଛନ୍ତି। ଏପ୍ରିଲ ୨୨ ପହଲଗାମ ଆତଙ୍କୀ ହମଲାକୁ ତାଲିବାନ ସରକାର ଘୋର ନିନ୍ଦା କରିବା ସହିତ ଭାରତର ଆଭିମୁଖ୍ୟକୁ ସମର୍ଥନ କରିଥିବାରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ତାଲିବାନ ସରକାରକୁ ଧନ୍ୟବାଦ ଦେବା ଅବସରରେ ମୁତାକିଙ୍କ ସହ ଆଲୋଚନା କରିଛନ୍ତି। ମୁତାକିଙ୍କ ସହ ହୋଇଥିବା ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା ବୋଲି ଜୟଶଙ୍କର ତାଙ୍କ 'ଏକ୍ସ' ଆକାଉଣ୍ଟରେ ଟ୍ୱିଟ୍ କରି ଉଲ୍ଲେଖ କରିଛନ୍ତି। ବିଶେଷକରି ପହଲଗାମ ଘଟଣାକୁ ତାଲିବାନ ସରକାର ନିନ୍ଦା କରି ଭାରତର ଆତଙ୍କବାଦ ଲଢେଇକୁ ସମର୍ଥନ କରିଥିବାରୁ ଭାରତ ଆଫଗାନିସ୍ତାନକୁ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି। ଏହାଛଡ଼ା ଦୁଇ ଦେଶ ମଧ୍ୟରେ ରହି ଆସିଥିବା ପରମ୍ପରାଗତ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ଆଫଗାନିସ୍ତାନର ବିକାଶ ପାଇଁ



ଭାରତର ସହଯୋଗକୁ ନେଇ ମଧ୍ୟ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ସେ କହିଛନ୍ତି। ସେହିପରି ତାଲିବାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଅନୁରୂପ ମନ୍ତବ୍ୟ ଜାରି କରାଯାଇଛି।

ଏହି ଆଲୋଚନାରେ ମୁତାକି ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା, ବାଣିଜ୍ୟ ବ୍ୟବସାୟ ସମେତ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିବା ତାଲିବାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ମୁତାକି ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ ଭାବରେ ବର୍ଣ୍ଣନା କରି ଆଫଗାନିସ୍ତାନ ସହିତ ଏହାର ଐତିହାସିକ ସମ୍ପର୍କ ବାବଦରେ ଉଲ୍ଲେଖ କରିଥିଲେ ଏବଂ ଏହାକୁ ଆହୁରି ମଜବୁତ କରିବା ପାଇଁ ଆଶା ପ୍ରକାଶ କରିଥିଲେ। ମୁତାକି ଆଫଗାନ ବ୍ୟବସାୟୀ ଏବଂ ରୋଗୀଙ୍କ ପାଇଁ ଭାରତର ଭିସା ପ୍ରକ୍ରିୟାକୁ ସରଳ କରିବାକୁ ଆହ୍ୱାନ କରିଥିଲେ। ଏହା ସହିତ ଭାରତରେ ବନ୍ଦୀ ଥିବା ଆଫଗାନ କଏଦୀମାନଙ୍କୁ ମୁକ୍ତ କରିବା ଏବଂ ସେମାନଙ୍କୁ ନିଜ ଦେଶକୁ ଫେରାଇ ଆଣିବା ଦିଗରେ ଭାରତ ପଦକ୍ଷେପ ନେବାକୁ କହିଛନ୍ତି। ତେବେ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନା ଆଞ୍ଚଳିକ ଭୂ-ରାଜନୀତି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ବିଶେଷକରି ପାକିସ୍ତାନ ପାଇଁ ଏହି ଘଟଣା କାଳ ହୋଇଛି। ଜମ୍ମୁ କଶ୍ମୀରରେ ଚାଲିଥିବା ଆତଙ୍କବାଦକୁ ନେଇ ପାକିସ୍ତାନ ସବୁ ବେଳେ ତାଲିବାନକୁ ଯୋଡି ଥିଲା ବେଳେ ଏବେ ପାକିସ୍ତାନର ଅସଲ ମୁଖା ଖୋଲି ଯାଇଛି। ଏହାଛଡ଼ା ଭାରତ-ଆଫଗାନିସ୍ତାନ ସୁସମ୍ପର୍କ ପାକିସ୍ତାନ ପାଇଁ ଅନେକ ଦିଗରେ ଅଡୁଆ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

### ଶେହବାଜଙ୍କ ରକ୍ତଚାପ ବୃଦ୍ଧି

ଭାରତ-ଆଫଗାନିସ୍ତାନ ସମ୍ପର୍କକୁ ନେଇ ପାକିସ୍ତାନର ଚିନ୍ତା ବଢିବାରେ ଲାଗିଛି। ଗୋଟିଏ ପଟେ ଆର୍ଥିକ ଦୁର୍ଗତିକୁ ନେଇ ପାକିସ୍ତାନ ସ୍ଥିତି ବେହାଲ ହୋଇପଡ଼ିଥିବା ବେଳେ ଅନ୍ୟପଟେ ଭାରତର ଜଳଯୁଦ୍ଧ ପାକିସ୍ତାନ ପାଇଁ କାଳ ହୋଇଛି। ଏଭଳି ସ୍ଥିତିରେ ଭାରତ ସହ ଆଫଗାନିସ୍ତାନର ବନ୍ଧୁତା ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫଙ୍କ ରକ୍ତଚାପ ବୃଦ୍ଧି କରିଛି। ଆଫଗାନିସ୍ତାନ ପହଲଗାମ ଆକ୍ରମଣକୁ ନିନ୍ଦା କରିବା ଏବଂ ସିଧାସଳଖ ଭାରତ ସହିତ ଛିଡ଼ା ହେବା ଘଟଣା ମଧ୍ୟ ପାକିସ୍ତାନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ଗତ ୫ ମାସ ମଧ୍ୟରେ ଉଭୟ ଦେଶ ୩ ଥରରୁ ଅଧିକ ଆଲୋଚନା କରାଯିବା ଏବଂ ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଆଫଗାନ ପଠାନ ଏବଂ ପସ୍ତୁନ ସଂପ୍ରଦାୟ ଲୋକଙ୍କୁ ପାକିସ୍ତାନ ସେନାକୁ ସମର୍ଥନ ନ କରିବା ଲାଗି ତାଲିବାନ ସରକାରଙ୍କ ପକ୍ଷରୁ ପରୋକ୍ଷ ସଙ୍କେତ ଜାରି କରାଯିବା ପାକିସ୍ତାନ ପାଇଁ କାଳ ହୋଇଛି। ସେପଟେ ପାକିସ୍ତାନର ବେଲୁଚିସ୍ତାନ ଏବଂ ଖାଇବର ପଖତୁନଖ୍ୱା ପ୍ରଦେଶରେ ଅଶାନ୍ତ ସ୍ଥିତି ଲାଗି ରହିଥିଲା ବେଳେ ଭାରତ-ଆଫଗାନିସ୍ତାନ ସମ୍ପର୍କ ଏହି ସ୍ଥିତିକୁ ନୂଆ ମୋଡ ଦେଇପାରେ ବୋଲି ପାକିସ୍ତାନ ଚିନ୍ତାରେ ପଡ଼ିଛି।

## ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ଜ୍ଞାନପୀଠ



ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି): ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୁକ୍ରବାର ସାହିତ୍ୟ କ୍ଷେତ୍ରର ସବୁଠାରୁ ବଡ଼ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସଂସ୍କୃତ ବିଦ୍ୱାନ ତଥା ଜଗତଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ୫୮ ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରିଛନ୍ତି। ସାହିତ୍ୟ କ୍ଷେତ୍ରକୁ ଯୋଗଦାନ ପାଇଁ ୨୦୨୩ ନିମନ୍ତେ ତାଙ୍କୁ ଏହି ସମ୍ମାନ ମିଳିଛି। ଜଗତଗୁରୁ ଏବଂ ଉର୍ଦ୍ଦୁ କବି ତଥା ଗୀତିକାର ଗୁଲଜାରଙ୍କୁ ଏହି ପୁରସ୍କାର ପ୍ରଦାନ କରିବାକୁ ପୂର୍ବରୁ ଘୋଷଣା କରାଯାଇଥିଲା। ତେବେ କୌଣସି କାରଣ ପାଇଁ ଗୁଲଜାର ଏହି ପୁରସ୍କାର ଗ୍ରହଣ କରିବାକୁ ଉପସ୍ଥିତ ହୋଇପାରି ନ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ଦୁଇ ସାହିତ୍ୟିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କଳା, ସାହିତ୍ୟ, ସମାଜ ଏବଂ ଦେଶ ପାଇଁ କାର୍ଯ୍ୟ ଜାରି ରଖିବାକୁ କହିଛନ୍ତି। ସାହିତ୍ୟ ସମାଜକୁ ଜାଗତ୍ର ଏବଂ ଏକତ୍ରିତ କରେ। ୧୯ଶ ଶତାବ୍ଦୀର ସାମାଜିକ ଜାଗରଣଠାରୁ ନେଇ ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ଲେଖକ ଏବଂ ସାହିତ୍ୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବଙ୍କିମ ଚନ୍ଦ୍ର ଚଟୋପଧ୍ୟାୟଙ୍କ ଦ୍ୱାରା ଲିଖିତ 'ବନ୍ଦେ ମାତରମ' ୧୫୦ ବର୍ଷ ହେଲା ଭାରତ ମାତାର ସନ୍ତାନଙ୍କୁ ଜାଗ୍ରତ କରି ଆସୁଛି ବୋଲି ରାଷ୍ଟ୍ରପତି ମତ ଦେଇଛନ୍ତି। ପୁରସ୍କାରକୁ ନେଇ ଚିତ୍ରକୂଟ ସ୍ଥିତ ତୁଳସୀ ପୀଠର ପ୍ରତିଷ୍ଠାତା ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ ଖୁସିପ୍ରକଟ କରିଛନ୍ତି। ତାଙ୍କ ସାହିତ୍ୟକୁ ସମ୍ମାନିତ କରାଗଲା ବୋଲି କହିଛନ୍ତି। ଜନ୍ମରୁ ଦୁଇ ବର୍ଷ ପରେ ଦୃଷ୍ଟିଶକ୍ତି ହରାଇଥିବା ବେଦ, ଶାସ୍ତ୍ର, ଉପନିଷେଦ ଜ୍ଞାତା ରମଭଦ୍ରାଚାର୍ଯ୍ୟ ୨୨ ଭାଷା କହିପାରୁଛନ୍ତି। କୌଣସି ଔପଚାରିକ ଶିକ୍ଷା ପାଇ ନ ଥିବା ସତ୍ତ୍ୱେ ସେ ଅନେକ ପୁସ୍ତକ ରଚନା କରିଛନ୍ତି।

■ ବିଶ୍ୱ ମଞ୍ଚରେ ପାକିସ୍ତାନର ମୁଖା ଖୋଲିବ ଭାରତ

## ବିଦେଶରେ 'ଅପରେସନ ସିନ୍ଦୂର' ସଫଳତା ବଖାଣିବେ ସାଂସଦ

ନୂଆଦିଲ୍ଲୀ,୧୬।୫(ଏଜେନ୍ସି): 'ଅପରେସନ ସିନ୍ଦୂର'କୁ ନେଇ ଭାରତ ପାକିସ୍ତାନ ବିପକ୍ଷରେ ଉଭୟ ସାମରିକ ଏବଂ କୂଟନୈତିକ ସ୍ତରରେ ବୃହତ ବିଜୟ ହାସଲ କରିଛି। ଯାହାକୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ର ସ୍ୱୀକାର କରିଛନ୍ତି। ଏହାସତ୍ତ୍ୱେ ବିଶ୍ୱମଞ୍ଚରେ ପାକିସ୍ତାନର ଅସଲ ମୁଖା ଖୋଲିବାକୁ ଭାରତ ପକ୍ଷରୁ ଆଉ ଏକ ଉଦ୍ୟମ ଆରମ୍ଭ ହୋଇଛି। ଭାରତ ସରକାର ସବୁ ରାଜନୈତିକ ଦଳର ସାଂସଦମାନଙ୍କୁ ନେଇ ଏକ ପ୍ରତିନିଧି ଦଳ ଗଠନ କରି ଏହାକୁ ବିଶ୍ୱର ପ୍ରମୁଖ ଦେଶକୁ ପଠାଇବାକୁ ଯୋଜନା କରିଛନ୍ତି। ଏହି ପ୍ରତିନିଧି ଦଳ ପହଲଗାମ ଆତଙ୍କବାଦୀ ହମଲା ଠାରୁ ଆରମ୍ଭ କରି ଭାରତର ଆତଙ୍କବାଦ ବିରୋଧୀ ଲଢେଇ ଏବଂ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ସମ୍ପର୍କରେ ବିଭିନ୍ନ ଦେଶକୁ ଅବଗତ କରିବେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କ ତତ୍ତ୍ୱାବଧାନ ଏବଂ ସମନ୍ୱୟରେ ଗଠିତ ଏହି ପ୍ରତିନିଧି ଦଳ ମେ '୨୨ ପରେ ବିଭିନ୍ନ ରାଷ୍ଟ୍ର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ବିଭିନ୍ନ ଦଳର ସାଂସଦମାନଙ୍କୁ ଅବଗତ କରାଯାଇସାରିଛି । ପ୍ରତ୍ୟେକ ପ୍ରତିନିଧିମଣ୍ଡଳୀରେ ୫ରୁ ୬ ଜଣ ସାଂସଦ ରହିବା ସହିତ ସେମାନେ ଆମେରିକା , ବ୍ରିଟେନ , ଦକ୍ଷିଣ ଆଫ୍ରିକା, କତାର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ବିଭିନ୍ନ ଦେଶକୁ ଯିବେ।

■ ପାକିସ୍ତାନକୁ ପାଣି ବନ୍ଦ କରିବା ଯୁଦ୍ଧ ସହ ସମାନ

## ରାଜନୈତିକ ସ୍ତରରେ ଆଲୋଚନା ପାଇଁ ପାକ୍ ମନ୍ତ୍ରୀଙ୍କ ଦାବି

ନୂଆଦିଲ୍ଲୀ,୧୬।୫(ଏଜେନ୍ସି): ଗୋଟିଏ ପଟେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ଚାଲିଛି। ଅନ୍ୟପଟେ ସିନ୍ଧୁ ଜଳକୁ ନେଇ ଉଭୟ ଦେଶ ମଧ୍ୟରେ ପୁଣି ସ୍ଥିତି ବିବାଦୀୟ ହେବାର ଆଶଙ୍କା ବଢିଛି। ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ହମଲା ପରେ ଭାରତ ସିନ୍ଧୁ ନଦୀ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖି ପାକିସ୍ତାନକୁ ପାଣି ବନ୍ଦ କରିଦେଇଛି। ଯାହାକୁ ନେଇ ପାକିସ୍ତାନରେ ଏବେ ହାହାକାର ସ୍ଥିତି ଉପୁଜିବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାରଙ୍କ ନିଦ ହଜି ଯାଇଥିଲା ବେଳେ ଭାରତ ତୁରନ୍ତ ରାଜନୈତିକ ସ୍ତରରେ ଆଲୋଚନା ଆରମ୍ଭ କରୁ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇସାକ ଦାର୍ ଦାବି କରିଛନ୍ତି। ଦୁଇ ଦିନ ତଳେ ପାକିସ୍ତାନ ଜଳସଂପଦ ସଚିବ ଭାରତର ଜଳ ଶକ୍ତି ମନ୍ତ୍ରାଳୟକୁ ଚିଠି ଲେଖି ଏହି ବିଷୟ ଉଲ୍ଲେଖ କରିଥିଲେ। ଏହାପରେ ପାକିସ୍ତାନ ସଂସଦରେ ଏହି ପ୍ରସଙ୍ଗ ଉଠାଇ ଇସାକ୍ ଏଭଳି ଦାବି କରିଛନ୍ତି। କିନ୍ତୁ ସିନ୍ଧୁ ଜଳକୁ ନେଇ ଭାରତ ନିଜ ଆଭିମୁଖ୍ୟରେ ଅଟୁଟ ରହିଛି। ପାକିସ୍ତାନ ଯେଉଁ ପର୍ଯ୍ୟନ୍ତ ସୀମାପାର ଆତଙ୍କବାଦ ବନ୍ଦ ନ କରିଛି ସେ ପର୍ଯ୍ୟନ୍ତ ଭାରତ ସିନ୍ଧୁ ଜଳ ଛାଡିବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ସ୍ପଷ୍ଟ କରିଦେଇଛନ୍ତି।


### ପାକିସ୍ତାନକୁ ପାଣି ଛାଡିବା ନେଇ ଓମାର ଅବଦୁଲ୍ଲା-ମେହବୁବା ମୁହାଁମୁହିଁ

ପାକିସ୍ତାନକୁ ସିନ୍ଧୁ ନଦୀ ଜଳ ଛାଡିବାକୁ ନେଇ ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ସିନ୍ଧୁ ଜଳକୁ ନେଇ ଭାରତ ସରକାର ଗ୍ରହଣ କରିଥିବା ଆଭିମୁଖ୍ୟକୁ ଓମାର ଅବଦୁଲ୍ଲା ଏକପ୍ରକାର ସମର୍ଥନ କରିଥିଲା ବେଳେ ମେହବୁବା ଏହାକୁ ବିରୋଧ କରୁଛନ୍ତି। ଏହିକ୍ରମରେ ଜମ୍ମୁ କଶ୍ମୀରର ବନ୍ଦିପୋରା ଜିଲ୍ଲାରେ ସିନ୍ଧୁ ନଦୀ ଜଳ ଉପରେ ପ୍ରତିଷ୍ଠା କରାଯାଇଥିବା 'ତୁଲବୁଲ ନାଭିଗେସନ' ପ୍ରକଳ୍ପକୁ ନେଇ ଉଭୟ ନେତାଙ୍କ ମଧ୍ୟରେ ବିବାଦ ବଢିଛି। ସିନ୍ଧୁର ଉପନଦୀ ଭାବେ ଝେଲମ ନଦୀ ଜଳକୁ ନେଇ ଏହି ପ୍ରକଳ୍ପ ୧୯୮୭ରେ କାର୍ଯ୍ୟକାରୀ କରାଯାଇଥିଲା। କିନ୍ତୁ ପାକିସ୍ତାନର ବିରୋଧ ପରେ ଏହାକୁ ୨୦୦୭ରେ ବନ୍ଦ କରିଦିଆଯାଇଥିଲା। ବର୍ତ୍ତମାନ ଯେହେତୁ ସିନ୍ଧୁ ଜଳ ପାକିସ୍ତାନକୁ ଛଡାଯାଉ ନାହିଁ , ତେଣୁ ଏହି ପ୍ରକଳ୍ପର କାର୍ଯ୍ୟକୁ ପୁନଃ ଆରମ୍ଭ କରିବାକୁ ଓମାର ଅବଦୁଲ୍ଲା ଦାବି କରୁଛନ୍ତି। କିନ୍ତୁ ପାକିସ୍ତାନ ସମର୍ଥନରେ ବାହାରି ମେହବୁବା ଏହାକୁ ବିରୋଧ କରୁଛନ୍ତି। ମେହବୁବା ଶସ୍ତା ରାଜନୀତି ଏବଂ ପାକିସ୍ତାନର କିଛି ବର୍ଗର ଲୋକଙ୍କୁ ଖୁସି କରିବାକୁ ଚାହୁଁଥିବାରୁ ସେ ଏହି ପ୍ରକଳ୍ପକୁ ବିରୋଧ କରୁଛନ୍ତି ବୋଲି ଓମାର କହିଛନ୍ତି।



■ ବ୍ରହ୍ମୋସ୍‌କୁ ନେଇ ଆମେରିକୀୟ ସାମରିକ ବିଶେଷଜ୍ଞଙ୍କ ଟିପ୍ପଣୀ

## ମୁକାବିଲା କରିପାରିବେନି ପାକିସ୍ତାନ-ଚୀନ୍



ନୂଆଦିଲ୍ଲୀ,୧୬।୫(ଏଜେନ୍ସି): ପାକିସ୍ତାନ ବିପକ୍ଷରେ ଭାରତର 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ଏବଂ ସଫଳତାକୁ ନେଇ ପାଶ୍ଚାତ ଜଗତ ଏକପ୍ରକାର ସ୍ତବ୍ଧ ହୋଇଯାଇଛି। ବିଶେଷକରି ଆମେରିକୀୟ ସାମରିକ ବିଶେଷଜ୍ଞମାନେ ଭାରତର ସଫଳତାକୁ ଅତୁଳନୀୟ ବୋଲି କହିଥିଲା ବେଳେ ଗୋଟିଏ ପରେ ଗୋଟିଏ ରିପୋର୍ଟ ସାମ୍ନାକୁ ଆସିବାରେ ଲାଗିଛି। ଏହିକ୍ରମରେ ଭାରତର ସୁପରସୋନିକ କ୍ଷେପଣାସ୍ତ୍ର ବ୍ରହ୍ମୋସ୍‌ର କ୍ଷମତାକୁ ପ୍ରତିଷ୍ଠିତ ଆମେରିକୀୟ ସାମରିକ ବିଶେଷଜ୍ଞ ଜନ୍ ସ୍ପେନସର ପ୍ରଶଂସା କରିଛନ୍ତି। ଭାରତ ଏହାକୁ ଉପଯୋଗ କରି ପାକିସ୍ତାନ ବିପକ୍ଷରେ ଉଭୟ ଆକ୍ରାମକ ଏବଂ ରକ୍ଷଣାତ୍ମକ ଉପାୟରେ ଆକ୍ରମଣ କରିଛି ବୋଲି କହିଛନ୍ତି। ଏହାଛଡ଼ା ବ୍ରହ୍ମୋସ୍ ଦ୍ୱାରା ଭାରତ ପାକିସ୍ତାନ ଉପରେ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିପାରେ ବୋଲି ସେ କହିଛନ୍ତି। ବ୍ରହ୍ମୋସ୍ ଏତେ ଶକ୍ତିଶାଳୀ ଯେ, ପାକିସ୍ତାନ କିମ୍ବା ଚୀନ୍‌ର ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ମୁକାବିଲା କରିବାକୁ ସକ୍ଷମ ହେବେ ନାହିଁ ବୋଲି ଜନ୍ କହିଛନ୍ତି। ଭାରତର ଏକ ଦୈନିକ ଇଂରାଜୀ ଖବର କାଗଜକୁ ସାକ୍ଷାତକାର ଦେଇ ଜନ୍ କହିଛନ୍ତି ଯେ, ପାକିସ୍ତାନ ନିଜର ସୁରକ୍ଷା ପାଇଁ ଚାଇନା ଏୟାର ଡିଫେନ୍ସ ସିଷ୍ଟମ ଉପଯୋଗ କରିଥିଲା। ହେଲେ ବ୍ରହ୍ମୋସକୁ ଏହା ମୁକାବିଲା କରିବାକୁ ସକ୍ଷମ ହୋଇ ନାହିଁ। ଯଦ୍ୱାରା ଭାରତ ପାକିସ୍ତାନର ବହୁ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଭାରତ ପାକିସ୍ତାନର ବହୁ ଡ୍ରୋନ ଆକ୍ରମଣକୁ ପ୍ରତିହତ କରିପାରିଛି ବୋଲି ଜନ୍ କହିଛନ୍ତି।

## 'ବ୍ରହ୍ମୋସ୍' ଶକ୍ତିକୁ ସ୍ୱୀକାର କରିଛି ପାକିସ୍ତାନ

ଅହମଦାବାଦ, ୧୬।୫ (ଏଜେନ୍ସି): ବ୍ରହ୍ମୋସ କ୍ଷେପଣାସ୍ତ୍ରର ଶକ୍ତିକୁ ପାକିସ୍ତାନ ସ୍ୱୀକାର କରି ନେଇଛି। ଏହି କ୍ଷେପଣାସ୍ତ୍ର ପାକିସ୍ତାନକୁ ରାତିର ଅନ୍ଧକାରରେ ଦିନର ଆଲୋକ ଦେଖାଇ ଦେଇଛି। 'ଅପରେସନ ସିନ୍ଦୂର' ଏବେ ଶେଷ ହୋଇନାହିଁ। ଏହା କେବଳ ଏକ ଟ୍ରେଲର ଥିଲା। ସମୟ ଆସିଲେ ସାରା ବିଶ୍ୱକୁ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଦେଖାଇବୁ। ପାକିସ୍ତାନର ବ୍ୟବହାରକୁ



ଦେଖି ଏବେ କେବଳ ନିର୍ଦ୍ଦିଷ୍ଟ ସମୟ ପାଇଁ ଅସ୍ତ୍ରବିରତି କରାଯାଇଛି। ବ୍ୟବହାର ଖରାପ ହେଲେ ପୁଣି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ଅପରେସନ ସିନ୍ଦୂରର ସଫଳତା ପରେ ଗୁଜରାଟର ଭୁଜ୍ ସ୍ଥିତ ବାୟୁସେନା ଷ୍ଟେସନରେ ଗସ୍ତରେ ଯାଇ ସେ ଶୁକ୍ରବାର ଏହି ଟିପ୍ପଣୀ ଦେଇଛନ୍ତି। ସେ ଏଠାରେ ଯବାନଙ୍କୁ ଭେଟି ଉତ୍ସାହ ବଢ଼ାଇଛନ୍ତି। ରାଜନାଥ କହିଛନ୍ତି ଯେ ଏହି ସିନ୍ଦୂର ଶୃଙ୍ଗାରର ନୁହେଁ, ଶୌର୍ଯ୍ୟ, ସଙ୍କଳ୍ପର ପ୍ରତୀକ। ଭାରତ ଏହା ମାଧ୍ୟମରେ ଆତଙ୍କବାଦର ମଥାରେ ଲାଲ ସଙ୍କେତ ଟାଣି ଦେଇଛି। ଜୈସ-ଇ-ମହମ୍ମଦ ଆତଙ୍କବାଦୀ ମାସୁଦ ଆଝାରକୁ ଜନତାଙ୍କ ଟିକସରୁ ୧୪ କୋଟି ଟଙ୍କା ଦେବାକୁ ନେଇ ପାକିସ୍ତାନ ସରକାରଙ୍କୁ ରାଜନାଥ ଚେତାବନୀ ଦେଇଛନ୍ତି। ଅପରେସନ ସିନ୍ଦୂରରେ ଭାରତ ଧ୍ୱଂସ କରିଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ପୁଣିଥରେ ଗଢିବା ପାଇଁ ପାକିସ୍ତାନ ସହାୟତା ଦେଉଥିବା ସେ କହିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ରୁ ମିଳିଥିବା ସହାୟତାରୁ ଏହି ଅର୍ଥ ଦିଆଯାଉଛି ବୋଲି ସେ ଦାବି କରିଛନ୍ତି।

■ ଆତଙ୍କବାଦୀଙ୍କ ୩ ସହଯୋଗୀ ଗିରଫ

## ୨ ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୬।୫ (ଏଜେନ୍ସି): ଜମ୍ମୁ-କଶ୍ମୀର ବଡ଼ଗାମରୁ ଆତଙ୍କବାଦୀଙ୍କ ତିନି ସହଯୋଗୀଙ୍କୁ ଗିରଫ କରାଯାଇଛି। ଏମାନେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ପାଇଁ କାମ କରୁଥିଲେ। ଏହି ତିନି ଜଣ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ହୋଇ ଯୁବବର୍ଗଙ୍କ ମାଇଣ୍ଡ ୱାଶ କରି ଆତଙ୍କବାଦୀ ହେବାକୁ ପ୍ରବର୍ତ୍ତାଉ ଥିଲେ। ଏହା ପୂର୍ବରୁ ଘାଟୀରେ ଗତ ତିନି ଦିନରେ ହୋଇଥିବା ଦୁଇଟି ଏନକାଉଣ୍ଟରରେ ସେନା ୬ ଆତଙ୍କବାଦୀଙ୍କୁ ନିହତ କରିଛି। ସେନା ଏବଂ ପୁଲିସ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଶୁକ୍ରବାର ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ କଶ୍ମୀରରେ ଆତଙ୍କବାଦୀ ବିରୋଧୀ ଅଭିଯାନ ଜାରି ରହିଛି। ତ୍ରାଲ ଏବଂ ସୋପିଆନରେ ୨ଟି ଏନକାଉଣ୍ଟର ହୋଇଛି। ଉଚ୍ଚ ପାହାଡିଆ ଅଞ୍ଚଳରେ ଥିବା ଏକ ଗ୍ରାମରେ ସୁରକ୍ଷାବାହିନୀ ଆତଙ୍କବାଦୀଙ୍କୁ ମାରିଥିଲା। ସବୁ ସୁରକ୍ଷାବାହିନୀ ମଧ୍ୟରେ ସମନ୍ୱୟ ଭଲ ଥିଲା। ଏହା ଅଭିଯାନ ତାହାର ପ୍ରମାଣ। ଜମ୍ମୁ ଏବଂ କଶ୍ମୀରରୁ ଆତଙ୍କାବଦକୁ ସମୂଳେ ଧ୍ୱଂସ କରାଯିବ। ଏହା କେବଳ ସ୍ଥାନୀୟ ଜନତାଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଲା। ସେଥିପାଇଁ ସେମାନଙ୍କୁ ଧନ୍ୟବାଦ। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ସେନା ଘାଟୀରେ ସକ୍ରିୟ ଥିବା ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି କରିଥିଲା। ଏମାନଙ୍କ ମଧ୍ୟରୁ ସେନା ୬ ଜଣଙ୍କୁ ନିହତ କଲାଣି।

## ଯୁଦ୍ଧ ବନ୍ଦ ପାଇଁ ରୁଷ୍-ୟୁକ୍ରେନ ପ୍ରତ୍ୟକ୍ଷ ଆଲୋଚନା

ଅଙ୍କାରା, ୧୬।୫ (ଏଜେନ୍ସି): ତିନି ବର୍ଷରୁ ଅଧିକ ସମୟ ହେଲା ଜାରି ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଆଲୋଚନା ହୋଇଛି। ତୁର୍କୀ ମଧ୍ୟସ୍ଥତାରେ ଅଙ୍କାରାରେ ଉଭୟ ରାଷ୍ଟ୍ରର ପ୍ରତିନିଧି ୨ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏ ପର୍ଯ୍ୟନ୍ତ ଏହାର ନିର୍ଯାସ ସାମ୍ନାକୁ ଆସି ନାହିଁ। ୟୁକ୍ରେନ ପ୍ରତିନିଧିମଣ୍ଡଳର ନେତୃତ୍ୱ ପ୍ରତିରକ୍ଷାମନ୍ତ୍ରୀ ରୁସ୍ତମ ଉମରୋଭ ଏବଂ ରାଷ୍ଟ୍ରପତି ଭ୍ଲାଦିମର ପୁତିନଙ୍କ ସହଯୋଗୀ ଭ୍ଲାଦିମିର ମେଣ୍ଡିସ୍କି ରୁଷ୍ ଦଳର ନେତୃତ୍ୱ ନେଇଥିଲେ। ଆଲୋଚନା ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି କହିଥିଲେ ଯେ ଆମେରିକା ଏବଂ ତୁର୍କୀ ରାଷ୍ଟ୍ରପତିଙ୍କୁ ସମ୍ମାନ କରୁଥିବାରୁ ସେ ଏହି ଆଲୋଚନା ପାଇଁ ନିଷ୍ପତ୍ତି ନେଇଥିଲେ। ରୁଷ୍ ପ୍ରତିନିଧିମଣ୍ଡଳରେ ନିଷ୍ପତ୍ତି ନେବା ଭଳି କୌଣସି ଲୋକ ସାମିଲ ହୋଇନାହାନ୍ତି ବୋଲି ସେ କହିଥିଲେ।

## ଏଭରେଷ୍ଟରେ ଭାରତୀୟ ପର୍ବତାରୋହୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ଜଣେ ଭାରତୀୟ ଏବଂ ଫିଲିପିନ୍ସର ଜଣେ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି। ୮, ୮୪୯ ମିଟର ଉଚ୍ଚ ଗିରିଶୃଙ୍ଗରେ ପହଞ୍ଚି ଫେରୁଥିବାବେଳେ ହିଲାରୀ ଷ୍ଟେପ ନିକଟରେ ଗୁରୁବାର ସୁବ୍ରତ ଘୋଷ (୪୫) ପ୍ରାଣ ହରାଇ ଥିଲେ। ନେପାଳର ସ୍ନୋଇ ହୋରିଜନ ଟ୍ରେକ ଆଣ୍ଡ ଏକ୍ସପେଡିସନ କମ୍ପାନୀର ବୋଧରାଜ ଭଣ୍ଡାରୀ କହିଛନ୍ତି ଯେ ସୁବ୍ରତ ହିଲାରୀ ଷ୍ଟେପରୁ ତଳକୁ ଓହ୍ଲାଇବାକୁ ମନା କରିଦେଇଥିଲେ। ସେଥିପାଇଁ ତାଙ୍କ ଜୀବନ ଗଲା। ଏବେ ତାଙ୍କ ମୃତଦେହ ବେସ୍ କ୍ୟାମ୍ପକୁ ଆଣିବା ପାଇଁ ପ୍ରୟାସ କରାଯାଉଛି।

## କଡ଼ ଲେଉଟାଉଛି କରୋନା; ହଂକଂରୁ ୩୧ ରୋଗୀ ଚିହ୍ନଟ

ହଂକଂ, ୧୬।୫ (ଏଜେନ୍ସି): ପୁଣି କଡ଼ ଲେଉଟାଇଲାଣି କରୋନା ମହାମାରୀ। ବିଶ୍ୱରେ ଲକ୍ଷ ଲକ୍ଷ ଜୀବନ ନେଇ ଭୟାବହ ପରିସ୍ଥିତି ସୃଷ୍ଟି କରିଥିବା ଏହି ଭୂତାଣୁ ମାମଲା ହଂକଂ ଏବଂ ସିଙ୍ଗାପୁରରେ ବଢ଼ିବାରେ ଲାଗିଛି। ଗତ ୩ ତାରିଖ ସୁଦ୍ଧା ହଂକଂରୁ ୩୧ ସଂକ୍ରମିତଙ୍କୁ ଚିହ୍ନଟ କରାଗଲାଣି। ତେବେ ଚିନ୍ତାର ବିଷୟ ଏହି କି ଯେ ଏମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇସାରିଛି। ତେବେ ପ୍ରଥମ ମାମଲା କେବେ ସାମ୍‌ନାକୁ ଆସିଥିଲା ତାହା ହଂକଂ ପକ୍ଷରୁ କୁହାଯାଇ ନାହିଁ। କେବଳ ସଂକ୍ରମଣର ସୂଚନା ଦିଆଯାଇଛି।

ଏହା ପୂର୍ବରୁ ସିଙ୍ଗାପୁରରୁ ବି ଏଭଳି ରିପୋର୍ଟ ସାମ୍‌ନାକୁ ଆସିଥିଲା। ଏଠାରେ କିଛି ଦିନ ମଧ୍ୟରେ କରୋନା ମାମଲା ୨୮ ପ୍ରତିଶତ ବୃଦ୍ଧି ପାଇଛି। ଏପ୍ରିଲ ଶେଷ ସପ୍ତାହ ସୁଦ୍ଧା ଏହି ଦେଶରୁ ୧୧, ୧୧୦ ରୋଗୀ ଚିହ୍ନଟ ହୋଇଥିଲେ। ଏହା ମେ' ପ୍ରଥମ ସପ୍ତାହବେଳକୁ ୧୪, ୨୦୦ରେ ପହଞ୍ଚି ଯାଇଛି। ସେହିପରି ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ରୋଗୀଙ୍କ ସଂଖ୍ୟା ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହି ମହାମାରୀ ପୁଣିଥରେ ଭୟଙ୍କର ରୂପ ଧାରଣ କରିପାରେ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ଏହା ଏସିଆର ଅନ୍ୟ ଭାଗକୁ ମଧ୍ୟ ବ୍ୟାପିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଚୀନ୍ ଏବଂ ଥାଇଲାଣ୍ଡ ସରକାର ମଧ୍ୟ କରୋନାକୁ ନେଇ ସତର୍କ ରହିଛନ୍ତି। ଚୀନ୍‌ରେ କରୋନା ମାମଲା ଦ୍ୱିଗୁଣିତ ହୋଇଯାଇଛି। ସ୍ଥିତିକୁ ଦେଖି ଲୋକଙ୍କୁ ବୁଷ୍ଟର ଡୋଜ୍ ଲଗାଇବାକୁ ପରାମର୍ଶ ଦିଆଯାଇଛି। ପୁଣିଥରେ କରୋନା ଲହର ଆସିପାରେ ବୋଲି 'ଚାଇନିଜ ସେଣ୍ଟର ଫର ଡିଜିଜ ଆଣ୍ଡ ପ୍ରିଭେନସନ' ପକ୍ଷରୁ କୁହାଯାଇଛି। ସେହିପରି ଥାଇଲାଣ୍ଡରେ ଦୁଇଟି ଅଲଗା ଅଞ୍ଚଳରେ କରୋନା ମାମଲା ବୃଦ୍ଧି ପାଇଛି।

### ମଧ୍ୟପ୍ରଦେଶରୁ ଉତ୍ତର ପ୍ରଦେଶ ଯାଏଁ 'ଅପରେସନ୍ ସିନ୍ଦୂର' ରାଜନୀତି

# ସେନାବିରୋଧୀ ବୟାନ ଦେଇ ଫସିଲେ ନେତା

ଭୋପାଳ, ୧୬।୫ (ଏଜେନ୍ସି): 'ଅପରେସନ୍ ସିନ୍ଦୂର୍' ପରେ ମଧ୍ୟ ପ୍ରଦେଶରୁ ଉତ୍ତର ପ୍ରଦେଶ ଯାଏଁ ସେନା ପ୍ରତି ବିଜେପି ନେତାଙ୍କ ବିରୋଧାତ୍ମକ ବୟାନକୁ ନେଇ ରାଜନୀତି ଜୋର୍ ଧରିଛି। ବିବାଦୀୟ ମନ୍ତବ୍ୟ ଦେଇ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହା ଫସିଥିବାବେଳେ ତାଙ୍କ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି। ମନ୍ତ୍ରୀଙ୍କୁ ହାଇକୋର୍ଟ ଭର୍ତ୍ସନା କରି ଏତଲା ରୁଜୁ ନିର୍ଦ୍ଦେଶ ଦେଇଥିବାବେଳେ ଏବେ ଉପ-ମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଡ଼ା ବିବାଦୀୟ ମନ୍ତବ୍ୟ ଦେବାରେ ମନ୍ତ୍ରୀ ବିଜୟ ଶାହାଙ୍କୁ ଟପି ଯାଇଛନ୍ତି। କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ନେଇ ଶାହା ଅପମାନଜନକ ମନ୍ତବ୍ୟ ଦେଇଥିବାବେଳେ ଏବେ ଦେବଡ଼ା ସମ୍ପୂର୍ଣ୍ଣ ସେନାକୁ ଲଜ୍ଜିତ କଲାଭଳି ଟିପ୍ପଣୀ ଦେଇଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଦେବଡ଼ା ଶୁକ୍ରବାର ଜବଲପୁରରେ 'ଅପରେସନ ସିନ୍ଦୂର'କୁ ନେଇ ବିବାଦୀୟ ବୟାନ ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେବା ଉଚିତ। ସାରା ଦେଶ, ଦେଶର ସେନା ଏବଂ ସୈନିକ ପ୍ରଧାନମନ୍ତ୍ରୀଙ୍କ ଚରଣ



ତଳେ ନତମସ୍ତକ। ଉପ-ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ତୀବ୍ର ଭର୍ତ୍ସନା କରାଯାଉଛି। ଏହା ସେନାର ଶୌର୍ଯ୍ୟ ପ୍ରତି ଅପମାନ ବୋଲି କହି କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି ଯେ ବିଜେପି ନେତାମାନେ କ୍ରମାଗତ ଭାବେ ସେନା ପ୍ରତି ଅପମାନଜନକ ମନ୍ତବ୍ୟ ଦେଇ ଚାଲିଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଦୁର୍ଭାଗ୍ୟପୂର୍ଣ୍ଣ। ତେବେ ବିଜେପି ନିଜ ନେତାଙ୍କ ପଛରେ ହାତ ରଖିଛି। ଏଭଳି ମନ୍ତବ୍ୟକୁ ବିରୋଧ କରିବା ବଦଳରେ ମନ୍ତବ୍ୟକୁ କଂଗ୍ରେସ ମୋଡିମକଚି ଉପସ୍ଥାପନ କରିଥିବା ଅଭିଯୋଗ କରିଛି।

ସେହିପରି ଉତ୍ତର ପ୍ରଦେଶର ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ୱିଙ୍ଗ୍ କମାଣ୍ଡର୍ ବ୍ୟୋମିକା ସିଂହଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସୂଚନା ଅନୁଯାୟୀ ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିଅର୍ସ କାର୍ଯ୍ୟକ୍ରମରେ ଯୋଗଦେଇ ଦେବଡ଼ା କହିଥିଲେ ଯେ ମନରେ ବହୁତ କ୍ରୋଧ ଥିଲା। ପର୍ଯ୍ୟଟକ ବୁଲିବାକୁ ଯାଇଥିଲାବେଳେ ତାଙ୍କୁ ଧର୍ମ ପଚାରି ହତ୍ୟା କରାଗଲା। ସ୍ତ୍ରୀ ଓ ପିଲାଙ୍କ ସାମ୍ନାରେ ସ୍ୱାମୀକୁ ଗୁଳି କରାଗଲା। ସେହି ଦିନଠୁ ଭଲ ଲାଗୁ ନ ଥିଲା। ଆତଙ୍କବାଦୀଙ୍କ ଏବଂ ଏମାନଙ୍କୁ ପାଳିଥିବା ଲୋକଙ୍କଠାରୁ ପ୍ରତିଶୋଧ ନ ନେବା ପର୍ଯ୍ୟନ୍ତ ଆରାମରେ ନିଃଶ୍ୱାସ ନେବୁନାହିଁ ବୋଲି ଭାବିଥିଲୁ। ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ଦେଶ, ସେନା ଏବଂ ସୈନିକ ସମସ୍ତେ ତାଙ୍କ ଚରଣରେ ନତମସ୍ତକ। ତାଙ୍କ ଚରଣରେ ସାରା ଦେଶ ନତମସ୍ତକ। ସେ ଯେଉଁ ଜବାବ ଦେଲେ ତାହାର ଯେତେ ପ୍ରଶଂସା କରିବ ସେତେ କମ୍ ହେବ। ବିବାଦ ବଢ଼ିବାରୁ ଉପ-ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି। ଗଣମାଧ୍ୟମରେ ଏହାକୁ ମୋଡିମକଚି କୁହାଯାଉଛି। ଅପରେସନ ସିନ୍ଦୂରରେ ସେନା ଯେଉଁ କାମ କରିଛି ତାହାର ଯେତେ ପ୍ରଶଂସା କଲେ ସେତେ କମ୍ ହେବ ବୋଲି କହିଥିଲି। ଯେଉଁମାନେ ମୋ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ସରକାରଙ୍କ ବର୍ଷପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

# ପାଗ ଭିଡ଼ିଲେଣି ଡଜନେ ଆଶାୟୀ

■ ପ୍ରସ୍ତାବ ମିଳିଲେ ଚିନ୍ତା କରିବି: ଜୟନାରାୟଣ

■ ମନ୍ତ୍ରୀ ହେବାକୁ ମୁଁ ସବୁଠୁ ଫିଟ୍: ପଦ୍ମଲୋଚନ

**ଭୁବନେଶ୍ୱର,୧୬।୫(ସମିସ):** ଆସନ୍ତା ଜୁନ୍ ୧୨ରେ ସରକାରଙ୍କ ବର୍ଷପୂର୍ତ୍ତିକୁ ଧୁମଧାମରେ ପାଳନ କରାଯିବ । ଏହା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ। ବର୍ଷେ ହେଲା ମନ୍ତ୍ରୀ ପଦ ପାଇଁ ଆଶାୟୀଙ୍କ ମନରେ ଏହି ଖବର ଶିହରଣ ସୃଷ୍ଟି କରିଛି। ଲବି କରି କରି ଥକି ପରିଥିବା ନେତାମାନଙ୍କ ମନରେ ପୁଣିଥରେ ମନ୍ତ୍ରୀ ପଦ ଆଶା ଗଜା ମାରିଛି । ଆଶାୟୀ ଦୁଇ ଡ଼ଜନରୁ ଉର୍ଦ୍ଧ୍ୱ ବିଧାୟକଙ୍କ ମଧ୍ୟରେ ଅନ୍ୟୂନ ଛଅ ସାତଜଣ ପୁରୁଖା ନେତା ବି ମନ୍ତ୍ରୀ ପଦ ପାଇଁ ଆଶାୟୀ ଅଛନ୍ତି । ଏହି ସମୟରେ ମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ ଆସିଲେ ଚିନ୍ତା କରିବେ ବୋଲି କହିଛନ୍ତି ଦଳର ପୁରଖା ନେତା ଜୟନାରାୟଣ ମିଶ୍ର । ଅନୁରୂପ ଭାବରେ ପୁରୁଖା ନେତା ପଦ୍ମଲୋଚନ ପଣ୍ଡା ମଧ୍ୟ ମନ୍ତ୍ରୀ ପଦ ପାଇଁ ଖୋଲାଖୋଲି ନିଜର ଆଗ୍ରହ ବ୍ୟକ୍ତ କରିଛନ୍ତି। ମନ୍ତ୍ରୀ ହେବା ପାଇଁ ତାଙ୍କଠାରୁ ଫିଟ୍ ଓ ଯୋଗ୍ୟ ଲୋକ ଦଳରେ ନାହାନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଆଲୋଚନା ଜାରି ରହିଥିବା ବେଳେ ଜୟନାରାୟଣଙ୍କ ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି। ସେ କହିଛନ୍ତି ଯେ ସରକାରରେ ମୁଁ ନାହିଁ, ଲୋକଙ୍କ ସାଙ୍ଗରେ ଅଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ଅଫର୍ ମିଳିଲେ ଚିନ୍ତା କରିବି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଜୟ ନାରାୟଣ କହିଛନ୍ତି ଯେ ମନ୍ତ୍ରିମଣ୍ଡଳରେ ସ୍ଥାନ ନେଇ ମୋତେ କେହି କିଛି କହିନାହାନ୍ତି। ଯେଉଁ ସମୟରେ ସେମାନେ କହିବେ, ସେସମୟରେ ମୁଁ ଚିନ୍ତା କରିବି। ଭଲ ଲାଗିଲେ ମନ୍ତ୍ରୀ ହେବି ବୋଲି ସେ କହିଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ଜୟନାରାୟଣ ଦଳ ବିରୋଧରେ ବିଭିନ୍ନ ସମୟରେ ଅସନ୍ତୋଷ ଜାହିର କରି ଆସିଛନ୍ତି। ଏପରି ଅସନ୍ତୋଷ ପଛରେ ତାଙ୍କର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ନେଇ ଥିବା ଲାଳସା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରି ଆସୁଛନ୍ତି। ଗତ ଫେବୃଆରୀ ମାସରେ ଜୟ ନାରାୟଣ ଦଳ ବିରୋଧରେ ନିଜର ଅସନ୍ତୋଷ ଝାଡ଼ିଥିଲେ। ରାଜ୍ୟ ସଭାପତି ଚୟନ ପ୍ରସଙ୍ଗରେ ସାମ୍ବାଦିକ ପ୍ରଶ୍ନ କରିଥିବା ବେଳେ ଜୟ ନାରାୟଣ କହିଥିଲେ ଯେ ରାଜ୍ୟ ସଭାପତି ଚୟନ ସମ୍ପର୍କରେ ଆପଣମାନେ ଦଳର ମୁଖପାତ୍ରଙ୍କୁ ପ୍ରଶ୍ନ କରନ୍ତୁ। ମୋ ପାଖରେ ଏନେଇ ଖବର ନାହିଁ। ଯେଉଁମାନେ ନିଷ୍ପତ୍ତି ନେଉଛନ୍ତି, ସେମାନଙ୍କ ମଧ୍ୟରେ ମୁଁ ନାହିଁ। ଦଳରେ ବରିଷ୍ଠତାର ମୂଲ୍ୟ କଣ ଅଛି ବୋଲି ସେ କ୍ଷୋଭ ପ୍ରକାଶ କରି କହିଥିଲେ। ଅପରପକ୍ଷରେ ମନ୍ତ୍ରୀ ପଦ ପାଇଁ ନିଜର ଦାବିକୁ ଜାହିର୍ କରିଛନ୍ତି ପଦ୍ମଲୋଚନ ପଣ୍ଡା। ସେ କହିଛନ୍ତି ଯେ ବର୍ତ୍ତମାନ ମନ୍ତ୍ରୀମଣ୍ଡଳରେ ୬ଟି ମନ୍ତ୍ରୀ ପଦ ଫାଙ୍କା ପଡ଼ିଛି। ଜଣେ ଜଣେ ମନ୍ତ୍ରୀଙ୍କ ପାଖରେ ଏକାଧିକ ବିଭାଗ ଦାୟିତ୍ୱ ରହିଛି। ମୁଖ୍ୟମନ୍ତ୍ରୀ ଚାହିଁଲେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବେ। ମୁଖ୍ୟମନ୍ତ୍ରୀ ଯଦି ଏନେଇ ଆମ ସହ ଆଲୋଚନା କରିବାକୁ ଚାହାନ୍ତି, ଆମେ ପ୍ରସ୍ତୁତ ଅଛୁ। ଦାୟିତ୍ୱ ନେବାକୁ କଣ ଆମେ ଅନଫିଟ୍ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ମୋ ଠାରୁ ମନ୍ତ୍ରୀପଦ ପାଇଁ କିଏ ଅଧିକ ଫିଟ୍ ଅଛି। ଶିକ୍ଷାଗତ ଯୋଗ୍ୟତାଠାରୁ ରାଜନୈତିକ ଅଭିଜ୍ଞତା ଯାଏଁ ସବୁଥିରେ ମୁଁ ଆଗରେ। ସରକାରୀ ଦଳରେ ମୁଁ ଜଣେ ବରିଷ୍ଠ ବିଧାୟକ। ମୋର ମଧ୍ୟ ଆତ୍ମସମ୍ମାନ ଅଛି ବୋଲି ସେ କହିଛନ୍ତି।

**ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗଙ୍କ ପାଇଁ ଲଢ଼େଇ ଜାରିରଖିବ ବିଜେଡି**

# ୨୧ରେ ରାଜଭବନ ସମ୍ମୁଖରେ ଗଣଧାରଣା



**ଭୁବନେଶ୍ୱର,୧୬।୫(ସମିସ):** ରାଜ୍ୟର ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ୧୧.୨୫ ପ୍ରତିଶତ ସିଟ ସଂରକ୍ଷଣ ନିଷ୍ପତ୍ତି କେବଳ ଏକ ପ୍ରବଞ୍ଚନା। ସମସ୍ତ ଶିକ୍ଷାନୁଷ୍ଠାନରେ ଏସଇବିସି ବା ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ହେବା ଆବଶ୍ୟକ। ଏହି ଦାବି ନେଇ ଆସନ୍ତା ୨୧ ତାରିଖରେ ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଏକ ବିଶାଳ ଗଣଧାରଣା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ବିଜେଡି ଓବିସି ସେଲ ଆବାହକ ତଥା ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ ।

**ଆସନ ଖାଲି ପଡୁଥିବା ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ଘୋଷଣା ପ୍ରବଞ୍ଚନା**

ଏହା ସହ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ସାହୁଙ୍କ ସମେତ ବିଜେଡି ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା, ବରିଷ୍ଠ ଉପସଭାପତି ସଞ୍ଜୟ ଦାସବର୍ମା, ମୁଖପାତ୍ର ପ୍ରଦୀପ ମାଝୀ ପ୍ରମୁଖ ରାଜ୍ୟ ସରକାରଙ୍କ ସଂରକ୍ଷଣ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି।

ଡ. ସାହୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ସମ୍ବନ୍ଧରେ ପ୍ରକାଶିତ ହୋଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଛି ଯେ ଏହା କେବଳ ଅଣବୈଷୟିକ ଓ ଅଣ ବୃତ୍ତିଗତ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ। ଯେଉଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି ସେହି ଶିକ୍ଷାନୁଷ୍ଠାନ ମାନଙ୍କରେ ଥିବା ଆସନ ଗୁଡିକ ପ୍ରାୟତଃ ଖାଲି ପଡୁଛି। ଖାଲି ପଡୁଥିବା ଆସନ ଗୁଡିକ ପାଇଁ ସଂରକ୍ଷଣ ଘୋଷଣା କରିବା ଓ ଏହାକୁ ଐତିହାସିକ ବୋଲି ଦାବି କରିବା କେବଳ ପ୍ରବଞ୍ଚନା। ଶିକ୍ଷାନୁଷ୍ଠାନଗୁଡିକରେ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଗୋଟିଏ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ବିଜେଡି ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଆସୁଛି। ରାଜ୍ୟ ସରକାର କ୍ଷମତାକୁ ଆସିବାର ଏକ ବର୍ଷ ପୂରଣ ହେବାକୁ ଯାଉଛି ଓ ଏହି ଏକ ବର୍ଷରେ ସରକାର ସେପରି କିଛି ଆଖି ଦୃଶିଆ ଉପଲବ୍‌ଧି ହାସଲ କରିପାରି ନାହାନ୍ତି। ତେଣୁ ତରବରିଆ ଭାବେ ସରକାର ଏଭଳି ଏକ ପ୍ରଭାବହୀନ ସଂରକ୍ଷଣ ଘୋଷଣା କରିଛନ୍ତି। କିନ୍ତୁ ଇଂଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯାଇ ନାହିଁ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରତିବାଦ କରିବା ସହିତ ତୁରନ୍ତ ରାଜ୍ୟର ସମସ୍ତ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗ ପାଇଁ ୨୭ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ଡ. ସାହୁ କହିଛନ୍ତି।

# ୪ ନୂତନ ଅଦାଲତ ଉଦ୍‌ଘାଟିତ

**କଟକ, ୧୬।୫(ସମିସ):** ସୁନ୍ଦରଗଡ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାରେ ଆଜି ୪ଗୋଟି ନୂତନ ଅଦାଲତ ଉଦଘାଟିତ ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଭର୍ଚୁଆଲରେ ଏହି ନୂତନ ଅଦାଲତକୁ ଉଦ୍‌ଘାଟନ କରିଛନ୍ତି। ଏନେଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମସ୍ତ ବିଚାରପତି ଯୋଗ ଦେଇଥିଲେ। ଉଦ୍‌ଘାଟନ ହୋଇଥିବା ନୂତନ ଅଦାଲତଗୁଡ଼ିକ ହେଉଛି, ରାଉରକେଲାସ୍ଥିତ କମର୍ସିଆଲ କୋର୍ଟ, ଚଣ୍ଡିଖୋଲସ୍ଥିତ ଅତିରିକ୍ତ ସିଭିଲ ଜଜ୍(ଜୁନିଅର ଡିଭିଜନ) ତଥା ଜେଏମ୍‌ଏଫ୍‌ସି, ବାରିପଦା ସିଭିଲ ଜଜ୍ (ଜୁନିଅର ଡିଭିଜନ) ତଥା ଜେଏମଏଫସି, ଘଟଗାଁ ସିଭିଲ ଜଜ(ଜୁନିଅର ଡିଭିଜନ) ତଥା ଜେଏମଏଫସି ଅଦାଲତ। ସମ୍ପୃକ୍ତ ସ୍ଥାନମାନଙ୍କରେ ଜିଲ୍ଲା ବିଚାରବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ପାକିସ୍ତାନ ସପକ୍ଷରେ ସ୍ଲୋଗାନ ପ୍ରସଂଗ**

# ଅଭିଯୁକ୍ତର ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

**କଟକ, ୧୬।୫(ସମିସ):** ପାକିସ୍ତାନ ସପକ୍ଷରେ ସ୍ଲୋଗାନ୍ ଦେବା ଅଭିଯୋଗରେ ରୁଜୁ ମାମଲାରେ ଅଭିଯୁକ୍ତର ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମହମ୍ମଦ ୱାହିଦଙ୍କ ପକ୍ଷରୁ ଦାୟର ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମ୍ବଲପୁର ଟାଉନ୍ ଥାନାରେ ରୁଜୁ ଏତଲା ତଥା ଏସଡିଜେଏମଙ୍କ ଅଦାଲତରେ ବିଚାରାଧୀନ ଏହି ମାମଲାରେ ଅଭିଯୁକ୍ତ ଗିରଫଦାରୀ ଏଡ଼ାଇବା ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ଏହାକୁ ସରକାରୀ ଓକିଲ ତୀବ୍ର ବିରୋଧ କରିଥିଲେ। ଜାମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ନିରୀହ ଲୋକଙ୍କ ପ୍ରାଣହାନୀ ଓ ଭାରତ -ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ବେଳେ ଆବେଦନକାରୀଜଣକ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେବା ଧର୍ତ୍ତବ୍ୟ ଅପରାଧ। ଭାରତୀୟ ନ୍ୟାୟ ସଂହିତାର ଧାରା ୧୫୨ଅନୁସାରେ ଆବେଦନକାରୀ ଏଭଳି ଅପରାଧ ପାଇଁ ଦାୟୀ ବୋଲି ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ। ହାଇକୋର୍ଟ ଏହି ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆଗୁଆ ଜାମିନ ଦେବାକୁ ଅଗ୍ରାହ୍ୟ କରିଦେଇଥିଲେ।

■ **ତାଳଚେରରେ ଚାଞ୍ଚଲ୍ୟ**

# ଅଧାବାଟରୁ ଟେକିନେଲେ, ୩୦ ଲକ୍ଷ ଦାବି କରି ପିଟିଲେ

**ତାଳଚେର ସହର, ୧୬।୫ (ସମିସ):** ଅଧା ବାଟରୁ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଅପହରଣ କରିବା, ୩୦ଲକ୍ଷ ଟଙ୍କା ଦାବି କରି ନିସ୍ତୁକ ମାଡ଼ ମାରିବା ଓ କିଛି ଶ୍ରମିକଙ୍କ ଯୋଗୁଁ ସେ ଅପହରଣକାରୀଙ୍କ କବଳରୁ ବର୍ତ୍ତିଯିବା ଭଳି ଘଟଣା ତାଳଚେର ସହରରେ ଆଜି ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ଅପହରଣର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ଗୋପାଳପ୍ରସାଦ ଥାନା ସୋଲଡ଼ା ଗ୍ରାମର ଦୀପକ ପ୍ରଧାନ। ଚିକିତ୍ସା ଲାଗି ତାଙ୍କୁ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ୍ ଏନେଇ ଅଧିକ ତଦନ୍ତ ଚଳାଇବା ସହ ଅପହରଣକାରୀମାନେ ବ୍ୟବହାର କରିଥିବା କାର୍‌କୁ ଜବତ କରିଛି। ଉକ୍ତ କାର୍‌ର ନମ୍ବର ଆଧାରରେ ପୁଲିସ୍ ତା' ମାଲିକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା ଚଳାଇଛି। ଅଭିଯୁକ୍ତମାନେ ଦୀପକଙ୍କ ସୁନାଚେନ୍, ମୁଦି, ବ୍ରେସ୍‌ଲେଟ୍ ସହ ପାଖରେ ଥିବା ମୋବାଇଲ୍ ଓ କିଛି ଟଙ୍କା ନେଇ ଯାଇଛନ୍ତି।



**ଲୁଟିନେଲେ ସୁନା ଚେନ୍, ଟଙ୍କା ଓ ମୋବାଇଲ୍**

**ଶ୍ରମିକଙ୍କ ପାଇଁ ରକ୍ଷା ପାଇଗଲେ**

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧ଟା ବେଳେ ଦୀପକ ସ୍କୁଟିରେ ଅନୁଗୋଳ ଯାଉଥିବା ବେଳେ କୁଇଓଠାରେ ୬ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ। ଦୀପକ ଭୟରେ ଅଟକିବାରୁ ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତ କାର୍‌ରେ ଅପହରଣ କରି ଗୋଡ଼ିବନ୍ଧ ବଙ୍ଗାରୁ ନିକଟ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସେମାନେ ଦୀପକଙ୍କ ହତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ କିମ୍ବା ପୁଲିସକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ପାଟିତୁଣ୍ଡ ଶୁଣି ନିକଟସ୍ଥ ଇଟାଭାଟିରେ କାମ କରୁଥିବା ଶ୍ରମିକମାନେ ଗୋଡ଼ିବନ୍ଧ ଫାଣ୍ଡି ପୁଲିସକୁ ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ କାର୍ ଛାଡ଼ି ସେଠାରୁ ଚମ୍ପଟ ମାରିଥିଲେ। ପୁଲିସ୍ ଦୀପକଙ୍କୁ ଉଦ୍ଧାର କରିବା ସହ କାର ଜବତ କରିଛି।

# ସରକାରଙ୍କ ସମବାୟ ରାଜନୀତି କର୍ମଚାରୀଙ୍କୁ କାଳ

**ଭୁବନେଶ୍ୱର/ନୟାଗଡ଼,୧୬।୫(ସମିସ):** ସମବାୟ ବ୍ୟାଙ୍କଗୁଡ଼ିକର କାମଚଳା ବଜେଟ୍ ଉପରେ ରହିତାଦେଶ ପ୍ରଦାନ କରିଛନ୍ତି ଉଚ୍ଚନ୍ୟାୟାଳୟ। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ୧୭ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ଦରମା ମିଳିବ ନାହିଁ। କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକର ବାର୍ଷିକ ଖର୍ଚ୍ଚ ବଜେଟ ପରିଚାଳନା ପରିଷଦ ଅନୁମୋଦନ ନ ହୋଇ ରାଜ୍ୟ ସମବାୟ ବ୍ୟାଙ୍କ କାମଚଳା ବଜେଟରେ କାର୍ଯ୍ୟ କରିବାକୁ ଯୋଜନା ହୋଇଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ରହିତାଦେଶ ନିର୍ଦ୍ଦେଶ ପରେ ସମବାୟ ବ୍ୟାଙ୍କର କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି ଏବଂ ଏହି ବ୍ୟାଙ୍କର କର୍ମଚାରୀମାନେ ଏବେ ଦରମା ପାଇବେ କି ନାହିଁ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ରାଜ୍ୟ ସରକାର ସମବାୟକୁ ନେଇ ରାଜନୀତି କରିବା ଚାଷୀଙ୍କ ପାଇଁ ମଧ୍ୟ ମହଙ୍ଗା ପଡ଼ିଛି।

**୧୭ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ମିଳିବନି ଦରମା**

ରାଜ୍ୟ ସମବାୟ ବ୍ୟାଙ୍କ ଭଳି ଅନେକ ବ୍ୟାଙ୍କ ପରିଚାଳନା ପରିଷଦକୁ ନିଲମ୍ବନ ତଥା ଗୌଣ କରିବାକୁ ଉଦ୍ୟମ କରିବା ଘଟଣା ବିଗତ ଦିନରେ ଦେଖିବାକୁ ମିଳିଥିଲା। ଏହା ଏବେ ସମବାୟ ବ୍ୟାଙ୍କ ଗୁଡ଼ିକ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ରହିଥିବା ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ସେମାନଙ୍କ ବାର୍ଷିକ ବ୍ୟୟକୁ କାମଚଳା ବଜେଟ ମାଧ୍ୟମରେ ଓଡ଼ିଶା ସମବାୟ ବ୍ୟାଙ୍କରୁ ଅନୁମୋଦନ କରିବାକୁ ପଠାଇଥିଲେ। ଓଏସସିବି ପରିଚାଳନା ପରିଷଦଙ୍କ ଅଜାଣତରେ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଉକ୍ତ କାମଚଳା ବଜେଟକୁ ଅନୁମୋଦନ କରିଛନ୍ତି। ଯାହାକୁ ନେଇ ଓଡ଼ିଶା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ, ଜୟଶ୍ରୀ ଗଡ଼ନାୟକ, ଇମ୍ରାନ ଖାନ୍, ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ଶୁଣାଣି କରିବା ସହ କାମଚଳା ବଜେଟ ଉପରେ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି। ଏହା ସହ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ସମବାୟ ବ୍ୟାଙ୍କ ଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିୟମ ଅନୁସାରେ କାମଚଳା ବଜେଟକୁ ନିଜ ବ୍ୟାଙ୍କ ସାଧାରଣ ସଭାରେ ଅନୁମୋଦନ କରିବା ଆବଶ୍ୟକତା ରହିଥାଏ। ମାତ୍ର ନୟାଗଡ ଓ ଅନ୍ୟ କେତେକ କେନ୍ଦ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ କାମଚଳା ବଜେଟକୁ ନେଇ ଚଳିତ ଆର୍ଥିକ ବର୍ଷର କାର୍ଯ୍ୟ ଆରମ୍ଭ କରିଛନ୍ତି। ଯେଉଁ କାମଚଳା ବଜେଟ୍ ସାଧାରଣ ସଭାରେ ଉପସ୍ଥାପନ କରାଯାଇନାହିଁ। ଯାହା ଏବେ ନୂଆ ବିବାଦ ସୃଷ୍ଟି କରିଛି। ବ୍ୟାଙ୍କ ଏବଂ ପରିଚାଳନା ପରିଷଦ ମଧ୍ୟରେ ଟଣାଭିଡ଼ା ଯୋଗୁଁ ପରିସ୍ଥିତି ଗୁରୁତର ରୂପ ନେଇଛି। ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତାଦେଶ ପରେ କାମଚଳା ବଜେଟକୁ ନେଇ କେନ୍ଦ୍ର ସମବାୟ ବ୍ୟାଙ୍କ ଗୁଡ଼ିକର ନିୟମିତ ଖର୍ଚ୍ଚ ଉପରେ ଏବେ ରୋକ ଲାଗିଛି। ତେଣୁ କୌଣସି କେନ୍ଦ୍ର ସମବାୟ ବ୍ୟାଙ୍କ କିଛି ଖର୍ଚ୍ଚ କରି ପାରିବେ ନାହିଁ । ଫଳରେ ବ୍ୟାଙ୍କ କର୍ମଚାରୀ ସେମାନଙ୍କ ଦରମା କିଭଳି ପାଇବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଉପରେ କଠୋର ହେବାର ବିପରୀତ ସ୍ଥିତି ଏବେ ଭୟଙ୍କର ହେବା ନେଇ ଅନୁମାନ କରାଯାଉଛି।






**ବେତାର ବିଭାଗ ମହିଳା ଡିଏସ୍‌ପିଙ୍କ ଅସହ୍ୟ ନିର୍ଯାତନା**

# ଅଧିକାରୀଙ୍କ ନିକଟରେ ଫେରାଦ ହେଲେ ଇନ୍‌ସପେକ୍ଟର

**ଭୁବନେଶ୍ୱର,୧୬।୫(ସମିସ):** ବାଲେଶ୍ୱରରେ ଜନୈକ ଏସ୍‌ଡ଼ିପିଓଙ୍କୁ ଏସ୍‌ପିଙ୍କ ନିର୍ଯାତନା ଓ ସମ୍ପୃକ୍ତ ଏସ୍‌ଡ଼ିପିଓଙ୍କ ଆତ୍ମହତ୍ୟା ଧମକ ଖବର ରାଜ୍ୟରେ ଚର୍ଚ୍ଚାର ଝଡ଼ ସୃଷ୍ଟି କରିଛି । ଏହି ପ୍ରସଙ୍ଗ ରାଜ୍ୟ ପୁଲିସ ବାହିନୀର ଭୂମିକାକୁ କାଠଗଡ଼ାରେ ଠିଆ କରିଥିବାବେଳେ ଆଉ ଏକ ସ୍ୱର୍ଶକାତର ଘଟଣା ଲୋକଲୋଚନକୁ ଆସିଛି। ପୁଲିସବାହିନୀର ବେତାର ବିଭାଗରେ କାର୍ଯ୍ୟ କରୁଥିବା ଜଣେ ଇନ୍‌ସପେକ୍ଟରଙ୍କୁ ଜଣେ ସମ୍ପୃକ୍ତ ବିଭାଗର ଜଣେ ମହିଳା ଡ଼ିଏସ୍‌ପି ମାନସିକ ନିର୍ଯାତନା ଦେଉଥିବା ପରି ସଂଗୀନ ଅଭିଯୋଗ ଆସିଛି । ଏ ସମ୍ପର୍କରେ ସମ୍ପୃକ୍ତ ଇନ୍‌ସପେକ୍ଟର ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ନ୍ୟାୟ ପ୍ରଦାନ ନିମନ୍ତେ ଅନୁରୋଧ କରିଛନ୍ତି।

ସୂଚନା ଅନୁସାରେ ବେତାର ବିଭାଗରେ କାର୍ଯ୍ୟରତ ସମ୍ପୃକ୍ତ ମହିଳା ପୁଲିସ ଅଧିକାରୀ ନିଜ କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ବିବାଦୀୟ ହୋଇ ରହିଛନ୍ତି । ଯେଉଁ ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି, ସେଠାରେ ତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିଛି । କିଛି ବରିଷ୍ଠ ଅଧିକାରୀଙ୍କ ସହ ନିଜ ଘନିଷ୍ଠତା ଦେଖାଇ କନିଷ୍ଠ ଅଧିକାରୀଙ୍କ ଉପରେ ହାକିମାତି ଦେଖାଇବା, ସେମାନଙ୍କୁ ବିଭିନ୍ନ ଭାବରେ ଶୋଷଣ କରିବା ନେଇ ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହୋଇଛି । ଏପରିକି ଅନ୍ୟ ତଳିଆ କର୍ମଚାରୀଙ୍କ ପ୍ରତି ମଧ୍ୟ ସେ ବିଭିନ୍ନ ସମୟରେ ଅତ୍ୟନ୍ତ କଠୋର ଓ କୁତ୍ସିତ ଶବ୍ଦ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ସେ ବେତାର ବିଭାଗର ଏକ କାର୍ଯ୍ୟକ୍ରମ ସମୟରେ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ସମ୍ପୃକ୍ତ ଇନ୍‌ସପେକ୍ଟରଙ୍କ କାର୍ଯ୍ୟ ଓ ଦକ୍ଷତାକୁ ନେଇ ଭର୍ତ୍ସନା କରିବା ସହ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଆଯାଇଥିବା ସମ୍ମାନକୁ ମଧ୍ୟ ସମ୍ପୃକ୍ତ ଡ଼ିଏସ୍‌ପି କଟୁକ୍ତି କରିଛନ୍ତି। ଯାହାଫଳରେ ସମ୍ପୃକ୍ତ ଇନ୍‌ସପେକ୍ଟର ମର୍ମାହତ ହୋଇଛନ୍ତି ଏବଂ ଏହା ଓଡ଼ିଶା ସିଭିଲ୍ ସର୍ଭିସ ୧୯୬୨ ଧାରାକୁ କ୍ଷୁର୍ଣ୍ଣ କରିଥିବା କୁହାଯାଉଛି। ଦୁର୍ନୀତି ଅଭିଯୋଗରେ ପୂର୍ବରୁ ଗିରଫ ହୋଇଥିବା କିଛି କର୍ମଚାରୀ ପୁଲିସ ମୁଖ୍ୟାଳୟକୁ ନିଜ କବଜାରେ ରଖି ଯାବତୀୟ ଅନିୟମିତତା ଚଳାଇଥିବା ଅଭିଯୋଗ ହୋଇଛି। ଏମାନଙ୍କ ସହ ସମ୍ପୃକ୍ତ ମହିଳା ଅଧିକାରୀ ସମ୍ପୃକ୍ତ ହୋଇ ଅନ୍ୟ କର୍ମଚାରୀଙ୍କୁ ନିର୍ଯାତନା ଦେଉଥିବା ନେଇ ସରକାରଙ୍କ ନିକଟରେ ଅଭିଯୋଗ ହୋଇଛି।




## କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ଶ୍ରମକୋଡ୍ ବାତିଲ ଦାବି

# ୨୦ରେ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ



ଅନୁଗୋଳ, ୧୬।୫(ସମିସ)

କେନ୍ଦ୍ର ବିଜେପି ସରକାର ଦ୍ୱାରା ଶ୍ରମିକ ଶ୍ରେଣୀର କଷ୍ଟାର୍ଜିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ପ୍ରଣୟନ କରାଯାଇଥିବା ଶ୍ରମିକ ବିରୋଧୀ ଓ କର୍ପୋରେଟ୍ ସପକ୍ଷବାଦୀ ୪ ଶ୍ରମକୋଡ୍‌କୁ ବାତିଲ, ନାଲକୋ, ଏନ୍‌ଟିପିସି, ଏମ୍‌ସିଏଲ୍ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସଂସ୍ଥାଗୁଡ଼ିକର ଘରୋଇକରଣ ବନ୍ଦ, ପଛଦ୍ୱାର ଦେଇ ଘରୋଇକରଣର ନୂଆ ଫର୍ମାଟ୍ ଜାତୀୟ ମୁଦ୍ରୀକରଣ ପାଇପ୍ ଲାଇନକୁ ବାତିଲ, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୩ ବାତିଲ, ସ୍ମାର୍ଟ ମିଟର ବସାଇବା ବନ୍ଦ, ଦୈନିକ କର୍ମ ସମୟ ବୃଦ୍ଧି ନ କରି ଦୈନିକ ୮ ଘଣ୍ଟା ଓ ସପ୍ତାହକୁ ୪୮ ଘଣ୍ଟା କର୍ମ ସମୟ ନିଶ୍ଚିତ କରିବା, ସ୍ଥାୟୀ କର୍ମ ସଂସ୍ଥାନରେ ନିଯୁକ୍ତ ଲୋକଙ୍କ ସଂଖ୍ୟା ବ୍ୟାପକ ହ୍ରାସ ବନ୍ଦ କରିବା, କର୍ମଚାରୀ ସ୍ୱାର୍ଥ ବିରୋଧୀ ଜାତୀୟ ପେନସନ୍ ଯୋଜନା/ୟୁନିଫାଏଡ୍ ପେନସନ୍ ଯୋଜନା ପ୍ରତ୍ୟାହାର କରି କୌଣସି ପ୍ରାକ୍ ସର୍ତ୍ତ ବିନା ସମସ୍ତ ପେନସନଧାରୀଙ୍କ ପାଇଁ ମୂଲ୍ୟସୂଚୀଯୁକ୍ତ ପୁରୁଣା ପେନସନ୍ ଯୋଜନା ପ୍ରଚଳନ, ସ୍ଥାୟୀ କାମର ଠିକାକରଣ ଓ ସାମୟିକ ନିଯୁକ୍ତି ବନ୍ଦ, ଫିକ୍ସଡ୍ ଟର୍ମ ଏମ୍ପ୍ଲୟମେଣ୍ଟ ଜରିଆରେ ଶ୍ରମିକମାନଙ୍କୁ ମନଇଚ୍ଛା କାମରୁ ବାହାର କରିଦେବା ବ୍ୟବସ୍ଥା ବାତିଲ, ସମସ୍ତ ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ଥାୟୀ କରିବା ଓ ସେମାନଙ୍କୁ ସମସ୍ତ ଆଇନଗତ ସୁବିଧା ପ୍ରଦାନ, ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ନିରାପତ୍ତା ଏବଂ ଉପଯୁକ୍ତ ଦରମାରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମସ୍ତ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ କରି ସେମାନଙ୍କ ସାମାଜିକ ସୁରକ୍ଷା, ନିରାପତ୍ତା ସହାୟତା ପ୍ରଦାନକୁ ନିଶ୍ଚିତ କରିବା, ପ୍ଲାଟଫର୍ମ ଶ୍ରମିକମାନଙ୍କୁ ଶ୍ରମିକ ଭାବେ ସ୍ୱୀକୃତି ଦେଇ ସେମାନଙ୍କ ପାଇଁ ସମସ୍ତ ଶ୍ରମ ଆଇନ ଲାଗୁ କରିବା, ସମସ୍ତଙ୍କ ପାଇଁ କାମ କରିବା ଅଧିକାରକୁ ମୌଳିକ ସାମ୍ବିଧାନିକ ଅଧିକାରରେ ପରିଣତ କରିବା, ସମସ୍ତ ବେକାରୀଙ୍କୁ କାମ ଯୋଗାଇଦେବା-କାମ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ଯଥେଷ୍ଟ ପରିମାଣରେ ବେକାରୀ ଭତ୍ତା ପ୍ରଦାନ କରିବା, ଶ୍ରମିକମାନଙ୍କ ପାଇଁ ଟ୍ରେଡ୍ ୟୁନିୟନ୍ ଓ ଗଣତାନ୍ତ୍ରିକ ଅଧିକାର ସୁନିଶ୍ଚିତ କରିବା, ଶ୍ରମଜୀବୀ ଜନସାଧାରଣ ନିଜ ଜୀବନଜୀବିକା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ ସମସ୍ୟା ସମାଧାନ, ଖାଦ୍ୟ ସାମଗ୍ରୀ, ଔଷଧ, ପେଟ୍ରୋଲ ଜାତୀୟ ଦ୍ରବ୍ୟ ସମେତ ସମସ୍ତ ଖାଉଟି ସାମଗ୍ରୀ ଦର ହ୍ରାସ କରିବା ଆଦି ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ର ମିଳିତ ମଞ୍ଚ ପକ୍ଷରୁ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମେ ୨୦ ପରିବର୍ତ୍ତେ ଜୁଲାଇ ୯ରେ ଆୟୋଜନ କରାଯିବକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ, ଅନୁଗୋଳ ଜିଲ୍ଲା ପକ୍ଷରୁ ନାଲକୋନଗରସ୍ଥିତ ନାଲକୋ ଏମ୍ପ୍ଲୋୟିଜ୍ ସଂଘ (ଏନ୍‌ଇଏସ୍) କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଆଇଏନ୍‌ଟିୟୁସି ରାଜ୍ୟ ଯୁଗ୍ମ ସମ୍ପାଦକ ନିର୍ମଳ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କଶ୍ମୀର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବତା ପାଳନ କରାଯାଇଥିଲା। ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ଦୃଷ୍ଟିରେ ରଖି ମେ ୨୦ ଦେଶବ୍ୟାପୀର ସାଧାରଣ ଧର୍ମଘଟ ପରିବର୍ତ୍ତେ ରାଜ୍ୟ ରାଜଧାନୀ, ସମସ୍ତ ଜିଲ୍ଲା ଓ କଳକାରଖାନା ସମ୍ମୁଖରେ ଶ୍ରମିକ ବିକ୍ଷୋଭ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ, ଅନୁଗୋଳ ଜିଲ୍ଲା ପକ୍ଷରୁ ଉପରୋକ୍ତ ଦାବି ସହ କଣିହାଁ ବ୍ଲକ ଲୁଧାଝରି ଗାଁର ସୁଭଦ୍ରା ପଦିଲଙ୍କ ହତ୍ୟାକାରୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ ଦାବିରେ ମେ ୨୦ରେ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ବିକ୍ଷୋଭ ସହ ନାଲକୋ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ ସଭା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଆଇଏନ୍‌ଟିୟୁସି ରାଜ୍ୟ ଯୁବ ସଭାପତି ପ୍ରକାଶ ବେହେରା, ମନୋଜ କୁମାର ସ୍ୱାଇଁ, ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ମାଙ୍ଗିଲାଲ ସାମଲ, ଜିଲ୍ଲା କର୍ମକର୍ତ୍ତା ବାବୁଲା ସାହୁ, ଶରତ ଚନ୍ଦ୍ର ବେହେରା, ଭୀମସେନ ସାହୁ, ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର କୁମାର ଶର୍ମା, ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଶୁକଦେବ ସିଂହ, ଏଆଇସିସିଟିୟୁ ଜିଲ୍ଲା ସଂଗଠକ ତପନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ 'ସକାଳ' ଓ 'ନନ୍ଦିଘୋଷ' ପକ୍ଷରୁ ଆୟୋଜିତ ମାଟ୍ରିକ ଉତ୍କର୍ଷ ସମ୍ମାନ ଉତ୍ସବ-୨୦୨୫ରେ ଅନୁଗୋଳ ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ତାଳଚେରରେ କାଳବୈଶାଖୀ ତାଣ୍ଡବ



ତାଳଚେରସଦର, ୧୬।୫(ସମିସ): ଗୁରୁବାର ବିଳମ୍ବିତ ରାତିରେ ହଠାତ୍ ପ୍ରବଳ ବେଗରେ ପବନ ବୋହିବା ସହ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଏହି ଅଦିନିଆ କାଳବୈଶାଖୀରେ ଗଛପତ୍ର, ଘରଦ୍ୱାର ଭାଙ୍ଗିଛି। ବିଜୁଳି ସରାବରାହ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବାରୁ ତାଳଚେର ଅଞ୍ଚଳ ଅନ୍ଧକାର ହୋଇଥିଲା। ସେହିଭଳି ଶୁକ୍ରବାର ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସି ପ୍ରବଳ ବେଗରେ ପବନ ବୋହିବା ସହିତ ଘଡ଼ଘଡ଼ି ବିଜୁଳି ମାରିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏଥିଯୋଗୁଁ ବିଦ୍ୟୁତ୍ ସରାବରାହ ବନ୍ଦ ହୋଇଥିଲା। ମାତ୍ର ସାମାନ୍ୟ ବର୍ଷା ପରେ ପବନ କମିଯାଇଥିଲା। ବିଦ୍ୟୁତ୍ ସରାବରାହ ବନ୍ଦ ହେବା ଯୋଗୁଁ ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ। ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗି ଛିନ୍ନିଛତର ହୋଇ ପଡ଼ିଥିଲା। ବିଶେଷକରି ଅଦିନିଆ ମେଘ ପବନ ଯୋଗୁଁ ଆମ୍ବ ଗଛରୁ ଆମ୍ବଗୁଡ଼ିକ ଝଡ଼ି ପଡ଼ିବା ଏବଂ କଦଳୀ ଗଛ ଭାଙ୍ଗିବା ଯୋଗୁଁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ପବନ ଯୋଗୁଁ କିଛି ସମୟ ପାଇଁ ପ୍ରବଳ ଗୁଳୁଗୁଳି ଓ ଗରମରୁ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ପରେ ତାପମାତ୍ରା ବୃଦ୍ଧି ପାଇଥିଲା।

## ମଦ୍ୟପ ଚାଳକ ଗିରଫ; ବାଇକ୍ ଜବତ

ବଇଣ୍ଡା, ୧୬।୫(ସମିସ): କିଶୋରନଗର ଥାନା ପୁଲିସ ଗୁରୁବାର ରାତିରେ ବାମୁର କୁଟାସିଙ୍ଗା ଗ୍ରାମରେ ଗାଡ଼ିମଟର ଯାଞ୍ଚ କରିଛି। ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ି କାଗଜପତ୍ର, ହେଲମେଟ ଆଦି ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ଦ୍ରୁତଗତିରେ ବାଇକ ଚଳାଉଥିବା ଅଭିଯୋଗରେ ଠାକୁରଗଡ଼ ଥାନା ଗିରିଦା ଗ୍ରାମର ସିପୁନ ନାୟକଙ୍କୁ ଗିରଫ କରାଯାଇଛି। ପୁଲିସ ତାଙ୍କ ବାଇକ ଜବତ କରିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି।

## ସଠିକ ସମୟରେ ଦରମା ଦେବାକୁ ଦାବି



ବଇଣ୍ଡା, ୧୬।୫(ସମିସ): ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କୁ ସଠିକ ସମୟରେ ଦରମା ଯୋଗାଇ ଦେବା ସହ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଶୁକ୍ରବାର ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମନ୍ୱୟ ପରିଷଦ ଆଠମଲ୍ଲିକ ଶାଖାର ଶିକ୍ଷକମାନେ ଆଠମଲ୍ଲିକ ବିଇଓ ଶିବାନନ୍ଦ ଧଡ଼ାଙ୍କୁ ଭେଟି ଦାବି ଜଣାଇଛନ୍ତି। ଆଠମଲ୍ଲିକ ଶାଖା ସଭାପତି ଖଗେଶ୍ୱର ବେହେରାଙ୍କ ନେତୃତ୍ୱରେ ସଦାଶିବ ଦଳବେହେରା, ପ୍ରମୋଦ ନାୟକ, ସୁଦର୍ଶନ ବେହେରା, ରାମଚନ୍ଦ୍ର ବେହେରା, ପ୍ରଦୀପ ସେଠୀ, ନିରାକାର ମେହେର, ବାବୁଲି ଦେହୁରିଆ, କାଳୀଦାସ କୁମ୍ଭାର, ପ୍ରଦୀପ ବାହୁକଙ୍କ ସମେତ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ମେଡିକାଲର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ବଆଁରପାଳ, ୧୬।୫(ସମିସ): ବଆଁରପାଳ ବ୍ଲକସ୍ଥିତ ସାମଲ କେୟାର ହସ୍ପିଟାଲର ୧୨ତମ ପ୍ରତିଷ୍ଠା ଦିବସ ପାଳନ ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ଜିଡି ଭେଞ୍ଚର ମ୍ୟାନେଜିଂ ଡାଇରେକ୍ଟର ଗଙ୍ଗାଧର ସାମଲ, ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ,



ହସ୍ପିଟାଲର ଉତ୍ତରାଧିକାରୀ ରମେଶ ଚନ୍ଦ୍ର ସାମଲ, ଡା. କୁମାର ଗୌରବ ସାମଲ, ଡା. ସୁଚିସ୍ମିତା ସାମଲ ଉଦଘାଟନ କରିଥିଲେ। ସାମଲ ନର୍ସିଂ କଲେଜର ବହୁ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ଡା. କୁମାର ଗୌରବ ପ୍ରଥମେ ରକ୍ତଦାନ କରିଥିଲେ। ପରେ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଶିବିରରୁ ମୋଟ ୭୧ ୟୁନିଟ୍ ସଂଗୃହୀତ ହୋଇଛି।

■ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ

## 'ସମସ୍ୟା ସମାଧାନ ପାଇଁ ଅଧିକାରୀ ଯତ୍ନବାନ ହେବା ଉଚିତ'





କିଶୋରନଗର, ୧୬।୫(ସମିସ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପ୍ରତି ଅଧିକାରୀମାନେ ଯତ୍ନବାନ ହେବା ଉଚିତ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଠମଲ୍ଲିକ ବ୍ଲକରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି। ଏଥିସହ ଆଠମଲ୍ଲିକ ଉପଖଣ୍ଡର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି, କିଶୋରନଗରରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ଶୀଘ୍ର କାର୍ଯ୍ୟକ୍ଷମ କରିବା, ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର, ଦେଉଳଝରୀ ଶୈବପୀଠ ସମେତ ବିଭିନ୍ନ ମନ୍ଦିରର ଭିତ୍ତିଭୂମି ବିକାଶ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଟିମ୍ ଗଠନ କରି ପ୍ଲାନ ପ୍ରସ୍ତୁତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବଦଲ ଏମ୍ ଅଖତର, ଏସପି ରାହୁଲ ଜୈନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ, କିଶୋରନଗର, ଅନୁଗୋଳ ବ୍ଲକ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଏନଟିପିସି କଣିହାଁରେ ବାଳିକା ସଶକ୍ତୀକରଣ ଅଭିଯାନ

କଣିହାଁ, ୧୬।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନଟିପିସିରେ ବାଳିକା ସଶକ୍ତୀକରଣ ଅଭିଯାନ (ଜେମ୍)-୨୦୨୫ ଶୁଭାରମ୍ଭ ହୋଇଛି। ଏନଟିପିସିର ଦୀପତରଙ୍ଗଠାରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପୂର୍ବ-୨) ଅରିନ୍ଦମ ସିହ୍ନା, ସମ୍ମାନିତ ଅତିଥି ଭାବେ ବସୁଧା ମହିଳା ମଣ୍ଡଳ ସଭାପତି



ରୂପାଲି ସିହ୍ନା, ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ନରସିଂହ ରେଡ୍ଡୀ, ଏନଟିପିସି ଏଚଆର ମୁଖ୍ୟ ନବନୀତ କୁମାରଙ୍କ ସମେତ ଅନ୍ୟ ଅଧିକାରୀଗଣ, ଲେଡିଜ୍ କ୍ଲବ ସଦସ୍ୟ, ୟୁନିୟନ, ଆସୋସିଏସନର ପ୍ରତିନିଧିଙ୍କ ଯୋଗଦେଇଥିଲେ। ବାଳିକାମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଏବଂ ସେମାନଙ୍କୁ ଜୀବନର ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରିବା ପାଇଁ ଏକାଧିକ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷା ପ୍ରଦାନ କରି ବାଳିକାମାନଙ୍କ ସଶକ୍ତୀକରଣ ଉପରେ ଧ୍ୟାନ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିହ୍ନା କହିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ୨୫ ସରକାରୀ ବିଦ୍ୟାଳୟର ୧୨୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଛାତ୍ରୀମାନଙ୍କୁ ଏନଟିପିସିର କେନ୍ଦ୍ରୀୟ ବିଦ୍ୟାଳୟରେ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଜୁନ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତନଭୀ କନସଲଟାନ୍ସି ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର ସହଭାଗୀତାରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି।

## ଆନ୍ଦୋଳନକୁ ଓହ୍ଲାଇଲେ ଜରଡ଼ା କ୍ଷତିଗ୍ରସ୍ତ ପ୍ରଜା

କଣିହାଁ, ୧୬।୫(ସମିସ): ୮ ଦଫା ଦାବିରେ କଣିହାଁ ଜରଡ଼ା କୋଇଲା ଖଣି ମୁଖ୍ୟ ଫାଟକରେ ଶୁକ୍ରବାର ଜରଡ଼ା କ୍ଷତିଗ୍ରସ୍ତ ପ୍ରଜା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନ ଯୋଗୁଁ କୋଇଲା ଖନନ ଓ ପରିବହନ ବାଧାପ୍ରାପ୍ତ ହୋଇଛି। କଣିହାଁ ଖଣିର ବରିଷ୍ଠ ଅଧିକାରୀ, ସ୍ଥାନୀୟ ପୁଲିସ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ପ୍ରଭାବ ପଡ଼ିନାହିଁ। ଜରଡ଼ା ଗ୍ରାମ୍ୟ କମିଟିର ଅଭିଯୋଗ ମୁତାବକ, ଖଣି କର୍ତ୍ତୃପକ୍ଷ ଚଳିତ ମାସ ୧୫ ତାରିଖ ସୁଦ୍ଧା ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପଥରମୁଣ୍ଡା ରକବାର ଉପରେ ଜରଡ଼ାବାସୀଙ୍କୁ ଜମି ଯୋଗାଇବା, ପାଚେରି ନିର୍ମାଣ ସହ ଉନ୍ନତୀକରଣ, ବଳକା ନିଯୁକ୍ତି, କ୍ଷତିପୂରଣ ଆଦି ୮ ଦଫା ଦାବିରେ ଆନ୍ଦୋଳନ ଚାଲିଛି। ବାରମ୍ବାର ଲିଖିତ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ଦାବି ପୂରଣ ନ ହେବା ଫଳରେ ଗ୍ରାମବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

## ୨.୨୦ ଲକ୍ଷର ବ୍ରାଉନସୁଗର ଜବତ; ଜଣେ ଗିରଫ

ଅନୁଗୋଳ, ୧୬।୫(ସମିସ): ଅନୁଗୋଳ ଅବକାରୀ ବିଭାଗ ଶୁକ୍ରବାର ସକାଳେ ନାଲ୍‌କୋ ଥାନା ବଳରାମପ୍ରସାଦ କେନ୍ଦୁପଲି ସାହିରେ ଚଢ଼ଉ କରି ୨୨ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏଥିସହ ଏହି ବେଆଇନ କାରବାରରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦୁପଲି ସାହିର ରାକେଶ ବେହେରା। ରାକେଶ ଦୀର୍ଘଦିନ ହେଲା ଏହି ମାରାତ୍ମକ ନିଶା କାରବାର କରି ଆସୁଥିଲେ। ଅବକାରୀ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଶୁକ୍ରବାର ସକାଳେ ସେ କେନ୍ଦୁପଲି ସ୍କୁଲ ନିକଟରେ ଗ୍ରାହକ ଅପେକ୍ଷାରେ ଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ୨୨ ଗ୍ରାମ୍ ବ୍ରାଉନସୁଗର



ମିଳିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

■ ଏସଇବିସିଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା

ଅନୁଗୋଳ, ୧୬।୫(ସମିସ): ଶିକ୍ଷା କ୍ଷେତ୍ରରେ ଏସଇବିସି ବର୍ଗଙ୍କ ପାଇଁ ରାଜ୍ୟ ସରକାର ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାକୁ ରାଜ୍ୟର ଏସଇବିସି ବର୍ଗ ସ୍ୱାଗତ କରିବା ସହ ଖୁସି ପ୍ରକଟ କରିଛନ୍ତି। ଏ ନେଇ ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲ୍ଲା ବିଜେପି ପକ୍ଷରୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ବରିଷ୍ଠ ନେତା ତଥା ଏନଏସଆଇସି ନିର୍ଦ୍ଦେଶକ କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଓ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# 'ଅପରେସନ ସିନ୍ଦୂର' ସହିଦଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି

ଅନୁଗୋଳ, ୧୬।୫(ସମିସ)





ଅପରେସନ ସିନ୍ଦୂରରେ ସହିଦ ହୋଇଥିବା ବୀର ଯବାନଙ୍କୁ ଗୁରୁବାର ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ମହମବତି ପ୍ରଜ୍ୱଳନ କରାଯାଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଦେଶର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ଯେଉଁ ଯବାନମାନେ ଆମମାନଙ୍କୁ ନିଶ୍ଚିନ୍ତରେ ବଞ୍ଚିବାର ସୁଯୋଗ ଦେଉଛନ୍ତି, ସେମାନଙ୍କ ବଳିଦାନକୁ ଯେତେ ଗାନ କଲେ ବି କମ୍ ହେବ। କିନ୍ତୁ ରାଜନୈତିକ ଅଭିସନ୍ଧି ରଖି ସୁରକ୍ଷାକୁ ଢିଲା କରି ଯେଉଁଭଳି ୨୬ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ଜରିଆରେ ମରଣ ମୁହଁକୁ ଠେଲି ଦିଆଗଲା ଓ ଯୁଦ୍ଧ ଭଳି ଏକ ସଙ୍କଟ ଦେଶବାସୀଙ୍କ ମନରେ ଭରି ଦିଆଗଲା, ତାହା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭାରତୀୟ ସେନାବାହିନୀର ଶୌର୍ଯ୍ୟ, ପରାକ୍ରମ, ଦେଶପ୍ରେମ, କର୍ତ୍ତବ୍ୟନିଷ୍ଠା ଓ ବଳିଦାନକୁ ସାଧୁବାଦ ଜଣାଇଥିଲେ। ଦେଶର ଏଭଳି ଘଡ଼ିସନ୍ଧି ଓ ସଙ୍କଟ ସମୟରେ ଦେଶବାସୀଙ୍କ ମଧ୍ୟରେ ଏକତା ଓ ଭାଇଚାରା ରହିବା ଉଚିତ ଓ ତାହା ଭାରତୀୟ ଜାତୀୟ କଂଗ୍ରେସ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ କରି ପ୍ରମାଣ କରି ଦେଇଥିଲା ବୋଲି କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ପ୍ରଫୁଲ୍ଲ ଦାସ, ଛେଣ୍ଡିପଦାର ନରୋତ୍ତମ ନାଏକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର, କସିଦା ଖାନ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ବରିଷ୍ଠ କଂଗ୍ରେସ ନେତା ଉମେଶ ଚନ୍ଦ୍ର ସାହୁ, ବଳବୀର ସିଂହ, ରାଜକିଶୋର ସାହୁ, ସହଦେବ ବେହେରା, ପ୍ରମୋଦ ସାହୁ, ତପନ ପ୍ରଧାନ, ଜଗନ୍ନାଥ ମହାଳିକଙ୍କ ସମେତ ଶତାଧିକ ଛାତ୍ର, ଯୁବ, ମହିଳା ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

୭୫ତମ ଜନ୍ମବାର୍ଷିକୀ ଉପଲକ୍ଷେ



ଡାକ୍ତର ମିହିର କାନ୍ତ ପାଣିଗ୍ରାହୀ

(ଚିକିତ୍ସା ଓ ହସ ଥିଲା ତାଙ୍କ ଆୟୁଧ)

୧୭.୦୫.୧୯୫୦/୧୬.୦୧.୨୦୨୪

ଲିଙ୍ଗରାଜ ନଗର, ନୂଆ ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର

ପରୋପକାରୀ, ମିଷ୍ଟଭାଷୀ, ନିଷ୍ଠାବାନ,

ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା

ଆଜୀବନ ସତ୍ୟନିଷ୍ଠ ବ୍ୟକ୍ତିତ୍ୱ ଓ ସମାଜସେବୀ

ସୌଜନ୍ୟ : ମିହିର କ୍ରିଷ୍ଣା ଫାଉଣ୍ଡେସନ୍

## ନୂତନ ବାଇପାସ୍ ରାସ୍ତା କାମରେ ଅନିୟମିତତା ଅଭିଯୋଗ

# ପଟ୍ଟାମୁଣ୍ଡାଇ ଓ ଗୋବରୀ କେନାଲ ପୋତାଯାଇ ହେଉଛି ରାସ୍ତା

ପଟ୍ଟାମୁଣ୍ଡାଇ, ୧୬ା୫ (ସମିସ)



ସମ୍ପ୍ରତି ପଟ୍ଟାମୁଣ୍ଡାଇ ବାଇପାସ ଛକରୁ କଖାରୁଣୀ କେନାଲ ପୋଲ ପର୍ଯ୍ୟନ୍ତ ଚାଲିଥିବା ନୂତନ ବାଇପାସ ରାସ୍ତା କାମରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଠିକାଦାର ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲକୁ ପୋତି ରାସ୍ତା ନିର୍ମାଣ କରିବା ଓ କେନାଲ ଶଯ୍ୟାକୁ ଖୋଳି ଗଭୀର କରିଦେବା ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡ଼ାର ହଜାର ହଜାର ଏକର ଚାଷଜମିକୁ କେନାଲ ପାଣି ନ ମାଡ଼ିବା ଆଶଙ୍କା ଦେଖାଦେଇଥିବାରୁ ଏହାକୁ ନେଇ ବିବଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅନିୟମିତତାର ତଦନ୍ତ ପାଇଁ ଉତିକଣ ଅଞ୍ଚଳର ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ ଦାବି କରିବା ସହିତ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ସଚିବ, ପୂର୍ତ୍ତ ବିଭାଗ ସଚିବ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ପୋତାଯିବା ଘଟଣା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବାରୁ ଠିକାଦାରଙ୍କ ମନମାନୀ ବିରୁଦ୍ଧରେ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେବାକୁ ମଧ୍ୟ ପ୍ରସ୍ତୁତ ହେଉଥିବା ଜ୍ୟୋତି ପ୍ରକାଶ କହିଛନ୍ତି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲକୁ ପୋତାଯାଉଥିବାରୁ ଉତିକଣ ଅଞ୍ଚଳର ହଜାର ହଜାର ଚାଷୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ଭ୍ରୂକ୍ଷେପ ନ କରି ଠିକାଦାର କାମ ଚାଲୁ ରଖିଥିବାବେଳେ ଜଳ ସମ୍ପଦ ବିଭାଗ ନିରବଦ୍ରଷ୍ଟା ସାଜିଛି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲ ଦକ୍ଷିଣ ପାଶ୍ୱର୍ ବନ୍ଧ ଉପରେ ପୂର୍ତ୍ତ ବିଭାଗ ନିର୍ମାଣ କରୁଥିବା ୪ କିମି ନୂତନ ବାଇପାସ ରାସ୍ତା ନିର୍ମାଣ ଆରମ୍ଭରୁ ଠିକାଦାରଙ୍କ ମନମାନୀ ଚାଲିଆସିଛି। କେନାଲ ବନ୍ଧର ଦକ୍ଷିଣ ପାଶ୍ୱର୍କୁ ସମ୍ପ୍ରସାରଣ କରି ରାସ୍ତା ନିର୍ମାଣ କରାଯିବାକୁ ପ୍ଲାନ୍ ଏଷ୍ଟିମେଟ ଥିଲେ ହେଁ କାମ ଆରମ୍ଭରେ ଠିକାଦାର ବନ୍ଧ ପାଶ୍ୱର୍ରୁ ଖୋଳି ପଙ୍କ ମାଟି ରାସ୍ତା ଉପରେ ପକାଇଥିଲେ। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। କେନାଲ ବନ୍ଧ ପାଶ୍ୱର୍ରୁ ପଙ୍କମାଟି ତାଡ଼ି ନେବାରୁ କୃତ୍ରିମ ପାଟନାଳୀ ସୃଷ୍ଟି ହୋଇଥିଲା। କୃଷି କାର୍ଯ୍ୟରେ ସମସ୍ୟା ଦେଖାଦେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାପରେ ଠିକାଦାର କିଛିଦିନ ପାଇଁ କାମ ବନ୍ଦ କରିଥିଲେ। ବାହାରୁ ମାଟିଆଣି ରାସ୍ତା କରାଯିବାକୁ ପ୍ଲାନ ଏଷ୍ଟିମେଟରେ ବ୍ୟୟବରାଦ କରାଯାଇଛି। ତେବେ ଠିକାଦାର ମନ୍ଦ ଉଦ୍ଦେଶ୍ୟ ରଖି କେନାଲ ବନ୍ଧ ପାଶ୍ୱର୍ରୁ ପଙ୍କ ଓ ମାଟି ତାଡ଼ି ରାସ୍ତା ଉପରେ ବେଆଇନ ଭାବେ ପକାଇଥିଲେ। ଦୀର୍ଘଦିନ କାମ ବନ୍ଦ ହେବା ପରେ ପୁନର୍ବାର କାମ ଆରମ୍ଭ ହେବା ପରେ ରାସ୍ତା ଓସାର କମ୍ ହୋଇଥିବାରୁ ଠିକାଦାର ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲ ମଧ୍ୟକୁ ୧୧/୧୨ ଫୁଟ ମଡାଇ ସିମେଣ୍ଟ ଗାର୍ଡୱାଲ ନିର୍ମାଣ କରୁଛନ୍ତି। ଫାଙ୍କା ସ୍ଥାନରେ ଧସା ଫିଙ୍ଗି ନ କରି ମୁଖ୍ୟ କେନାଲ ଶଯ୍ୟାରୁ ଜେସିବି ସାହାଯ୍ୟରେ ପଙ୍କମାଟି ତାଡ଼ି ରାସ୍ତାରେ ପକାଉଛନ୍ତି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ମୁଖ୍ୟ କେନାଲ ୬୬ ଫୁଟ ଓସାର ଥିବାବେଳେ ଏହାକୁ ପୋତାଯାଇ ଓସାର ୩୩ ଫୁଟକୁ କମାଇ ଦିଆଯାଇଥିଲା। ବର୍ତ୍ତମାନ କେନାଲ ମଧ୍ୟକୁ ୧୧/୧୨ ଫୁଟ ପୋତାଯାଉଥିବାରୁ ଏହାର ଓସାର ୨୧/୨୨ ଫୁଟକୁ କମିଯାଉଛି। ଫଳରେ ମୁଖ୍ୟ କେନାଲର ଜଳଧାରଣା କ୍ଷମତା ହ୍ରାସ ପାଇବା ସହିତ ଶାଖା କେନାଲକୁ ଆବଶ୍ୟକ ପରିମାଣରେ ପାଣି ଯିବା ନେଇ ସମସ୍ୟା ଉପୁଜିବ। ଯଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡ଼ାର ହଜାର ହଜାର ଏକର ଚାଷଜମି ମରୁଡି କବଳିତ ହେବା ନେଇ ଆଶଙ୍କା ଦେଖାଦେଇଛି। ଏହି ମୁଖ୍ୟ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲ ଅଞ୍ଚଳକୁ ନେଇ ଜଳ ସମ୍ପଦ ବିଭାଗର ତିନୋଟି ସେକସନ ରହିଛି। ଏହି ତିନୋଟି ସେକସନରେ ଥିବା ସମସ୍ତ ଶାଖା କେନାଲରେ ପାଣି ଯିବା ନେଇ ସମସ୍ୟା ଉପୁଜିବା ନିଶ୍ଚିତ ହୋଇଯାଇଛି। ମୁଖ୍ୟ କେନାଲ ଶଯ୍ୟାରୁ ଠିକାଦାର ମାଟି ତାଡ଼ି ଖାଲ କରିଦେଉଥିବାରୁ କେନାଲ ଶଯ୍ୟା ଚାଷ ଜମିଠାରୁ ନିମ୍ନକୁ ଚାଲିଯାଉଥିବାରୁ ଉଚ୍ଚତାରେ ଥିବା ଚାଷଜମିକୁ ପାଣି ମାଡ଼ିବା ସମ୍ଭବ ହେବନାହିଁ। ଫଳରେ ଚାଷଜମି ସବୁ ମରୁଡି କବଳିତ ହେବା ଆଶଙ୍କା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ୨୦୨୩ ଏପ୍ରିଲ ୧୮ ତାରିଖରେ ୧୯ କୋଟି ଟଙ୍କା ବ୍ୟୟରେ ନୂତନ ବାଇପାସ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ ଅଧୀନରେ ଥିବା ବାଇପାସ୍‌ଠାରୁ କଖାରୁଣୀ ପୋଲ ପର୍ଯ୍ୟନ୍ତ କେନାଲ ବନ୍ଧର ଦକ୍ଷିଣ ପାଶ୍ୱର୍ରେ ନୂତନ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ହେଉଛି। ଠିକାଦାର ସରକାରୀ ନିୟମ ନ ମାନି ମନମୁଖୀ କାମ କରୁଛନ୍ତି। ଏ କାମକୁ ଜଳ ସମ୍ପଦ ବିଭାଗ ବିରୋଧ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଆରମ୍ଭ ହୋଇଥିବା ନୂତନ ବାଇପାସ ନିର୍ମାଣ କାମ ପ୍ରହସନରେ ପରିଣତ ହୋଇଛି ବୋଲି ଯୁବ ନେତା ଜ୍ୟୋତି ପ୍ରକାଶ ପ୍ରଧାନ

- ରାସ୍ତାରେ ପଡୁଛି ପଙ୍କମାଟି
- କେନାଲ ଓସାର କମିଯିବାରୁ ଜଳଧାରଣ କ୍ଷମତା ହ୍ରାସ ଆଶଙ୍କା
- ଉତିକଣର ଚାଷଜମି ହେବ ମରୁଡ଼ି କବଳିତ

## ● ଲୁଣାବନ୍ଧ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ସ୍ଥିତି ପରଖିଲେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

ମହାକାଳପଡ଼ା,୧୬ା୫(ସମିସ): ମହାକାଳପଡ଼ା ବ୍ଲକ ଅଧୀନସ୍ଥ ଲୁଣାନଦୀ ବନ୍ଧ ରାସ୍ତା ପିଚୁ କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେବା ପରେ ଜଳସମ୍ପଦ ବିଭାଗ କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଶୁକ୍ରବାର ସ୍ଥିତି ପରଖିଛନ୍ତି। ସାମନ୍ତସିଂହାରପୁରଠାରୁ ସୁବଳା ପର୍ଯ୍ୟନ୍ତ ଲୁଣାନଦୀ ବନ୍ଧ ରାସ୍ତା ପିଚୁ କାମ ନିମ୍ନମାନର ହେଉଥିବା ନେଇ ସୋସିଆଲ ମିଡ଼ିଆରେ ଫଟୋ ଓ ଭିଡ଼ିଓ ଗୁରୁବାର ଭାଇରାଲ ହୋଇଥିଲା। ଏଥିସହ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଶୁକ୍ରବାର ପ୍ରାୟ ଦଶଟା ବେଳେ କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ସୁବଳା ଗ୍ରାମ ନିକଟ ବନ୍ଧରାସ୍ତାରେ ପହଞ୍ଚି ପିଚୁ କାମର ସ୍ଥିତି ପରଖିବା ସହିତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକଙ୍କ ମତାମତକୁ ଗୁରୁତ୍ୱ ଦେବାକୁ ଉପସ୍ଥିତ ଠିକାଦାର ଓ କର୍ମଚାରୀଙ୍କୁ ତାଗିଦ କରିଥିଲେ। ଏ ଅବସରରେ ଜଳସମ୍ପଦ ବିଭାଗ ଓସ୍ତର ସେକ୍ସନ କନିଷ୍ଠ ଯନ୍ତ୍ରୀ ସାରଦା ପ୍ରସନ ସାହୁ ଉପସ୍ଥିତ ଥିଲେ।

# ଦେବ ବିବାହ ପାଇଁ ସରିଲା ନିର୍ବନ୍ଧ

ରାଜନଗର,୧୬ା୫(ସମିସ): ରାଜନଗର ବ୍ଲକର ଅନ୍ୟତମ ଶୈବପୀଠ ବାବା ଗର୍ତ୍ତେଶ୍ୱରଙ୍କ ମନ୍ଦିରରେ ଦେବ ବିବାହ ପାଇଁ ନିର୍ବନ୍ଧ ଶେଷ ହୋଇଛି। ରାଜନଗର ବ୍ଲକ୍ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗ୍ରାମର ଅମର କୁମାର ରାଉତ ଓ ରଙ୍ଗଲତା ରାଉତ ବର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ କନ୍ୟାପିତା ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଗୁପ୍ତିରା ଗ୍ରାମର ଶାରଦା ପ୍ରସାଦ ନାୟକ ଓ ଦୀପ୍ତିମୟୀ ଦାସ ମନ୍ଦିରରେ ପହଞ୍ଚି ନିର୍ବନ୍ଧ କରିଥିଲେ। ଚଳିତ ବର୍ଷ ଜୁନ ୧ ତାରିଖ ଦିନ ଦେବ ବିବାହ ପାଇଁ ତିଥି ନିର୍ଦ୍ଧାରଣ ହୋଇଛି। ଆସନ୍ତା ୨୭ ତାରିଖରେ ଯଜ୍ଞ ଆରମ୍ଭ ହେବ। ସାନବଡ଼ଗୋପାଳପୁର ଗ୍ରାମର ଶଙ୍କର୍ଷଣ ସାହୁ ଓ ମହିମା ସାହୁ ଯଜ୍ଞ କର୍ତ୍ତା ଭାବେ ଯୋଗଦେବାକୁ ନିଷ୍ପତ୍ତି ହୋଇଛି।




# ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୧୬ା୫(ସମିସ): କେନ୍ଦ୍ରାପଡ଼ାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ ସଭାଗୃହରେ ନର୍ସିଂ ସପ୍ତାହର ପଞ୍ଚମ ଦିନରେ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ସାଧୁସନ୍ଥ ଯୋଗ ଦେଇଥିଲେ। ବିରଜାକ୍ଷେତ୍ର ପରିକ୍ରମା ଅଧକ୍ଷ ବାବାଜୀ ଉଦୟନନ୍ଦ ଦାସ ପର୍ବତ ମହାରାଜ ଏହି ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନର୍ସିଂ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସେବାରେ କିପରି ଆଧ୍ୟାତ୍ମିକ ଜ୍ଞାନ ଆବଶ୍ୟକ ଥିବା ବିଷୟରେ ସଚେତନ କରାଇବା ସହ ସ୍ୱାସ୍ଥ୍ୟ ଚାରୋଟି ଖୁଣ୍ଟରେ ରହିଛି ବୋଲି କହିଥିଲେ। ଅନ୍ୟତମ ସାଧୁ ବାବାଜୀ ମୋହନ ଦାସ ମହାରାଜ ଯୋଗଦେଇ ନର୍ସିଂ ଛାତ୍ରୀ ଈଶ୍ୱର ଭକ୍ତି ଓ ଆଧ୍ୟାତ୍ମିକ ମନୋଭାବ ନେଇ ସେବା କଲେ ନିଜର କାର୍ଯ୍ୟଦକ୍ଷତା ଓ ସଫଳତା ନିଶ୍ଚିତ ପାଇପାରିବେ ବୋଲି କହିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ମୋନାଲିସା ସ୍ୱାଇଁ ଓ ସୁପ୍ରଭା ମଞ୍ଜରୀ ଦାସ ପରିଚାଳନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ, ଜ୍ୟୋତିର୍ମୟୀ ପଟ୍ଟନାୟକ, ଅଧକ୍ଷା କୁମୁଦିନୀ ଲେଙ୍କା, ଅଧ୍ୟାପିକା ପଲ୍ଲବୀ ପଟ୍ଟନାୟକ, ମନୀଷାରାଣୀ, ସୋନାଲି ସେନାପତି, ପ୍ରଜ୍ଞା ପରମିତା ମିଶ୍ର, ଉପାଧକ୍ଷା ପ୍ରିୟମ୍ବଦା ପଟ୍ଟନାୟକ, ବିଜୟ ସାହୁ, ସନ୍ଦୀପ୍ତା ମହାନ୍ତି, ରଶ୍ମିତା ମହାନ୍ତି, ଶ୍ରାବଣୀ ନାୟକ, ଶୁଭଲକ୍ଷ୍ମୀ ବିଶ୍ୱାଳ, ପିଙ୍କି ନାୟକ, ସୌମ୍ୟଜିତ୍ ସାହୁ, ସାହିଲ ଜେନା, ହିମାଂଶୁ ପରିଡା, ଜୀବନଜ୍ୟୋତି ଦଳାଇ, ଶୁଭଲକ୍ଷ୍ମୀ ପରିଜା ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ବୃତ୍ତି ପାଇବାକୁ କଣ୍ଠଶିଳ୍ପୀ ସମନ୍ୱିତା ମନୋନୀତ

ପଟ୍ଟାମୁଣ୍ଡାଇ,୧୬ା୫(ସମିସ): ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର)ର ଶିଳ୍ପୀ ସୁଶ୍ରୀ ସମନ୍ୱିତା ଦାଶ ଓଡ଼ିଶୀ କଣ୍ଠ ସଙ୍ଗୀତରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି ଜାତୀୟ ପ୍ରତିଭା ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମନ୍ୱିତା କଦଳୀବଣ ଗ୍ରାମର ସରୋଜ କାନ୍ତ ଦାଶ ଓ ପଦ୍ମଜା ପ୍ରିୟଦର୍ଶିନୀ କରଙ୍କ କନ୍ୟା ଅଟନ୍ତି। ସେ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର) ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଗୁରୁ ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ମାର୍ଗଦର୍ଶନରେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଶିକ୍ଷାଲାଭ କରି ବିଭିନ୍ନ ସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଓଡ଼ିଶୀ ସଙ୍ଗୀତରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ ସଙ୍ଗୀତଶ୍ରୀ ଓ ପ୍ରାଚୀନ କଳା କେନ୍ଦ୍ର (ଚଣ୍ଡିଗଡ) ରୁ ସଙ୍ଗୀତ ଭୂଷଣ ଉପାଧିପ୍ରାପ୍ତ ସୁଶ୍ରୀ ସମନ୍ୱିତା ଏବେ ଅରୁଆ-କଦଳୀବଣ ଉଚ୍ଚ ଶିକ୍ଷାଶ୍ରମର ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ନିକଟରେ ତାଙ୍କ ପରିବେଷିତ ଓଡ଼ିଶୀ ରାଗ ସଙ୍ଗୀତ ୟୁଟ୍ୟୁବରେ ଚମକ ସୃଷ୍ଟି କରିଥିଲା। ଭବିଷ୍ୟତରେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ଭାବେ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର କ୍ଷେତ୍ରରେ ନିଜକୁ ସମର୍ପଣ କରିବା ଲକ୍ଷ୍ୟ ରଖିଥିବା ସମନ୍ୱିତା ପ୍ରକାଶ କରିଛନ୍ତି।



# ଅଜିତ ବାରିକ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ନୂତନ ଶିକ୍ଷାଧିକାରୀ

ପଟ୍ଟାମୁଣ୍ଡାଇ,୧୬ା୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭାବେ ହରିହର ଦଳାଇ ଦକ୍ଷତାର ସହ କାର୍ଯ୍ୟ କରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିଥିଲେ। ସମ୍ପ୍ରତି ରାଜ୍ୟ ସରକାର ତାଙ୍କୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଭାବେ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ନୂତନ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭାବେ ବିଦାୟୀ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ ପୂର୍ବରୁ ଦୀର୍ଘ ୬ ବର୍ଷ ଧରି ରାଜନଗର ବ୍ଲକ ବିଆରସିସି ଭାବେ ଦକ୍ଷତାର କାର୍ଯ୍ୟ କରିଛନ୍ତି। ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନୂତନ ବିଇଓଙ୍କୁ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ପ୍ରେମବାଳା ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁନିତୀ ଦାଶ, ରାଜ୍ୟ ଶିକ୍ଷକ ସଂଘ ନେତା ସିଆରସିସି ମଳୟ ଜେନା, ସିଆରସିସି ସଂଘମିତ୍ରା ନାୟକ, ରଞ୍ଜନ ସାହୁ, ଅରବିନ୍ଦ ବଳ, ପ୍ରଦୀପ ତରାଇ, ଲକ୍ଷ୍ମଣ ସେଠୀ, ମୁଖ୍ୟ କିରାଣି ହିମାଂଶୁ ବେହୁରା, ଏମଆଇଏସ ଆମ୍ରପଲ୍ଲୀ ସାହୁ ଓ ବିଷ୍ଣୁପ୍ରସାଦ ବାରିକ ପ୍ରମୁଖ ଯୋଗଦେଇ ନୂତନ ବିଇଓ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ



ଡେରାବିଶ,୧୬ା୫(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ୍ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିଶିଷ୍ଟ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ବୈଠକରେ ଧିରେନ ସାହୁ, ପୀତାବାସ ଜେନା, ସବିତା ଦାସ, ମେନକା ଜେନା ପ୍ରମୁଖ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଶ୍ରୀ ତ୍ରିପାଠୀ ଗଠନ କରି ୧୯୮୦ରୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ସହିତ ସରକାରୀ ଯୋଜନାରେ ନିର୍ମାଣ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରାଇ ଶ୍ରମିକ ଓ ସେମାନଙ୍କ ପରିବାରର ବହୁ ଆର୍ଥିକ ଉନ୍ନତି ସାଧନ କରିଛନ୍ତି ବୋଲି କହିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଘ ଭବିଷ୍ୟତରେ ଶ୍ରମିକଙ୍କ ପାଇଁ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହରିହର ମାହାଳି ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଉଦ୍ୟାନର ମଇପୁରା ନଦୀରୁ ଜାଲ ଜବତ

ରାଜନଗର,୧୬ା୫(ସମିସ): ଭିତରକନିକା ଜାତୀୟ ଉଦ୍ୟାନର ମଇପୁରା ନଦୀରେ ବେଆଇନ ଭାବେ ଜାଲ ବସାଇ ମାଛ ଧରୁଥିବା ଖବରପାଇ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନିର୍ଦ୍ଦେଶକ୍ରମେ ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇ ଓ ପ୍ରକାଶ ଦାସଙ୍କ ସହ ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନ ପ୍ରମୁଖ ପହଞ୍ଚି ୩ଟି ମୁଣା ଜାଲ ଜବତ କରିଥିଲେ। ବନ କର୍ମଚାରୀ ଯିବା ଦେଖି ଜାଲ ବସାଇଥିବା ମତ୍ସ୍ୟଜୀବୀ ଖସି ଚାଲିଯାଇଥିଲେ।





ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ 'ସକାଳ' ଓ 'ନବିଘୋଷ' ତରଫରୁ ଆୟୋଜିତ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୫' ପ୍ରଦାନ ଉତ୍ସବରେ ଅତିଥିଙ୍କ ସହ କେନ୍ଦ୍ରାପଡ଼ା ଜିଲ୍ଲା ଟପ୍ପର ଓ ବିଭିନ୍ନ ବ୍ଲକ ଟପ୍ପରମାନେ।

## ● ନଦୀ ପଠାରେ କୁଢ଼କୁଢ଼ ପଲିଥିନ ଓ ଆବର୍ଜନା

# ପରିବେଶ ପ୍ରତି ସୃଷ୍ଟି କରୁଛି ବିପଦ



କେନ୍ଦ୍ରାପଡ଼ା,୧୬ା୫(ସମିସ): ଗୋବରୀ ନଦୀ ପଠାରେ ହଜାର ହଜାର ଟନ ପଲିଥିନ ଓ ଆବର୍ଜନା ଜମା ହୋଇଛି। କେନ୍ଦ୍ରାପଡ଼ା ପୌରସଂସ୍ଥାର ହଜାରି ବଗିଚାଠାରେ ଡମ୍ପିଂୟାର୍ଡର ଠିକ ଆଗରେ ଏଭଳି ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା ହେଲେ ସମସ୍ତ ପଲିଥିନ ନଦୀ ଭିତରକୁ ଚାଲିଯିବା ଆଶଙ୍କା ସୃଷ୍ଟି କରିଛି। ଅନ୍ୟପକ୍ଷରେ ନଦୀର ଜଳସ୍ତର ବଢିଲେ ପଲିଥିନ ବଙ୍ଗୋପସାଗରରୁ ଚାଲିଯିବ। ଯଦି ତାହା ଘଟେ, ତେବେ ଏହା ପରିବେଶ ପ୍ରତି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି। ଏସବୁ କଠିନ ବର୍ଜ୍ୟବସ୍ତୁ ନିକଟରେ ଥିବା ମ୍ୟୁନିସିପାଲିଟି ଡମ୍ପିଂୟାର୍ଡରେ ଜମା ହେବା ପରିବର୍ତ୍ତେ ନଦୀ ଭିତରେ ଜମା ହୋଇଛି। ସହରର ବିଭିନ୍ନ ୱାର୍ଡରୁ ଆବର୍ଜନା ସଂଗୃହୀତ ହୋଇ ନଦୀପଠାରେ ସଫେଇ ଠିକାଦାର ପକାଇଦେଉଛନ୍ତି। ଆବର୍ଜନାର ପ୍ରମୁଖ ଅଂଶ ହେଉଛି ପଲିଥିନ। ବର୍ଷା ହେଲେ ନଦୀକୂଳରେ ଜମା ହୋଇରହିଥିବା ପଲିଥିନ ନଦୀ ପାଣିରେ ମିଶିଯିବ। ଯାହାକି ନଦୀ ଜଳକୁ ପ୍ରଦୂଷିତ କରିବା ସହ ଜଳଚରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଏମିତିକି ଏହି ପଲିଥିନ୍ ସମୁଦ୍ରକୁ ଚାଲିଯିବ। ଯାହାକି ସାମୁଦ୍ରିକ ଜୀବଙ୍କ ପାଇଁ ବିନାଶର କାରଣ ପାଲଟିବ। ଅଲିଭ୍‌ରିଡଲେ କଇଁଛଙ୍କ ସଙ୍ଗମ ଓ ଅଣ୍ଡାଦାନକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ପରିବେଶବିତ୍ ଆଶଙ୍କା ପ୍ରକାଶ କରିଛନ୍ତି। ଗୋବରୀ ନଦୀରେ ପଲିଥିନ୍ ମିଶିଲେ କେବଳ ଜଳଜୀବ କ୍ଷତିଗ୍ରସ୍ତ ହେବେ ତାହା ନୁହେଁ, ନଦୀକୂଳିଆ ଚାଷଜମି ମଧ୍ୟ ଉତ୍ପାଦନ କ୍ଷମତା ହରାଇବ। ଆଳିଜଙ୍ଗା, ବାଣେଶ୍ୱରପୁର, ହଳଦିଡିହ, ଗୋରୁଆଳ, ନାଗପୁରା, ଚକଡା, କଦଳୀବାଡି ପ୍ରଭୃତି ଗ୍ରାମର ଶହଶହ ଏକର ଚାଷଜମିରେ ଏହି ପଲିଥିନ୍ ମାଡିଯିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଏହି ପଲିଥିନ୍ ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ନଦୀପଠାରେ ପଲିଥିନ ଜମା ହେବା ନେଇ ପରିବେଶବିତ୍ କ୍ଷିତୀଶ କୁମାର ସିଂହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନେସନାଲ ଗ୍ରୀନ ଟ୍ରିବ୍ୟୁନାଲ, କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗକୁ ମଧ୍ୟ ଅବଗତ କରିଛନ୍ତି। କେନ୍ଦ୍ରାପଡ଼ା ମ୍ୟୁନିସିପାଲଟିର ୨୧ଟି ୱାର୍ଡରୁ ଦୈନିକ ପ୍ରାୟ ୪ ଟନ୍‌ରୁ ଅଧିକ ଆବର୍ଜନା ବାହାରୁଛି। ସହରର ଦୁଇଟି ଡମ୍ପିଂୟାର୍ଡକୁ ଏହା ଯିବା କଥା। କିନ୍ତୁ ନଦୀ ପଠାରେ ଫିଙ୍ଗି ଦେଇ ପୌର କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରିଦେଉଛନ୍ତି। ବର୍ଷା ଆରମ୍ଭ ହେବା ପୂର୍ବରୁ ଏସବୁ ପଲିଥିନ୍ ଓ ଆବର୍ଜନାକୁ ଏଠାରୁ ସ୍ଥାନାନ୍ତର କରା ନ ଗଲେ ପରିଣାମ ଭୟଙ୍କର ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଅଟକିଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାମ

ପଞ୍ଚୁପାଣ୍ଡବ,୧୬ା୫(ସମିସ): ସରକାର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ଯୋଜନାର ସୁଫଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଇଁ ତିନିବର୍ଷ ପୂର୍ବେ ବ୍ୟୟ ଅଟକଳ କରାଯାଇଥିଲେ ହେଁ ଏହାର କାମ ଆଗେଇ ପାରିନି। ଫଳରେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏମିତି ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ ଅନ୍ତର୍ଗତ ବେଣିପୁର ପଞ୍ଚାୟତରେ। ପ୍ରଧାନମନ୍ତ୍ରୀ ଯୋଜନାରେ ହେବାକୁ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ପ୍ରାୟ ତିନିବର୍ଷ ପୂରିବ, ଶେଷ ହୋଇପାରିଲାନାହିଁ। ବେଣିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରଶାସନ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶୁଭାରମ୍ଭ ହୋଇଥିଲା। ଏଥିପାଇଁ ୩୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିପାଇଁ କମ୍ୟୁନିଟି ହେଲଥ୍ ଅଫିସର (ସିଏଚଓ)ଙ୍କୁ ନିୟୋଜିତ କରାଯାଇଛି। ତେବେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାମ ଶେଷ ହୋଇ ନ ଥିବାରୁ ଲୋକେ ଚିକିତ୍ସା ଓ ମାଗଣା ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି କେନ୍ଦ୍ର ଶେଷ ହେଲେ ସ୍ଥାନୀୟ ପଞ୍ଚାୟତର ସଦାନନ୍ଦପୁର, ରାଏତୁଣ୍ଡି, ବଜାର ଓ ବେଣିପୁର ଗ୍ରାମର ହଜାର ହଜାର ଲୋକ ଉପକୃତ ହେବେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ହେବା ପାଇଁ ସ୍ଥାନ ସମସ୍ୟା ହେଉଥିବାବେଳେ ପ୍ରଶାସନର ଅବହେଳା ଯୋଗୁଁ ସମସ୍ୟାର ସମାଧାନ ହେଇପାରୁ ନ ଥିବା ଅଞ୍ଚଳବାସୀ କହିଛନ୍ତି। ତୁରନ୍ତ ଜାଗାର ସମସ୍ୟା ଦୂର କରିବା ସହ କାର୍ଯ୍ୟକୁ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତାଳଚୁଆ ସାମୁଦ୍ରିକ ଥାନା ପାଟ୍ରୋଲିଂରେ ଡ୍ରୋନ୍ ସାମିଲ

ରାଜନଗର,୧୬ା୫(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ଅନୁପ୍ରବେଶକାରୀଙ୍କ ଆଡ୍ଡାସ୍ଥଳୀ। ଅନୁପ୍ରବେଶକାରୀ ଜଳପଥରେ ଏ ଅଞ୍ଚଳରେ ପ୍ରବେଶ କରିଥା'ନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଜଳପଥକୁ ଲାଗିକରି ରହିଛି ଅବଦୁଲ କାଲାମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର। ପାକିସ୍ତାନ ସହ ଯୁଦ୍ଧ ପରଠାରୁ ଜଳପଥରେ ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ଦିନ ଓ ରାତିରେ ପାଟ୍ରୋଲିଂ କରାଯାଉଛି। ପୁଲିସର ଜଳପଥ ଓ ସ୍ଥଳପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାମିଲ ହୋଇଛି ଡ୍ରୋନ। ଗତକାଲି ତାଳଚୁଆ ସାମୁଦ୍ରିକ ଥାନାରେ ଡ୍ରୋନ୍ ପହଞ୍ଚିବା ପରେ ଆଜିଠାରୁ ପୁଲିସ ପାଟ୍ରୋଲିଂରେ ଡ୍ରୋନ ସାମିଲ କରିଛି।

ତାଳଚୁଆ ଅଞ୍ଚଳ ବାଂଲା ଅନୁପ୍ରବେଶକାରୀଙ୍କ ଗଡ଼ ହୋଇଥିବାରୁ ଓ ସେମାନେ ଜଳପଥରେ ଯାତାୟାତ କରୁଥିବାରୁ ପୁଲିସ ପାଟ୍ରୋଲିଂ ପାଇଁ ଡ୍ରୋନ ସହାୟକ ହେବ ବୋଲି କୁହାଯାଉଛି। ବାଂଲାଦେଶୀ ଓ ଅପରାଧୀଙ୍କ ଗତିବିଧି ନିରୀକ୍ଷଣ ପାଇଁ ଡ୍ରୋନ ବ୍ୟବହାର କରାଯିବ। ଆଜି ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ ଜଳପଥରେ ପାଟ୍ରୋଲିଂ କରିବା ସହିତ ପ୍ରଥମଥର ପାଇଁ ପାଟ୍ରୋଲିଂ ସମୟରେ ଡ୍ରୋନ ବ୍ୟବହାର କରିଛି। ଜଳପଥରେ କୌଣସି ଅଜଣା କିମ୍ବା ସନ୍ଦିଗ୍ଧ ବୋଟ୍ ଓ ସାମଗ୍ରୀ ଉପରେ ତୀକ୍ଷଣ ନଜର ରଖାଯାଇଛି। ଏ ଅଞ୍ଚଳରେ ବାଂଲା ଅନୁପ୍ରବେଶକାରୀ ବେଧଡକ ପ୍ରବେଶ କରିଥା'ନ୍ତି। ୬ ମାସ ପୂର୍ବେ ତିନୋଟି କଣ୍ଟେନର ପଶ୍ଚିମବଙ୍ଗରୁ ବାଲେଶ୍ୱର ଦେଇ ଭାସି ଭାସି ଆସି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିସିଦ୍ଧାଞ୍ଚଳରେ ଲାଗିଥିଲା। ପାଟ୍ରୋଲିଂ କଡ଼ାକଡ଼ି ସମୟରେ କଣ୍ଟେନର ଭାସି ଭାସି ଆସିଥିଲେ ମଧ୍ୟ କେହି ଜାଣି ନ ପାରିବା ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଥିଲା। ଏ ଅଞ୍ଚଳର ବାଂଲା ଅନୁପ୍ରବେଶକାରୀ ଜଳପଥ ଉପରେ ଅଧିକ ନିର୍ଭର କରୁଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି।



TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

| Sl. | TENDER NO & DATE | JOB DESCRIPTION |
|---|---|---|
| 1. | TPWODL/HS/O/SER/ 2500000957 Date: 17.05.2025 | RC for Hiring of Commercial Vehicles for Revenue Collection for a period of 03 Years across TPWODL, Odisha |
| 2. | TPWODL/HS/O/SER/ 2500000955 Date: 17.05.2025 | RC for Support Services at Meter Testing Lab across TPWODL, Odisha |
| 3. | TPWODL/HS/O/SER/ 2500000958 Date: 17.05.2025 | RC for Support Services at Safety Department across TPWODL, Odisha |

Interested bidders are to submit Tender Participation Fee and Authorization Letter through email before **26th May 2025, 17:00 Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- **Head- Contracts & Procurement**

# ସମ୍ପାଦକୀୟ



ଗୋଟିଏ ଅଙ୍ଗଦାନ ନିଷ୍ପତ୍ତି ସର୍ବାଧିକ ଆଠଟି ଜୀବନ ବଞ୍ଚାଇ ପାରେ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ଅନେକ ଜୀବନର ସାହାରା ହୋଇପାରେ।
-ବାରାକ୍ ଓବାମା

ସକାଳ
THE SAKALA

## ବାଧ୍ୟବାଧକତା

କିଛି ହୋଇନି, ସବୁ ଠିକ୍ ଠାକ୍ ଅଛି। ସତ୍ୟକୁ ସ୍ୱୀକାର କରିବା ସକାଶେ ଯେଉଁ ସାହସ ଦରକାର ତାହାର ବ୍ୟାପକ ଅନୁଭୂତ ହୋଇଛି। ଯିଏ ବିପର୍ଯ୍ୟୟ ଘଟାଇଛି ଓ ଯିଏ ବିପର୍ଯ୍ୟସ୍ତ ହୋଇଛି, ଉଭୟ ପକ୍ଷ ନିରବ। କାହା ପାଇଁ ସମ୍ମାନର ପ୍ରଶ୍ନ ଓ କାହା ପାଇଁ ଆନ୍ତର୍ଜାତିକ ସମୁଦାୟର ଦୋଷାରୋପ ସମ୍ଭାବନା। ତେଣୁ ଅସଲ ନିର୍ଯାସ ସାମ୍ନାକୁ ଆସୁନାହିଁ। ତେବେ ଘଟଣାକ୍ରମ ଉପରେ ସତର୍କ ଦୃଷ୍ଟି ରଖିଥିବା ବିଶେଷଜ୍ଞ ଓ ସମୀକ୍ଷକ ଯେଉଁ ତଥ୍ୟ ପ୍ରକାଶ କରୁଛନ୍ତି, ତାହାକୁ ସୂତ୍ର ଖଣ୍ଡନ କରିଚାଲିଛି। ଏଭଳି ବିବାଦୀୟ ପରିସ୍ଥିତିରେ ଗୁମର ଖୋଲିବାକୁ ଗଣମାଧ୍ୟମ ସାହସ କରୁନାହିଁ। ଏହି ଅଚଳାବସ୍ଥା ମଧ୍ୟରେ ପତିଆରା ଓ ପ୍ରଭୁତ୍ୱ ପ୍ରଦର୍ଶନ ପାଇଁ ପାକିସ୍ତାନ ସୁଯୋଗ ସୃଷ୍ଟି କରି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟବର୍ତ୍ତୀ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ନା ଭାରତ ପ୍ରତିବାଦ କରିପାରୁଛି, ନା ସତ୍ୟକୁ ସାମ୍ନାକୁ ଆଣିପାରୁଛି। ପାକିସ୍ତାନ ବାୟୁସେନାର ୨୦ ପ୍ରତିଶତ ଭିତ୍ତିଭୂମି କେବଳ ଧୂଳିସାତ ହୋଇନି, 'କିରାନା ହିଲ୍ସ' ଆଣବିକ ଅସ୍ତ୍ରାଗାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେଠାରୁ ନିର୍ଗତ ତେଜସ୍କ୍ରିୟ ରଶ୍ମି ବିକିରଣକୁ ବିଭିନ୍ନ ମହଲରୁ ଅସ୍ୱୀକାର କରାଯାଉଥିଲେ ମଧ୍ୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହୋଇଛି ଯେ ସେଠାରେ କିଛି ନା କିଛି ଘଟିଛି। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଥିବାର ଅନୁଭବ କରି ଶେଷ ମୁହୂର୍ତ୍ତରେ ପାକିସ୍ତାନ ଆମେରିକା ନିକଟରେ ଫେରାଦ ହୋଇଛି। କାରଣ ଏ କ୍ଷେତ୍ରରେ ସେ ହିଁ ସୁରକ୍ଷାର ଢାଲ ହୋଇପାରିବ। କେବଳ ନିଜ ସୁରକ୍ଷା ନୁହେଁ, ପ୍ରତିପକ୍ଷ ଭାରତ ଉପରେ ମଧ୍ୟ ଆମେରିକା ଚାପ ପ୍ରୟୋଗ କରିପାରିବ। ଏଠାରେ ବାଣିଜ୍ୟ ସମ୍ପର୍କ ନୁହେଁ, ପାକିସ୍ତାନର ଆଣବିକ ଅସ୍ତ୍ରାଗାରରେ କ୍ଷତି ପହଞ୍ଚାଇ କାଇଲି ହୋଇଯାଇଛି ଭାରତ। ତେଣୁ ତ ଏତେ ଆଲୋଚନା ଓ ସମାଲୋଚନା ସତ୍ତ୍ୱେ ନିରବ ରହିଛି ଭାରତ।

ଏକଥା ସତ ଯେ ଆମେରିକା ଆଣବିକ ବିପଦର ମୁକାବିଲା ପାଇଁ ଉଦ୍ଦିଷ୍ଟ ଆମେରିକାର ବି୩୫୦ ଏଏମ୍ଏସ୍ ବିମାନ ପାକିସ୍ତାନରେ ପହଞ୍ଚିଛି। ଆକାଶମାର୍ଗରୁ ସେ ଯେଉଁ କାର୍ଯ୍ୟରେ ନିୟୋଜିତ ଅଛି, ତାହା ଦୁଇପକ୍ଷଙ୍କୁ ଜଣା। କିରାନା ହିଲ୍ସ ଆକାଶମାର୍ଗରୁ ଏହି ବିମାନ କେବଳ ନିରୀକ୍ଷଣ କରୁନି, ବିକିରଣ ହେଉଥିବା ତେଜସ୍କ୍ରିୟ ରଶ୍ମିରୁ ସମ୍ଭାବ୍ୟ ବିପଦକୁ ପ୍ରତିହତ କରୁଛି। ଆମେରିକା ଓ ପାକିସ୍ତାନ ମଧ୍ୟରେ ହୋଇଥିବା ବୁଝାମଣାର ଏହି ଦିଗ ଏପର୍ଯ୍ୟନ୍ତ ଆଲୋଚନା ପରିସରକୁ ଆସିନି। ଏହି ଘଟଣାକୁ କିଛି ଲୋକ ଅସତ୍ୟ କହିବାରେ ଆମର କିଛି ଯାଏ ଆସେ ନାହିଁ। ମିଶରର ନୀଳନଦୀ ଉପତ୍ୟକାରେ ଗଚ୍ଛିତ ଥିବା ମୂଲ୍ୟବାନ ବୋରନ ପରିବହନ ବିମାନଯୋଗେ ପାକିସ୍ତାନରେ ଆସି ପହଞ୍ଚାଇବା ଉଦ୍ଦେଶ୍ୟ କ'ଣ? ରୁଷିଆର ଚେର୍ଣ୍ଣୋବିଲ୍‌ରେ ଘଟିଥିବା ଆଣବିକ ଦୁର୍ଘଟଣା ସ୍ଥଳକୁ ବିପୁଳ ପରିମାଣର ବୋରନ ପଠାଯାଉଥିଲା। ତାହା ହିଁ ବିକିରଣକୁ ନିଷ୍କ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଯଦି କିରାନା ହିଲ୍ସରେ କିଛି ଘଟିନି ତେବେ ବୋରନ ସଂଗ୍ରହର ଆବଶ୍ୟକତା କ'ଣ ଅଛି ପାକିସ୍ତାନର? ଏପରିକି ବିଶ୍ୱରେ ଆଣବିକ କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ଏଆଇଇଏ ସଂଗଠନ ମଧ୍ୟ ଘଟଣାର ଦୃଢ଼ ଖଣ୍ଡନ କରିଛି। ଏବେ ବି ଆମର ମନେ ଅଛି ଇରାକ୍‌ରୁ ସଦାମ ହୁସେନଙ୍କୁ କ୍ଷମତାରୁ ହଟାଇବା ପାଇଁ ଆମେରିକା ଏଆଇଇଏକୁ ବ୍ୟବହାର କରିଥିଲା। ସେଠାରେ ବିପୁଳ ରାସାୟନିକ ଓ ଅନ୍ୟାନ୍ୟ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ମହଜୁଦ ଥିବାର ରିପୋର୍ଟ ଦେଇଥିଲା ଏହି ଏଜେନ୍ସି। ହେଲେ ସଦ୍ଦାମ ନିହତ ହେବା ସହ ତାଙ୍କ କ୍ଷମତାକେନ୍ଦ୍ରକୁ ଆମେରିକା ଧୂଳିସାତ କରିଦେଇଥିଲେ ମଧ୍ୟ ସେଠାରୁ ମିଳିଲା କ'ଣ? ଆମର ଏଠାରେ କହିବାର କଥା ହେଲା, ଆମେରିକା ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ଏହି ଏଜେନ୍ସି ଟ୍ରମ୍ପଙ୍କ ସ୍ୱାର୍ଥରକ୍ଷା ସକାଶେ ମିଛ ପ୍ରତିକ୍ରିୟା ପ୍ରକାଶ କରୁନି ତ?

ଆମେ ଏଠାରେ ସମସ୍ତଙ୍କୁ ମନେ ପକାଇ ଦେବାକୁ ଚାହୁଁ ଯେ 'ଅପରେସନ ସିନ୍ଦୂର'ର ପରାକ୍ରମ ସମ୍ପର୍କରେ ସାମରିକ ବାହିନୀ ପକ୍ଷରୁ ତଥ୍ୟ ପ୍ରଦାନ ବେଳେ ଏହି ପ୍ରସଙ୍ଗ ନେଇ ସାମ୍ବାଦିକଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ବାୟୁସେନା ପ୍ରମୁଖ ଉତ୍ତର ଦେଇଥିଲେ, କିରାନା ହିଲ୍ସରେ ପାକିସ୍ତାନ ଯେ ଆଣବିକ ଅସ୍ତ୍ର ଗଚ୍ଛିତ ରଖିଛି, ଏ ତଥ୍ୟ ଆମ ନିକଟରେ ନାହିଁ। ବାୟୁସେନା ପାଇଁ ଏହି ପ୍ରଶ୍ନ ହିଁ ଏକ ନୂଆ ତଥ୍ୟ ହୋଇପାରେ। ଏଭଳି ଏକ ଉତ୍ତର ପରେ ସେହିଠାରେ ହିଁ ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ପାକିସ୍ତାନର ଏକାଧିକ ଗୁରୁତ୍ୱପୂର୍ଣ୍ଣ ବାୟୁସେନା କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସବୁଠାରୁ ଅଧିକ ବିପର୍ଯ୍ୟୟ ଘଟିଛି ସର୍ଗୋଧା ଓ ଗୁଲାରିରେ। ସେଠାରେ ଅଣୁଅସ୍ତ୍ର ପରିବହନ କ୍ଷମତା ଥିବା ସବୁଠାରୁ ବିଚକ୍ଷଣ ଯୁଦ୍ଧ ବିମାନ-ଏଫ୍-୧୬ ଓ ଜେଏଫ୍-୧୭ ମହଜୁଦ ଥିଲା। ସର୍ଗୋଧା ସହ ସଂଯୋଗ ଥିବା କିରାନା ହିଲ୍ସ ଟନେଲ, ନୁରଖାନ୍ ଏୟାରବେସ୍, ପିଏଏଫ୍ ମୁସାଫ୍, ଭୋଲାରୀ ଏୟାରବେସ୍ ଏହି କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହେବା କିଛି ବିଚିତ୍ର ନୁହେଁ। ଏହାକୁ ଉଦ୍ଦେଶ୍ୟପୂର୍ଣ୍ଣ ଆକ୍ରମଣ ସାବ୍ୟସ୍ତ କଲେ ଭାରତର ଆଣବିକ କାର୍ଯ୍ୟକ୍ରମ ଉପରେ କଟକଣା ପ୍ରୟୋଗ ଭଳି ଆଶଙ୍କା ଥିବାରୁ ସେନା ଓ ସରକାର ନିରବ ଥିବା ଭଳି ମନେହୁଏ। ବରଂ ଆମ ପରାକ୍ରମ ପରିଚିତି ନ ପାଉ ହେଲେ ଭାରତ କଟକଣାର ସମ୍ମୁଖୀନ ନହେଉ। ଏଭଳି ଏକ ବୃହତ୍ତର ସ୍ୱାର୍ଥର ସୁରକ୍ଷା ପାଇଁ ରାଜନୈତିକ ଉଚ୍ଚାକାଂକ୍ଷା ବଳି ପଡ଼ିଥିବା ଭଳି ମନେହୁଏ। ଏଠାରେ ମନେପକାଇ ଦିଆଯାଇ ପାରେ କି ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଭାରତ ବିରୋଧରେ ଆଣବିକ ଅସ୍ତ୍ର ପ୍ରୟୋଗ ଚେତାବନୀ ଦେଇ ଯେଉଁ ଅହଂକାର ପ୍ରଦର୍ଶନ କରିଥିଲେ, ତାହାର ମଧୁର ପ୍ରତିଶୋଧ ନେବାକୁ ସମର୍ଥ ହୋଇଛି ଭାରତ।

ଏକାଧିକ ବିଫଳତା ମଧ୍ୟରେ ସଫଳତା ଖୋଜୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲା ପାକିସ୍ତାନ। ଚୀନ୍‌ର ସାହାଯ୍ୟ ଓ ସହଯୋଗ ସତ୍ତ୍ୱେ ପାକିସ୍ତାନ ଅସୁରକ୍ଷିତ। ଚୀନ ପ୍ରଦତ୍ତ ଏଚ୍‌କ୍ୟୁ- ୯ ଓ ପିଏଲ୍-୧୫ ଏୟାର ଡିଫେନ୍ସ ଆଣ୍ଟି ମିସାଇଲ୍ ସିଷ୍ଟମ ଭାରତର ବାୟୁସେନା ଆକ୍ରମଣକୁ ପ୍ରତିହତ କରିପାରିନି। ବରଂ ବ୍ୟବସ୍ଥାକୁ ଜଖମ କରି ବାୟୁସେନା କେନ୍ଦ୍ରରେ ବିପର୍ଯ୍ୟୟ ଘଟାଇଛି। ଏହାଛଡ଼ା ଭାରତ ଉପରେ ପ୍ରଭାବ ପକାଇବାର ସାମର୍ଥ୍ୟ ଆମେରିକାର ଥିବାରୁ ପାକିସ୍ତାନ ପାଇଁ ଶରଣ ପଶିବାର ବାଧ୍ୟବାଧକତା ସୃଷ୍ଟି ହୋଇଥିଲା। ବିଶ୍ୱ ବ୍ୟବସ୍ଥାରେ ଚୀନ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ମଧ୍ୟ ତାହାର ନିକଟତମ ସହଯୋଗୀକୁ ଟ୍ରମ୍ପ ଆଶ୍ରୟ ଦେଇ ନିଜ ସ୍ୱାର୍ଥର ସାମୟିକ ପୂର୍ତ୍ତି ହାସଲ କରିଛନ୍ତି ସତ, ଦକ୍ଷିଣ ଏସିଆ କୂଟନୀତିରେ କିନ୍ତୁ ତ୍ରୁଟିପୂର୍ଣ୍ଣ ଗୋଟିଚାଳନା କରି ସ୍ଥାୟୀ ବନ୍ଧୁରାଷ୍ଟ୍ରର ସହଯୋଗ ହରାଇଥିବା ସ୍ୱୀକାର କରିବାକୁ ହେବ। ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ହାସଲ କରିଥିବା ସିମଳା ରାଜିନାମାକୁ ଉଲ୍ଲଙ୍ଘନ କରି ସେ କୂଟନୈତିକ ସମ୍ପର୍କରେ ଖସଡ଼ା ପରମ୍ପରା ସୃଷ୍ଟି କରିଛନ୍ତି। କେବଳ ସେତିକି ନୁହେଁ, ଆନ୍ତର୍ଜାତିକ ସ୍ତରରେ ଏହା ସପକ୍ଷରେ ବିଶ୍ୱସନୀୟତା ସୃଷ୍ଟି ପାଇଁ ସେ ବାରମ୍ବାର ଏହି ବକ୍ତବ୍ୟକୁ ଦୋହାରାଇଛନ୍ତି।

## ଅଂଶୁଘାତକୁ ସାବଧାନ!

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଜ୍ୱର ଭଳି ପରିସ୍ଥିତି ନ ଉପୁଜିଲେ ଆମ ଦେହର ତାପମାତ୍ରା ରହିଥାଏ ୯୮.୪ ଡିଗ୍ରୀ ଫାରେନ୍‌ହିଟ୍‌ର ୧ କିମ୍ବା ୨ ଡିଗ୍ରୀ କମ୍ ବା ବେଶୀ। ଶରୀର ଭିତରର ଓ ବାହାରର ନାନା ଉଦ୍ଦୀପକର କ୍ରିୟା ସତ୍ତ୍ୱେ ଆମ ମସ୍ତିଷ୍କର ହାଇପୋଥାଲାମସ ଅଂଶଟି ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ। ଯେପରିକି ଗ୍ରୀଷ୍ମର ସମୟରେ ଶରୀରର ତାପମାତ୍ରା ବଢ଼ିଗଲେ ଆମ ଦେହରୁ ଝାଳ ବୋହି ଶରୀର ଥଣ୍ଡା ହୋଇଯାଏ। କିନ୍ତୁ ପରିବେଶର ତାପମାତ୍ରା ଯଦି ଖୁବ୍ ବଢ଼ିଯାଏ ଏବଂ ଶରୀରରେ ଜଳ ଅଭାବ ଥାଏ, ତା'ହେଲେ ହାଇପୋଥାଲାମସ୍‌ଟି ପକ୍ଷେ ଏହି ତାପମାତ୍ରାର ନିୟନ୍ତ୍ରଣ ସମ୍ଭବ ହୋଇପାରେନି। ଫଳରେ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ବଢ଼ିବା ଆରମ୍ଭ କରେ। ପରିବେଶର ତାପମାତ୍ରା ୪୨-୪୩ ଡିଗ୍ରୀ ସେଲସିୟସ ହୋଇଯିବାର ଅର୍ଥ ହେଲା ତାହା ପ୍ରାୟ ୧୧୦ ଡିଗ୍ରୀ ଫାରେନ୍‌ହିଟ୍‌ର ପାଖାପାଖି ପହଞ୍ଚିଯିବ। ଏପରି ତୀବ୍ର ତାପର ପ୍ରଭାବରେ ଦେହର ତାପମାତ୍ରା ବଢ଼ି ୪୦ ଡିଗ୍ରୀ ସେଲସିୟସ ପାର ହୋଇଗଲେ ହିଁ ଜାତ ହୋଇପଡ଼େ ବିପଦ। ଶରୀରରେ ପ୍ରକାଶ ପାଏ ତୀବ୍ର ପ୍ରତିକ୍ରିୟା। ତାପ ପ୍ରଭାବରେ କ୍ଷିତିଗ୍ରସ୍ତ କୋଷଗୁଡ଼ିକରୁ ବାହାରିପଡ଼େ ସାଇଟୋକାଇନ୍ ଏବଂ ହିଟ୍‌ସକ୍ ପ୍ରୋଟିନ୍, ଯାହା ସ୍ନାୟୁକୁ ଆକ୍ରମଣ କରେ। ଏହା ଫଳରେ କେତେକ ବ୍ୟକ୍ତି ହଠାତ ଅଚେତ ହୋଇପଡ଼ନ୍ତି। ଏହିପରି ଘଟଣା ଘଟିଲେ ତା'କୁ କୁହାଯାଏ ହିଟ୍ ଷ୍ଟ୍ରୋକ୍ ବା ଅଂଶୁଘାତ। କେହି କେହି କୋମା ବା ଦୀର୍ଘ ଅଚେତନ ଅବସ୍ଥାକୁ ଚାଲିଯା'ନ୍ତି। ହିଟ୍ ଷ୍ଟ୍ରୋକ୍ ହେବାର ପରିସ୍ଥିତି ଉପୁଜିବାର ପ୍ରସ୍ତୁତି ଯେ ଆରମ୍ଭ ହୋଇଗଲାଣି, ତାହା ବୁଝାଯାଏ ଆହୁରି ତିନିଟି ଅବସ୍ଥାର ଲକ୍ଷଣକୁ ଦେଖି। ଏଗୁଡ଼ିକ ହେଲା ଯଥାକ୍ରମେ ହିଟ୍‌କ୍ରାମ୍ପ୍ ବା ତାପ ବୃଦ୍ଧିଜନିତ ପେଶୀଯନ୍ତ୍ରଣା, ହିଟ୍ ଏଗ୍‌ଜିଶ୍ଚନ ବା ତାପବୃଦ୍ଧିଜନିତ କ୍ଳାନ୍ତି ଓ ଏହାପରେ ଆସେ ହିଟ୍ ଷ୍ଟ୍ରୋକ୍ ବା ଅଂଶୁଘାତ।

ତୀବ୍ର ଗରମରେ ଅନେକଙ୍କ ପେଶୀରେ ଯନ୍ତ୍ରଣା ହୋଇଥାଏ। ଏପରି ହେବାର ପଶ୍ଚାତରେ ମୂଳ କାରଣ ହେଲା ଝାଳ। ଝାଳସହ ଶରୀରରୁ ବାହାରିଯାଏ ସୋଡିୟମ ଏବଂ ପୋଟାସିୟମ ବା ଇଲେକ୍‌ଟ୍ରୋଲାଇଟ୍‌ସ। ପୁନଶ୍ଚ ଶରୀରରେ ଜଳର ଅଭାବ ହେଲେ ମଧ୍ୟ ଜାତ ହୋଇପାରେ ମସଲ କ୍ରାମ୍ପ ବା ପେଶୀ ଯନ୍ତ୍ରଣା। ଏହି ଧରଣର ଜଟିଳତା ବେଶୀ ପ୍ରକାଶ ପାଏ ପାଦ, ଗୋଡ଼ ଓ ଜଙ୍ଘର ପେଶୀରେ। ଏହିପରି ଭାବରେ ପେଶୀରେ ଯନ୍ତ୍ରଣା ହେଲେ ଗୋଟିଏ ଜାଗାରେ ବସିପଡ଼ି ବିଶ୍ରାମ ହେବା ହିଁ ବାଞ୍ଛନୀୟ। ଏହାଛଡ଼ା ଦୁଇ ହାତର ପାପୁଲି ଦ୍ୱାରା ଯନ୍ତ୍ରଣା ହେଉଥିବା ପେଶୀଗୁଡ଼ିକୁ ମର୍ଦ୍ଦନ କରନ୍ତୁ। ଏକାସାଙ୍ଗରେ ପର୍ଯ୍ୟାପ୍ତ ପରିମାଣର ଜଳ ପିଇବା ଜରୁରୀ। ଲେମ୍ବୁ, ଲୁଣ, ଚିନିର ସରବତ ପିଇଲେ ଆହୁରି ଭଲ। ବେଶୀ ଫାଇଦା ମିଳିବ ୧ ଲିଟର ଜଳରେ ୧ ପ୍ୟାକେଟ୍ ଓଆର୍‌ଏସ୍ ପାଉଡର ମିଶେଇ ଅଳ୍ପ ଅଳ୍ପ କରି ପିଇବା। ଏହାଦ୍ୱାରା ଶରୀରରେ ଜଳ ସହିତ ଇଲେକ୍‌ଟ୍ରୋଲାଇଟ୍‌ସର ଅଭାବ ମଧ୍ୟ ସହଜରେ ଭରଣା ହୋଇଯିବ।

ଦୀର୍ଘ ସମୟ ଉଷ୍ମ ପରିବେଶରେ କଟେଇଲେ ମୁଣ୍ଡବଥା, ନାଡ଼ିର ହାର ବୃଦ୍ଧି ମଥା ଘୂରେଇବା, ମାନସିକ ବିଭ୍ରାନ୍ତି ଏବଂ ଅଚେତ ହୋଇପଡ଼ିବା ଭଳି ଉପସର୍ଗମାନ କାହା କାହାଠାରେ ପ୍ରକାଶ ପାଏ। ଉଚ୍ଚ ତାପମାତ୍ରା ଯୋଗୁଁ ଧମନୀ ପ୍ରସାରିତ ହୋଇଯାଏ ଏବଂ ହ୍ରାସ ପାଇଯାଏ ରକ୍ତଚାପ। ବିଶେଷକରି ଉଷ୍ମ ପରିବେଶରେ ପ୍ରାନ୍ତୀୟ ବା ହାତ-ପାଦର ରକ୍ତବାହୀ ନଳୀଗୁଡ଼ିକ ପ୍ରସାରିତ ହୋଇଯିବାରୁ ସେଠାରୁ ରକ୍ତକୁ ଠେଲି ମସ୍ତିଷ୍କକୁ ପଠେଇବାରେ ବାଧା ଉପୁଜେ। ମସ୍ତିଷ୍କରେ ଅକ୍ସିଜେନ୍, ଗ୍ଲୁକୋଜ ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଉପାଦାନ ପହଞ୍ଚି ନ ପାରିବା କାରଣରୁ ଜାତ ହୋଇପଡ଼େ ନାନାବିଧ ସମସ୍ୟା। ଏହି ଧରଣର ସମସ୍ୟାକୁ କୁହାଯାଏ ହିଟ୍ ସିନ୍‌କୋପ ବା ଚାପଜନିତ ସଞ୍ଜ୍ଞାଲୋପ। ବୟସ୍କ ବ୍ୟକ୍ତି, ଯେଉଁମାନଙ୍କ ରକ୍ତବାହୀ ନଳୀଗୁଡ଼ିକର ସଂକୋଚନ-ପ୍ରସାରଣ କ୍ଷମତା ହ୍ରାସ ପାଇଯାଇଥାଏ, ସେମାନଙ୍କ ଠାରେ ଏଭଳି ସମସ୍ୟା ବେଶୀ ହେବାର ପରିଲକ୍ଷିତ ହୁଏ। ତେବେ ଅଳ୍ପ ବୟସୀମାନଙ୍କଠାରେ ମଧ୍ୟ ଜାତ ହୋଇପାରେ ହିଟ୍ ସିନ୍‌କୋପ। ରାସ୍ତାଘାଟରେ ହିଟ୍ ସିନ୍‌କୋପ୍ ହେଲେ କାଳବିଳମ୍ବ ନ କରି ଆକ୍ରାନ୍ତ ବ୍ୟକ୍ତିକୁ ଛାଇଥିବା ଜାଗା ବା ଶୀତଳ ସ୍ଥାନକୁ ନେଇ ଶୁଆଇ ରଖନ୍ତୁ। ଅଚେତ ହୋଇପଡ଼ି ନଥିଲେ ଅଳ୍ପ ଅଳ୍ପ କରି ଜଳ ପିଆନ୍ତୁ। ଗୋଡ଼ ଦୁଇଟିକୁ ଭୂଇଁଠାରୁ ଉଚ୍ଚରେ ରଖିଲେ ପାଦ ଅଞ୍ଚଳରୁ ମସ୍ତିଷ୍କକୁ ରକ୍ତପ୍ରବାହ ସୁଗମ ହୋଇ ଚଞ୍ଚଳ ଉପଶମ ମିଳିବ।

ବାୟୁରେ ଜଳୀୟବାଷ୍ପର ମାତ୍ରା ବେଶୀ ହୋଇ ପ୍ରଚଣ୍ଡ ଗୁଳୁଗୁଳି ହେଲେ ଶରୀରର ତାପମାତ୍ରା ସ୍ୱାଭାବିକ ତୁଳନାରେ ବଢ଼ି ପ୍ରକାଶ ପାଇପାରେ ହିଟ୍ ଏଗ୍‌ଜଶନ। ଉପସର୍ଗ ହିସାବରେ ନାଡ଼ିର ଗତି ବଢ଼ି ଯାଇପାରେ, ଦେହରୁ ବେଶୀ ଝାଳ ବହେ, ମୁଣ୍ଡ ବୁଲାଏ, ପ୍ରବଳ ହାଲିଆ ଲାଗେ ଏବଂ କମିଯାଏ ରକ୍ତଚାପ। ଅନେକଙ୍କଠାରେ ଦେଖାଦେଇପାରେ ବାନ୍ତି ଓ ତରଳଝାଡ଼ା ଭଳି ସମସ୍ୟା। ଠିକ୍ ସମୟରେ ପ୍ରତିକାର ବ୍ୟବସ୍ଥା ନ କଲେ ହିଟ୍ ଏଗ୍‌ଜଶନରୁ ହିଟ୍‌ଷ୍ଟ୍ରୋକ୍ ହେବାର ଆଶଙ୍କା ବଢ଼ିଯାଏ। ବୟସ୍କଙ୍କ କ୍ଷେତ୍ରରେ ଏହି ଆଶଙ୍କା ଅଧିକ। ଏହି ଉପସର୍ଗ ଦେଖାଦେଲେ ତୁରନ୍ତ ଗାମୁଛା କି ତଉଲିଆକୁ ଥଣ୍ଡାପାଣିରେ ଭିଜେଇ ସାରା ଦେହକୁ ପୋଛି ପକେଇଲେ ଉପଶମ ମିଳେ। ୧୦ ବର୍ଷ ବୟସରୁ କମ୍ ବୟସ୍କ ପିଲାଙ୍କର ମଧ୍ୟ ଏପରି ସମସ୍ୟା ହୋଇପାରେ। ତେଣୁ ସତର୍କ ରହିବା ଉଚିତ।

ଅଂଶୁଘାତର ଉପସର୍ଗ ବା ଲକ୍ଷଣଗୁଡ଼ିକ ସମ୍ପର୍କରେ ଜାଣିବା ଜରୁରୀ। ଆକ୍ରାନ୍ତ ବ୍ୟକ୍ତି ବାଉଳିଚାଉଳି ହୋଇ ଅସଂଲଗ୍ନ କଥା କହେ। ବଢ଼ିଯାଏ ଶ୍ୱାସ ପ୍ରଶ୍ୱାସର ଗତି। ହଠାତ୍ ଚେତା ବୁଡ଼ିଯାଏ। ଚର୍ମ ହୋଇପଡ଼େ ଶୁଷ୍କ। ଶରୀର ଜଳଶୂନ୍ୟ ହୋଇଯିବା ହେତୁ ଦେହରୁ ଝାଳ ବାହାରେନି। କାହାକୁ କାହାକୁ ବାତ ମାରିପାରେ ମଧ୍ୟ। ଏପରି ଅବସ୍ଥା ଦେଖିଲେ କାଳବିଳମ୍ବ ନ କରି ରୋଗୀକୁ କୌଣସି ଶୀତଳ ସ୍ଥାନରେ ଶୁଆଇ ଦିଅନ୍ତୁ। କୋଠରିର ପଙ୍ଖା ଚଳେଇ ଦିଅନ୍ତୁ ଜୋରରେ। ପଙ୍ଖା ନ ଥିଲେ ବିଞ୍ଚଣାରେ ବିଞ୍ଚିଚାଲନ୍ତୁ। ଶୀତତାପ ନିୟନ୍ତ୍ରିତ କୋଠରୀରେ ରଖିଲେ ବେଶୀ ଭଲ। ଖୋଲି ପକାନ୍ତୁ; ରୋଗୀର ପୋଷାକପତ୍ର। ତାର ଶରୀରକୁ ଥଣ୍ଡା ଜଳରେ ଗାଧୋଇ ଦିଅନ୍ତୁ। ନୋହିଲେ ତଉଲିଆ ଭିତରେ ବରଫ ରଖି ରୋଗୀକୁ ପୋଛି ଦିଅନ୍ତୁ। କାଖ, ବେକ ଓ କପାଳରେ ପାଣିପଟି ପକାନ୍ତୁ। ଏହାପରେ ଯେତେ ଚଞ୍ଚଳ ସମ୍ଭବ ରୋଗୀକୁ ନେଇ ଯାଆନ୍ତୁ ହସ୍ପିଟାଲକୁ। ସାଧାରଣତଃ ବୟସ ବୃଦ୍ଧି ସହ ହିଟ୍ ଷ୍ଟ୍ରୋକ୍‌ର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଟ୍ରାଫିକ୍ ପୁଲିସ, ଖରାତରାରେ କାମ କରୁଥିବା କୃଷକ, ଶ୍ରମିକ, ରିକ୍ସା ଚାଳକ, ବୁଲା ବିକାଳି ଇତ୍ୟାଦି ହିଟ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇପଡ଼ିବାର ସମ୍ଭାବନା ବେଶୀ। ବାୟୁ ଚଳାଚଳ ହେଉ ନଥିବା ଏବଂ ଝରକା ନଥିବା ଆବଦ୍ଧ କୋଠରିରେ ରହିଲେ ହିଟ୍‌ଷ୍ଟ୍ରୋକ୍ ଆଶଙ୍କା ବଢ଼ିଯାଏ।

ଏପରି କେତେକ ଔଷଧ ଅଛି, ଯାହା ଦେହରେ ଜଳ ଯୋଗାଣକୁ ବଜାୟ ରଖିବା ଏବଂ ପରିବେଶର ତାପମାତ୍ରା ବୃଦ୍ଧିର ସହିତ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ନିୟନ୍ତ୍ରଣ କରିବା କ୍ଷମତାକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ ରକ୍ତବାହୀ ନଳୀକୁ ସଂକୁଚିତ କରିଦେଉଥିବା ଔଷଧ, ରକ୍ତଚାପ ନିୟନ୍ତ୍ରଣକାରୀ ବିଟା ବ୍ଲକର ଔଷଧ, ଶରୀରରୁ ସୋଡିୟମ-ପୋଟାସିୟମ ନିଷ୍କାସନ କରିଦେଉଥିବା ଡାଇୟୁରେଟିକ୍ସ, ମାନସିକ ରୋଗ ଚିକିତ୍ସାରେ ବ୍ୟବହୃତ ଔଷଧ ଇତ୍ୟାଦିର ଉଲ୍ଲେଖ କରାଯାଇପାରେ। ଏହି ଧରଣର ଔଷଧ ଚିକିତ୍ସାରେ ଥିବା ରୋଗୀ ହିଟ୍ ଷ୍ଟ୍ରୋକ୍‌କୁ ନେଇ ବେଶୀ ସତର୍କ ରହିବା ଦରକାର। ଅତିରିକ୍ତ ମଦ୍ୟପାନ ଶରୀରର ତାପମାତ୍ରା ନିୟନ୍ତ୍ରଣ ସାମର୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକେଇଥାଏ। ଏହାଛଡ଼ା ସ୍ଥୂଳକାୟ ବ୍ୟକ୍ତି, ଅଳସ ଜୀବନ ଯାପନରେ ଅଭ୍ୟସ୍ତ ବ୍ୟକ୍ତି ହଠାତ କରି ଶାରୀରିକ ଶ୍ରମର କାର୍ଯ୍ୟ କଲେ ହିଟ୍‌ଷ୍ଟ୍ରୋକ୍ ହେବାର ଆଶଙ୍କା ବେଶୀ ଥାଏ। କୌଣସି ବ୍ୟକ୍ତି ପୂର୍ବରୁ ହିଟ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇଥିଲେ ପୁନର୍ବାର ଆକ୍ରାନ୍ତ ହୋଇପଡ଼ିବାର ଭୟ ବେଶୀ।

ହସ୍ପିଟାଲଗୁଡ଼ିକରେ ଗ୍ରୀଷ୍ମ ଋତୁରେ ହିଟ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରାଯାଇଥାଏ। ସେଠାରେ ରୋଗୀର ଶରୀରକୁ ଥଣ୍ଡା କରିବାର ବ୍ୟବସ୍ଥା ଥାଏ ଏବଂ ସାଲାଇନ୍ ଦେଇ ରୋଗୀକୁ ସୁସ୍ଥ କରାଯାଏ। ତେବେ ସଠିକ୍ ସମୟରେ ଏବଂ ଦ୍ରୁତ ସଠିକ ଚିକିତ୍ସା କରିପାରିଲେ ଏହାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ହିଟ୍ ଷ୍ଟ୍ରୋକ୍ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। କିନ୍ତୁ ଏହାକୁ ଆୟତ୍ତରେ ଆଣିବାରେ ବିଶେଷ ସମସ୍ୟା ନାହିଁ। ତେବେ ଏଥିପାଇଁ ତୁରନ୍ତ ଚିକିତ୍ସା ଲୋଡ଼ା। ତେଣୁ ରାସ୍ତାଘାଟରେ କୌଣସି ବ୍ୟକ୍ତି ହିଟ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇପଡ଼ିଲେ ପ୍ରାଥମିକ ଉପଚାର କରିବା ସଂଗେ ସଂଗେ କାଳବିଳମ୍ବ ନ କରି ତା'କୁ ହସ୍ପିଟାଲକୁ ନେଇଯିବା ନିରାପଦ।

ପ୍ରଥମ କଥା ହେଲା ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଘରୁ ବାହାରକୁ ଯାଆନ୍ତୁ ନାହିଁ। ଖରାରେ ଯିବାକୁ ପଡ଼ିଲେ ଛତା ବ୍ୟବହାର କରନ୍ତୁ। ମୁଣ୍ଡରେ ଟୋପି ଓ ଆଖିରେ କଳା ଚଷମା ପିନ୍ଧନ୍ତୁ। ହାଲୁକା ସୂତାଜାମା ପିନ୍ଧନ୍ତୁ, ଯାହାଫଳରେ ଦେହରୁ ଝାଳ ବାହାରିଲେ ତାହା ସହଜରେ ଶୁଖି ଯାଇପାରିବ। ଏହାଛଡ଼ା ଦେହରେ ବି ଯଥେଷ୍ଟ ପବନ ବାଜିବ। ପ୍ରଚୁର ପରିମାଣରେ ଜଳ ପିଅନ୍ତୁ। ଜଳରେ ଓଆର୍‌ଏସ୍ ମିଶେଇ ଅଳ୍ପ ଅଳ୍ପ କରି ପିଇପାରନ୍ତି। ପଇଡ଼ ପାଣି ଅଧିକ ଭଲ। ଯଥା ସମ୍ଭବ ଶୀତଳ ଛାଇ ଜାଗାରେ ରହିବା ପାଇଁ ଚେଷ୍ଟା କରନ୍ତୁ। ଗାଡ଼ି ଭିତରେ ତାପମାତ୍ରା ବାହାରର ତାପମାତ୍ରା ତୁଳନାରେ ଅନେକ ବେଶୀ ହୋଇଥିବାରୁ ଗାଡ଼ି ଭିତରେ ଥିବା ବ୍ୟକ୍ତି ହିଟ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇପାରେ। ଜୋର୍ କରି ଅଧିକ ଶାରୀରିକ ପରିଶ୍ରମ କରନ୍ତୁ ନାହିଁ। ମଝିରେ ମଝିରେ ବିଶ୍ରାମ ନିଅନ୍ତୁ। ଘର ଭିତରେ ଉପଯୁକ୍ତ ବାୟୁ ପ୍ରବାହର ବ୍ୟବସ୍ଥା କରନ୍ତୁ। ଏୟାରକୁଲର ନଥିଲେ କବାଟ ଝରକାରେ ବେଣାଚେର ବା ଖସଖସର ମଶିଣା ଝୁଲେଇ ତାକୁ ଥଣ୍ଡା ଜଳରେ ଭିଜେଇ ରଖନ୍ତୁ। ଦିନରେ ଦୁଇଥର ଥଣ୍ଡା ପାଣିରେ ଗାଧୋଇବାକୁ ଚେଷ୍ଟା କରନ୍ତୁ।

କଟକ, ମୋ: ୯୪୩୭୭୬୬୧୧୭

## ନିରବତାର ଗୁଞ୍ଜରଣ

କିଶୋର କୁମାର ଜେନା

ଇଂଲିସ୍ କବି ଡ୍ରାଇଡେଡ୍ କହିଥିଲେ, 'ଅଧିକ ଗପୁଥିବା ଲୋକେ କମ୍ ଚିନ୍ତା କରନ୍ତି। ଶ୍ରୀସତ୍ୟସାଇ କହିଛନ୍ତି, 'ଭଗବାନ ଦୁଇଟି କାନ ଓ ଗୋଟିଏ ଜିଭ ଦେଇଛନ୍ତି। ତେଣୁ ଯେତିକି ଶୁଣିବା ତାହାର ଅଧା କହିବା।' ପ୍ରସିଦ୍ଧ ଋଷିଆନ୍ ଔପନ୍ୟାସିକ ମିଖାଇଲ ସୋଲ୍‌କୋଭଙ୍କ ଏକ ଗଳ୍ପର ମୁଖ୍ୟ ଚରିତ୍ର ଗପୁଡ଼ି ସ୍ୱଭାବର। ସୁଯୋଗ ମିଳିବା ମାତ୍ରକେ ଭାଷଣ ଦେବାରେ ଲାଗେ। ପ୍ରତିଥର ଭାଷଣ ଆରମ୍ଭ କରିବା ପୂର୍ବରୁ ଭୂମିକାରେ ସେ କହେ, 'ଭଲ କଥାଟିଏ ଖଣ୍ଡେ ରୂପା ଭଳି ମୂଲ୍ୟବାନ।' ତାଙ୍କ ଭାଷଣ ଶୁଣୁଥିବା ଜଣେ ଶ୍ରୋତା ଦିନେ ହଠାତ୍ ଉଠି କହିଲେ, 'କିନ୍ତୁ ନିରବତା ସୁନା ଭଳି ମୂଲ୍ୟବାନ। ତୁମେ ତୁମର ରୂପାକୁ ସୁନାରେ ପରିଣତ କରୁନାହଁ କାହିଁକି?' ଅର୍ଥାତ୍ ନିରର୍ଥକ କଥା ତୁଳନାରେ ନିରବତା ଶ୍ରେୟସ୍କର।

ପ୍ରାଚୀନ ଭାରତୀୟମାନେ ମଧ୍ୟ ବାକ୍‌ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ। ବୌଦ୍ଧ ଜାତକର ସୁପ୍ରସିଦ୍ଧ କାହାଣୀଟିଏ ଏହିପରି- ବୋଧିସତ୍ତ୍ୱ ଏକଦା ରାଜକୁମାର ରୂପେ ଜନ୍ମ ହୋଇ ସର୍ବଦା ନିରବ ରହୁଥିଲେ। ତାଙ୍କ ଅଭୂତପୂର୍ବ ନିରବତା ତାଙ୍କ ପିତା-ମାତାଙ୍କୁ ଚିନ୍ତିତ କରି ରଖିଥିଲା। ଦିନେ ରାଜକୁମାର ରାଜ ଉଦ୍ୟାନରେ ଧ୍ୟାନରତ ଥିଲେ। ତାଙ୍କୁ ଜଗିଥିଲା ଜଣେ ଦେହରକ୍ଷୀ। ପକ୍ଷୀଟିଏ ଗଛ ଡାଳରେ ଉଚ୍ଚ ସ୍ୱରରେ ରାବିବାକୁ ଲାଗିଲା। କିନ୍ତୁ ରାଜକୁମାରଙ୍କର ଧ୍ୟାନଭଙ୍ଗ ହେଲା ନାହିଁ। ତେବେ ବିରକ୍ତ ହୋଇ ଦେହରକ୍ଷୀ ତୀର ମାରିଲା। ତା'ର ଲକ୍ଷ୍ୟ ଥିଲା ଅବ୍ୟର୍ଥ। ପକ୍ଷୀଟି ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିଲେ ରାଜକୁମାର। ସେ ସଙ୍ଗେ ସଙ୍ଗେ ଦୌଡ଼ିଯାଇ ଆଉଁସି ପକାଇ କହିଲେ, 'ହାୟ! କଥା କହିବାରୁ ସିନା ତୁ ଏଭଳି ଦୁରବସ୍ଥା ଭୋଗିଲୁ।' ଦେହରକ୍ଷୀ ଧାଇଁ ଯାଇ ରାଜାଙ୍କୁ ଏ ସୁଖବର ଶୁଣାଇଲା। ରାଜା ଉଦ୍ୟାନକୁ ଝପଟିଆସି ନିରବରେ ବସିଥିବା ରାଜକୁମାରଙ୍କୁ ଦେଖିଲେ। ହେଲେ ରାଜାଙ୍କ ସମ୍ମୁଖରେ ସେ ମୁହଁ ଖୋଲିଲେ ନାହିଁ। ରାଜା ରାଗିଗଲେ। ରକ୍ଷୀକୁ ମିଥ୍ୟାବାଦୀ ମନେକରି ପ୍ରାଣଦଣ୍ଡ ପାଇଁ ନିର୍ଦ୍ଦେଶ ଦେଲେ। ରକ୍ଷୀଟିକୁ ବଞ୍ଚାଇବାକୁ ଯାଇ ଦ୍ୱିତୀୟ ଥର ପାଇଁ ମୁହଁ ଖୋଲିଲେ ବୋଧିସତ୍ତ୍ୱ - 'କଥା କହିବାରୁ ସିନା ତୋର ଏ ଦଶା ହେଲା।'

ମୌନ ହିଁ ପରମାତ୍ମା। ମୌନ ହିଁ ଏହି ଦେହ, ମନ, ପ୍ରାଣ ଓ ଇନ୍ଦ୍ରିୟମାନଙ୍କର ଆଧାର। ମୌନ ହେଉଛି ଏହି ଜ୍ଞାନମୟ ବିଶ୍ୱର ପୃଷ୍ଠଭୂମି। ମୌନ ହିଁ ଶକ୍ତି। ମୌନ ଏକ ଜୀବନ୍ତ ଶକ୍ତି। ମୌନ ହିଁ ଏକମାତ୍ର ବାସ୍ତବ ସତ୍ତା। ସକଳ ବୋଧଜ୍ଞାନର ଊର୍ଦ୍ଧ୍ୱରେ ଯେଉଁ ଶାନ୍ତି ଅବସ୍ଥିତ, ତାହା ମୌନ। ଜୀବନର ଅନ୍ତିମ ଲକ୍ଷ୍ୟସ୍ଥଳ ହେଉଛି ମୌନ। ଜୀବନର ଲକ୍ଷ୍ୟ ହେଉଛି ମୌନ। ମୌନ ଲାଭ ଉଦ୍ଦେଶ୍ୟରେ ହିଁ ଆପଣ ଦେହ ଲାଭ କରିଛନ୍ତି। ସକଳ ଶବ୍ଦର ର ପୃଷ୍ଠଦେଶରେ ରହିଛି ମୌନ, ଯାହା କି ଆପଣଙ୍କର ଅନ୍ତରାତ୍ମା। ଆପଣଙ୍କର ପ୍ରକୃତ ପରିଚୟ ହେଉଛି ମୌନ। ମୌନ ହେଉଛି ସହଜ ଅନ୍ତର୍ଜ୍ଞାନ। ମୌନ ଦ୍ୱାରା ହିଁ ଅନ୍ତରାତ୍ମା ନିଜର ଭାବ ପ୍ରକାଶ କରନ୍ତି। ମୌନରେ ନିମଜ୍ଜିତ ହେବାର ଅର୍ଥ ପରଂବ୍ରହ୍ମରେ ଲୀନ ହୋଇଯିବା। ମୌନ ହେଉଛି ବିସ୍ତୀର୍ଣ୍ଣ ସାହାରା ମରୁରବ ବାଣୀ। ମୌନ ହେଉଛି ସୁତୁଙ୍ଗ ହିମାଳୟର ବାଣୀ। ତୁଷାରାଚ୍ଛନ୍ନ ଗଙ୍ଗୋତ୍ରୀରେ ବା କୈଳାସରେ ଯେଉଁ ସମ୍ପୂର୍ଣ୍ଣ ଉଲଗ୍ନ ଅବଧୂତ ବାସ କରନ୍ତି, ମୌନ ହେଉଛି ତାଙ୍କର ବାଣୀ। ପ୍ରଭୁ ଦକ୍ଷିଣାମୂର୍ତ୍ତି ତାଙ୍କର ଚାରିଶିଷ୍ୟ ସନକ, ସନାତନ, ସନନ୍ଦନ ଓ ସନତକୁମାରଙ୍କୁ ଯେଉଁ ବାଣୀ ପ୍ରଦାନ କରିଥିଲେ, ତାହା ମୌନ ବା ତୁଷ୍ଣୀଭାବ ଭିନ୍ନ ଅନ୍ୟ କିଛି ନୁହେଁ।

ହୃଦୟ ଯେତେବେଳେ ପୂର୍ଣ୍ଣ ହୋଇଯାଏ, ଆପଣ ଯେତେବେଳେ ଆନନ୍ଦରେ ଉତପ୍ଳାବିତ ହୋଇଯାଆନ୍ତି, ସେତେବେଳେ ଆଉ ବାକସ୍ଫୁରଣ ହୁଏନାହିଁ। ସେତେବେଳେ ଆପଣ ମୌନପ୍ରଶାନ୍ତ ହୋଇଯା'ନ୍ତି। ମୌନର ସେ ଯେଉଁ ମହିମା, ତାହା ବର୍ଣ୍ଣନା କରିବାକୁ କାହାର ସାଧ ଅଛି! ନୈରାଶ୍ୟ, ବିଫଳତା, ପରାଭବ ଓ କ୍ଷୟକ୍ଷତିର ଆଘାତରେ ହୃଦୟ ଯେଉଁମାନଙ୍କର ବିକ୍ଷତବିଦୀର୍ଣ୍ଣ, ସେମାନଙ୍କ ପକ୍ଷରେ ମୌନସମାନ ଶୀତଳ ସଞ୍ଜୀବନୀ ପ୍ରଲେପ ଦ୍ୱିତୀୟ ଆଉ ନାହିଁ। ଶ୍ରୀସତ୍ୟସାଇ ବାବା ଆମମାନଙ୍କୁ ମୌନତାର ମୂଳ ଭାବାର୍ଥ ଓ ଜୀବନ କ୍ଷେତ୍ରର ତତ୍ତ୍ୱ ନିମିତ୍ତ ମାର୍ଗଦର୍ଶନ କରି କହିଛନ୍ତି 'ଜୀବନର ଝଡ଼ଝଞ୍ଜା, ଦ୍ୱନ୍ଦ୍ୱ, କଳହ ଓ ଗୃହବିବାଦର ଅହରହ ଘାତ-ପ୍ରତିଘାତ ଫଳରେ ସ୍ନାୟୁମଣ୍ଡଳ ଯେଉଁମାନଙ୍କର କ୍ଷତିବିକ୍ଷତ, ସେମାନଙ୍କର ପକ୍ଷରେ ପ୍ରଶାନ୍ତି ବା ନିରବତା ସମାନ ବେଦନାନିଗ୍ରହ ମହୌଷଧି ଦ୍ୱିତୀୟ ଆଉ ନାହିଁ।' ଆପଣ ଗଭୀର ନିଦ୍ରାରେ ଶୋଇଥିବା ବେଳେ ଏହି ମହାନ ମୌନ ସହିତ ଆପଣଙ୍କର ନିବିଡ଼ି ସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ କିନ୍ତୁ ସେତେବେଳେ ଆପଣଙ୍କ ଉପରେ ପଡ଼ିଯାଇଥାଏ ଅବିଦ୍ୟାର ଆଚରଣ, ଅଜ୍ଞାନର ଆଚ୍ଛାଦନ। ତଥାପି ଘୋର ନିଦ୍ରାରେ ଆପଣ ସେ ଯେଉଁ ପ୍ରଶାନ୍ତି ଉପଭୋଗ କରନ୍ତି, ନିସ୍ତବ୍ଧ ମଧ୍ୟରାତ୍ରରେ ଆପଣ ସେ ଯେଉଁ ନିରବତା ଉପଲବ୍ଧି କରନ୍ତି, ତାହା ସେହି ମୌନ ମହାସାଗର ବ୍ରହ୍ମଙ୍କର ସତ୍ତାର ହିଁ ପରିଚୟ ଦିଏ।

କଟକ, ମୋ: ୭୩୨୫୯୦୪୯୨୭

## ଦେଶାନ୍ତରରେ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ଭ୍ରମଣ କାଳରେ ପଦ୍ମସମ୍ଭବଙ୍କ ବିବାହ ସହୋର ରାଜକନ୍ୟା ମନ୍ଦରଭାଙ୍କ ସହ ସମ୍ପନ୍ନ ହୋଇଥିଲା। ତାଙ୍କ ପ୍ରଥମ ପତ୍ନୀ ଭାସଧାରାଙ୍କୁ ସେ ସମ୍ବଳରେ ରଖି ଦେଶାନ୍ତରୀ ହୋଇଥିଲେ। ଏଣୁ ଏହି ମନ୍ଦରଭା ହିଁ ତାଙ୍କର ପ୍ରକୃତ ପତ୍ନୀ ଓ ଚିର-ସହଚରୀ ହୋଇପାରିଥିଲେ। ଏହି ସହୋର ହେଉଛି ବଙ୍ଗ ଓ ବିହାର ସୀମା ପାଖରେ

### ଦ୍ୱିତୀୟ-ବୁଦ୍ଧ କଥା

ଭାଗଲପୁର ଅଞ୍ଚଳରେ ଗଙ୍ଗାନଦୀ ତଟବର୍ତ୍ତୀ ଅଞ୍ଚଳ ବିକ୍ରମପୁର / ବିକ୍ରମଣିପୁର ଛୋଟିଆ ରାଜ୍ୟରେ। ଏହା ହେଉଛି ମଗଧର ବାଙ୍କା ଓ ମନ୍ଦାରଗିରି ପର୍ବତ ଅଞ୍ଚଳରେ। ଏହି ସ୍ଥାନଟି ହେଉଛି ବିଶିଷ୍ଟ ବୌଦ୍ଧ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ସ୍ଥାନ ଓ ସେ ହେଉଛନ୍ତି ମନ୍ଦରଭାଙ୍କ ବଡ଼ଭାଇ। ପୁନଶ୍ଚ ଏହି ସ୍ଥାନ ମଧ୍ୟ ହେଉଛି ଦଶମ ଶତାବ୍ଦୀର ପ୍ରସିଦ୍ଧ ବୌଦ୍ଧ ଆଚାର୍ଯ୍ୟ ଦୀପଙ୍କର ଶ୍ରୀଜ୍ଞାନ ଅଥବା ଅତୀଶଙ୍କ ସ୍ଥାନ ଏବଂ ସେ ମଧ୍ୟ ଏହି ସମାଜ ରାଜବଂଶର ଦାୟାଦ। ଅତୀଶ ପଦ୍ମସମ୍ଭବଙ୍କ ପରବର୍ତ୍ତୀ କାଳରେ ତିବ୍ବତ ଯାଇ ସେଠାରେ ବୌଦ୍ଧଧର୍ମର ପୁନଃ ପ୍ରତିଷ୍ଠା କରିଥିଲେ। ଶାନ୍ତରକ୍ଷିତ, ମନ୍ଦରଭା ଓ ଅତୀଶ ଏହି ସହୋର ରାଜବଂଶର ଓ ସମସ୍ତେ ଗୋଟିଏ ବଂଶର। ଏହା ଐତିହାସିକ ତଥ୍ୟ ଭିତ୍ତିରେ ଦୃଢ଼ ଭାବରେ ପ୍ରମାଣିତ।



ପଦ୍ମସମ୍ଭବ ଭ୍ରମଣ ଅବସରରେ ଆଉ ଆଠଗୋଟି ଦେଶରେ (ଭାରତ ମଧ୍ୟରେ) ଧର୍ମ ପ୍ରଚାର ଓ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଯାତ୍ରା କରିବାକୁ ନିଷ୍ପତ୍ତି କଲେ। ପ୍ରଥମେ ଗଲେ ଉଡ୍ଡୀୟାନର ପୂର୍ବ ଦିଗରେ ଅବସ୍ଥିତ ଜମ୍ବୁମାଳାକୁ। ଏହାପରେ ତାଙ୍କର ଯାତ୍ରା ରହିଲା ପରପତା ରାଜ୍ୟକୁ। ଏହାର ଅବସ୍ଥିତି ଦକ୍ଷିଣରେ। ଏହା ପରର ଯାତ୍ରା ହେଲା ନାଗପୋତା ରାଜ୍ୟକୁ, ଅବସ୍ଥିତି ପଶ୍ଚିମରେ। ପରବର୍ତ୍ତୀ ଭ୍ରମଣର ଅନ୍ତର୍ଭୁକ୍ତ ହେଲା ଉତ୍ତରରେ ଅବସ୍ଥିତ କକ୍ଷକମଳ ରାଜ୍ୟ। ଏହି ରାଜ୍ୟରୁ ଯାତ୍ରା କଲେ ତ୍ରାଙ୍ଗ-ସୁଙ୍ଗ ରାଜ୍ୟକୁ, ଏହାର ଅବସ୍ଥିତି ଦକ୍ଷିଣ-ପୂର୍ବରେ। ସେଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ଥିବା ରାକ୍ଷସମାନଙ୍କ ଦେଶ (ସମ୍ଭବତଃ ସିଂହଳ-ଲଙ୍କା)କୁ ଯାତ୍ରା କଲେ। ପଦ୍ମସମ୍ଭବଙ୍କ ପରବର୍ତ୍ତୀ ଯାତ୍ରା ସ୍ଥଳ ହେଲା ଲୁଙ୍ଗ-ଲା (ମରୁତ) ଦେଶକୁ, ଏହା ଉତ୍ତର-ପଶ୍ଚିମ ଦିଗକୁ। ଅଷ୍ଟମ ଦେଶଟି ହେଲା କେକି-ଲିଙ୍ଗ (ବୀରମାନଙ୍କ ଭୂମି) ଏହା ଉତ୍ତର-ପୂର୍ବରେ। ଏହି ସମସ୍ତ ଦେଶ ବା ସ୍ଥାନ ସମ୍ବଳ ତଥା ଉଡ୍ଡୀୟାନର ଧନକୋଷ ହ୍ରଦର ଚାରିପାଖରେ ମଣ୍ଡଳ ଭଳି ରହିଥିଲେ। ଉପର ବର୍ଣ୍ଣିତ ସମସ୍ତ ଆଠଗୋଟି ସ୍ଥାନ / ଦେଶ ସଠିକ୍ ଭାବେ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନାହିଁ। ଏହି ଭ୍ରମଣ କାଳରେ ସବୁ ଆଡ଼କୁ ଯାତ୍ରା କରି ପୁଣି ଆସି ବୋଧଗୟାରେ ପହଞ୍ଚିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଲେଜ ଛାତ୍ର କରିବେ 'ସୁଭଦ୍ରା' ସର୍ଭେ

ଭୁବନେଶ୍ୱର, ୧୬।୫ (ସମିସ): କଲେଜ ଛାତ୍ରଛାତ୍ରୀ କରିବେ ସୁଭଦ୍ରା ସର୍ଭେ। ଘରକୁ ଘର ବୁଲି ତୃଣମୂଳ ସ୍ତରରୁ ତଥ୍ୟ ସଂଗ୍ରହ କରିବେ। ନିଜ ମୋବାଇଲ୍‌ରେ ଇଣ୍ଟରନେଟ୍ ବ୍ୟବହାର କରି କାର୍ଯ୍ୟ କରିବେ। ସକାଳ ୬ରୁ ୯ଟା ମଧ୍ୟରେ ସର୍ଭେ କରିବେ। ପ୍ରତି ସର୍ଭେ ପିଛା ସେମାନଙ୍କୁ ୨୫ ଟଙ୍କା ଲେଖାଏଁ ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ତାଲିକା ପ୍ରସ୍ତୁତ କରି ପଠାଇବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତିକୁ ନେଇ ଶିକ୍ଷାବିତ୍ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

ଅନୁଗୋଳ, ୧୬।୫ (ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ସୌମ୍ୟା ଶୁଭଦର୍ଶିନୀ ଶୁକ୍ରବାର ଦୋଷୀକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ, ଢେଙ୍କାନାଳ ଜିଲ୍ଲା ସରଦେଇପୁର ଗ୍ରାମର ବାୟା ଓରଫ ସତ୍ୟବ୍ରତ ଦାସ (୩୨)। ୨୦୧୫ ମାର୍ଚ୍ଚ ୧୩ ତାରିଖ ସକାଳ ପ୍ରାୟ ୯ଟାରେ ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକା ନିଜ ସାଙ୍ଗ ଘରକୁ ଯାଉଥିବା ବେଳେ ସତ୍ୟବ୍ରତ ତାକୁ ଅପହରଣ କରିନେବା ସହ ଦୁଷ୍କର୍ମ କରିଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ନାବାଳିକାକୁ ଉଦ୍ଧାର କରିବା ସହ ସତ୍ୟବ୍ରତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ବଲାଙ୍ଗିରରେ ଜାରି ରହିଛି ମାଓ ଗତିବିଧି

## କମ୍ବିଂ ବେଳେ ଦୁଇ ମାଓ କ୍ୟାମ୍ପ୍ ଠାବ

ବଲାଙ୍ଗିର, ୧୬।୫(ସମିସ): ବଲାଙ୍ଗିର ଜିଲ୍ଲାରେ ଏବେ ବି ଜାରି ରହିଛି ମାଓ ଗତିବିଧି। ଜିଲ୍ଲାରେ ମାଓ ଗତିବିଧି ବନ୍ଦ ହୋଇଥିବା ଦର୍ଶାଇ ସିଆରପିଏଫ୍ ୧୮୯ ବାଟାଲିଅନ୍ ସ୍ଥାନାନ୍ତର ଚାଲିଥିବା ବେଳେ ଗତ କିଛି ମାସ ଭିତରେ ଦୁଇ ଦୁଇଟି ସ୍ଥାନରୁ ମାଓ ସାମଗ୍ରୀ ଜବତ ହେବା, ଗନ୍ଧମାର୍ଦ୍ଦନ ଅଞ୍ଚଳରେ ପୁଲିସ୍-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେବା, ନିୟମିତ କମ୍ବିଂ ଅପରେସନ୍ ଚାଲିବା ଆଦି ମାଓବାଦୀଙ୍କ ଉପସ୍ଥିତିକୁ ସ୍ପଷ୍ଟ କରିଛି। ଏପରି ସ୍ଥିତିରେ ଜିଲ୍ଲାରୁ ଆଉ ଦୁଇ ମାଓ କ୍ୟାମ୍ପ ଠାବ ହୋଇଛି। ଜିଲ୍ଲାର ଛତରଦାଣ୍ଡି ଓ ଗନ୍ଧମାର୍ଦ୍ଦନରୁ ଠାବ ହୋଇଥିବା ଉକ୍ତ କ୍ୟାମ୍ପ ଦୁଇଟିରୁ ବିପୁଳ ମାଓ ସାମଗ୍ରୀ, ଆଇଇଡି, ଟିଫିନ୍ ବୋମା ସମେତ ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ବଲାଙ୍ଗିର ଏସ୍‌ପି ଅଭିଲାଷ ଜୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



ଏସ୍‌ପିଙ୍କ ସୂଚନାନୁଯାୟୀ, ତୁରେକେଲା ଓଆଇସି ରମାକାନ୍ତ ସାହୁ, ଖପ୍ରାଖୋଲ ଓଆଇସି ନରେନ୍ଦ୍ର ଛତର, ଲାଠୋର ଓଆଇସିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଓ ଡିଭିଏଫ ଟିମ୍ ଗତ ୧୪ ତାରିଖରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଏହି ଅପରେସନ୍ ସମୟରେ ଉକ୍ତ ଦୁଇଟି ସ୍ଥାନରେ ମାଓ କ୍ୟାମ୍ପ ଠାବ ହୋଇଥିଲା। ତେବେ ଅପରେସନ୍ ବେଳେ କୌଣସି ଗୁଳି ବିନିମୟ ହୋଇନାହିଁ କି କୌଣସି ମାଓବାଦୀ ଧରାପଡ଼ିନାହାନ୍ତି ବୋଲି ସେ କହିଛନ୍ତି। ଆବଶ୍ୟକ ସମୟରେ ସେମାନେ ଉକ୍ତ କ୍ୟାମ୍ପକୁ ଯାତାୟାତ କରୁଥିବା ଆଶଙ୍କା କରାଯାଉଛି। ଏହି ମାଓ କ୍ୟାମ୍ପଦ୍ୱୟରୁ ବଡ଼ ଟିଣବାକ୍ସ, ଟିଫିନ୍ ବୋମା, ରେଡିଓ, ଡିଟୋନେଟର୍, ମେଡିକାଲ କିଟ୍ ବକ୍ସ, ପ୍ଲାଷ୍ଟିକ ଜାର, ୧୨ଟି ବୋର କେଟ୍ରିଜ, ମଲ୍ଟି ମିଟର, ନୋକିଆ କମ୍ପାନୀର କିଛି କି-ପ୍ୟାଡ୍ ମୋବାଇଲ, ସୋଲାର ପ୍ଲେଟ, ତାର, କ୍ୟାମେରା ଫ୍ଲାସ ଲାଇଟ, ମାଓ ବ୍ୟାନର ଓ ପୋଷ୍ଟର, କାଗଜ, ନ୍ୟୁଜ କ୍ଲିପିଂ, ଖଞ୍ଜଣି ବାଦ୍ୟଯନ୍ତ୍ର, ହାତ ତିଆରି ବୋମା, ଇଞ୍ଜେକ୍ସନ ସିରିଞ୍ଜ, ବନ୍ଧୁକ ସାମଗ୍ରୀ ସମେତ ବହୁ ରୋଷେଇ ସାମଗ୍ରୀ ପୁଲିସ ଠାବ କରିଛି। ଉଭୟ ସ୍ଥାନରେ ମାଓବାଦୀଙ୍କ ଉପସ୍ଥିତି ରହିଥିବା ସ୍ପଷ୍ଟ ହୋଇଥିବା ବେଳେ ପ୍ରାୟ ୫ରୁ ଊର୍ଦ୍ଧ୍ୱ ମାଓବାଦୀ ରହିଥିବା ପୁଲିସ ସୂଚନା ପାଇଥିଲା।

ଗୋଟିଏପଟେ ଛତିଶଗଡ଼ ପଟୁ ମାଓବାଦୀଙ୍କ ବିରୋଧରେ ଜୋରଦାର୍ ଅପରେସନ୍ ଚାଲିଥିବା ବେଳେ ବଲାଙ୍ଗିର ସୀମାରେ ଥିବା କ୍ୟାମ୍ପରୁ ଏହି ଛତିଶଗଡ଼ କ୍ୟାଡର୍ ମାଓବାଦୀଙ୍କ ପାଖକୁ ସାମଗ୍ରୀ ଯାଉଥିବା ଜଣାପଡ଼ିଛି। ଏହାସହ ନିକଟସ୍ଥ କିଛି ଗ୍ରାମବାସୀଙ୍କ ସଂପର୍କ ଉକ୍ତ ମାଓବାଦୀଙ୍କ ସହ ରହିଥିବା ବେଳେ କିଛି ବ୍ୟକ୍ତି ପୁଲିସ୍ ନଜରରେ ଥିବା ଏସ୍‌ପି କହିଛନ୍ତି।

## ଲୋକସେବକ ମଣ୍ଡଳର ନୂତନ କାର୍ଯ୍ୟକର୍ତ୍ତା

### ଦୀପକ ମାଲବ୍ୟ ରାଷ୍ଟ୍ରୀୟ ଉପସଭାପତି, ନିରଞ୍ଜନ ରଥ ରାଷ୍ଟ୍ରୀୟ ସମ୍ପାଦକ, ରାଜେନ୍ଦ୍ର ଜେନା କୋଷାଧ୍ୟକ୍ଷ ମନୋନୀତ





ନୂଆଦିଲ୍ଲୀ, ୧୬।୫(ସମିସ): ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ଶ୍ରୀ ରାଜକୁମାର ୨୦୨୫-୨୭ ବର୍ଷ ପାଇଁ ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଆଜୀବନ ସଦସ୍ୟ ଦୀପକ ମାଲବ୍ୟଙ୍କୁ ଉପସଭାପତି, ନିରଞ୍ଜନ ରଥଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଓ ରାଜେନ୍ଦ୍ର ଜେନାଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରିଛନ୍ତି। କ୍ରମାଗତ ଭାବେ ଦ୍ୱିତୀୟ ଥର ଉପସଭାପତି ଭାବେ ମନୋନୀତ ହୋଇଥିବା ଶ୍ରୀ ମାଲବ୍ୟ ସମ୍ପ୍ରତି ଲୋକସେବକ ମଣ୍ଡଳ କାନପୁର ଓ ମିରଟ ଶାଖା ଦାୟିତ୍ୱରେ ଅଛନ୍ତି। ସେହିପରି ନିରଞ୍ଜନ ରଥଙ୍କୁ ପୁଣି ଥରେ ରାଷ୍ଟ୍ରୀୟ ସମ୍ପାଦକ ଦାୟିତ୍ୱ ମିଳିଛି। ପୂର୍ବରୁ ସେ 'ସମାଜ' ମୁଦ୍ରାକର ଓ ପ୍ରକାଶକ, ମାଧପୁରସ୍ଥିତ ଜିମସାର, ସମାଜ ରିଲିଫ କମିଟି ଓ ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଛନ୍ତି। ଛାତ୍ର ଜୀବନରୁ ସାମାଜିକ କାର୍ଯ୍ୟରେ ଜଡ଼ିତ ରାଜେନ୍ଦ୍ର ଜେନାଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେ ସମ୍ପ୍ରତି ଆଠଗଡ଼ର ମାଧପୁର ସ୍ଥିତ ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଜିମ୍‌ସାର୍)ର ଅଧ୍ୟକ୍ଷ ଅଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଜ୍ରପାତରେ ୧୩ ମୃତ...

ବସିଥିବା ବେଳେ ଅଚାନକ ବ୍ରଜପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଗଁଦିଆ ଥାନା ଅନ୍ତର୍ଗତ କାବରା ଗ୍ରାମରେ ବଜ୍ରପାତ ହେବାରୁ ଗ୍ରାମର ସନାତନ ଦିଆଣି (୪୫)ଙ୍କ ମୃତ୍ୟୁ ଘଟିଛି। ବଜ୍ରାଘାତରେ ତାଙ୍କର ଶରୀର ଜଳି ଯାଇଛି।

ସେହିପରି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅଧୀନ ଓଡ଼ିଆପେଣ୍ଠ ପଞ୍ଚାୟତ ଅଧୀନ ପର୍ଡିଗୁଡ଼ା ଗାଁରେ ବଜ୍ରପାତରେ ଏକାବେଳକେ ୩ଜଣଙ୍କ ମୃତ୍ୟୁ ଘଟିବା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ହେଲେ, ବୁର୍ଣ୍ଣି ମାଣ୍ଡିଙ୍ଗା (୬୦) ଓ ନାତୁଣୀ କଷା ମାଣ୍ଡିଙ୍ଗା (୧୪) ଏବଂ କୁମ୍ଭାରଗୁଡ଼ାର ଅମିତା କାଶୀ। ଏହି ଅଘଟଣରେ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଆଜି ଏମାନେ ଧାନ ବିଲ ଜଗିଥିବା ବେଳେ କାଳବୈଶାଖୀଜନିତ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ମାଡ଼ି ଆସିଥିଲା। ଏହା ଦେଖି ସମସ୍ତେ ବିଲ ପାଖରେ ଥିବା ଏକ ଛୋଟ କୁଡ଼ିଆରେ ଆଶ୍ରୟ ନେଇଥିଲେ। ତେବେ ଉକ୍ତ ଘର ଉପରେ ଏକ ବଜ୍ର ପଡ଼ିବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଥିଲେ। ଖବର ପାଇ ଲକ୍ଷ୍ମୀପୁର ପୁଲିସ୍ ତଦନ୍ତ ଚଳାଇଛି। ସେହିପରି ଜିଲ୍ଲାର ସେମିଳିଗୁଡ଼ା ପଞ୍ଚାୟତ ସମିତି ଅଧୀନ ଚାରାଙ୍ଗୁଲ ପଞ୍ଚାୟତ ଖାଲପାଡ଼ି ଗ୍ରାମର ଦାସ ଜାନି (୩୨)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଅପରାହ୍ଣରେ ସେ ପଡ଼ୋଶୀ ଲେଞ୍ଜିଗୁଡ଼ା ନିକଟରେ ଥିବା ନଦୀକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ଘନଘନ ବଜ୍ରପାତ ହୋଇଥିଲା ଏବଂ ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ସୁନାବେଡ଼ା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ ଦାସଙ୍କ ଦୁଇଟି ସନ୍ତାନ ଥିବା ବେଳେ ପରିବାରକୁ ସରକାରୀ ଅନୁଦାନ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍, ଅଞ୍ଜିରା ପଞ୍ଚାୟତ ବୁରୁସାହିରେ ବଜ୍ରପାତରେ ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ମଣି ହେମ୍ବ୍ରମ ଓ ଟୁକୁଲ ଚାତରା। ଦୁହେଁ ଆଜି ଘର ନିକଟରେ ଠିଆ ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ପରିବାରଲୋକ ଦୁହିଁଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅଧୀନ ବଡ଼ପୋଖରୀ ପଞ୍ଚାୟତ ଦାରୀପୋଖରୀ ଜାମନାଡିହ ଛକରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ମୁର୍ଗାପାଲି ଗାଁର ଚୁନାରାମ କିସ୍କୁ(୩୧)। ଆଜି ଅପରାହ୍ଣ ୪ଟାରେ ଚୁନାରାମ ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅଧୀନ ବେନୋରା ଗ୍ରାମରେ ବଜ୍ରାଘାତରେ ପୁତୁରାର ମୃତ୍ୟୁ ଘଟିଥିବା ବେଳେ ଦାଦା ଗୁରୁତର ହୋଇଛନ୍ତି। ମୃତ ପୁତୁରା ହେଲେ, ଲଳିତ ମାଝୀ। ଗୁରୁତର ଦାଦା ଚୈତରାମ ମାଝୀ(୩୫)ଙ୍କୁ ଉମରକୋଟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁହେଁ ଆଜି ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ମକା ଶୁଖାଇବା ବେଳେ ଅପରାହ୍ଣ ପ୍ରାୟ ୪ଟାରେ ଏହି ଅଘଟଣ ଘଟିଥିଲା।

### ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା

ଭୁବନେଶ୍ୱର, ୧୬।୫ (ସମିସ):ଗତ ୨-୩ ଦିନ ହେବ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଲାଗି ରହିଛି। ଏହାର ପ୍ରଭାବ ଆହୁରି ୪ ଦିନ ଯାଏଁ ଜାରି ରହିବ। କାଳବୈଶାଖୀ ଯୋଗୁଁ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ଅଧିକ ରହିବ ବୋଲି ସୂଚନା ଦେଇଛି ପାଣିପାଗ ବିଭାଗ।

ଅନ୍ୟପଟେ ରାଜ୍ୟରେ ଅନେକ ସ୍ଥାନରେ ଅସହ୍ୟ ଗରମ ଓ ଗୁଳୁଗୁଳି ଜାରି ରହିଥିବା ବେଳେ ୧୯ ତାରିଖ ବେଳକୁ ଏଥିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ପାଣିପାଗ ନିୟାମକ ସୃଷ୍ଟି ହୋଇଥିବା ବେଳେ ଏହା ୧୮ ତାରିଖ ବେଳକୁ ତାମିଲନାଡୁ ଉପକୂଳ ଅତିକ୍ରମ କରିବ। ପରେ କର୍ଣ୍ଣାଟକ ଓ କେରଳ ଉପକୂଳ ଦେଇ ଆରବସାଗରକୁ ଯିବ। ଆରବସାଗରରୁ ଏହା ଉତ୍ତର-ପଶ୍ଚିମ ଦେଇ ମହାରାଷ୍ଟ୍ର ଉପକୂଳରେ ଘନୀଭୂତ ହେବାର ସମ୍ଭାବନା ରହିଛି। ପ୍ରଭାବରେ ଓଡ଼ିଶାକୁ ଦକ୍ଷିଣ-ପୂର୍ବ ବା ଦକ୍ଷିଣ ଦିଗରୁ ପବନ ବହିବ। ଫଳରେ ରାଜ୍ୟରେ ୧୯ ତାରିଖରୁ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ୨୪ ତାରିଖ ବେଳକୁ ତାପମତ୍ରା ହ୍ରାସ ପାଇବ। ତାପମାତ୍ରା ହ୍ରାସ ପାଇବା ସହ ଗରମ ଓ ଗୁଳୁଗୁଳି ମଧ୍ୟ କମ ରହିବ। ଆଜିଠାରୁ କାଳବୈଶାଖୀର ତୀବ୍ରତା ବଢ଼ିବ। ପ୍ରଭାବରେ ଅନେକ ସ୍ଥାନରେ ବର୍ଷା ସହ ବିଜୁଳି ଘଡଘଡ଼ି ହେବ ବୋଲି ଡଃ ସାହୁ କହିଛନ୍ତି। ଗତ ୨୪ ଘଣ୍ଟାରେ ମାତ୍ର ୫ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଥିଲେ ମଧ୍ୟ ଗୁଳୁଗୁଳି ଯୋଗୁଁ ଉପକୂଳରେ ଲୋକେ ଅଥୟ ହୋଇଛନ୍ତି। ଆଜି ସକାଳ ୧୧ ଟା ୩୦ ସମୟରେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ୩୫-୩୬ ଡିଗ୍ରୀ ସହ ଆର୍ଦ୍ରତା ପାଖାପାଖି ୭୦ ପ୍ରତିଶତ ରହିଥିଲା। ଏହାଦ୍ୱାରା ଅନେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ସହ ତାପମାତ୍ରା ୫୦ ଡିଗ୍ରୀ ଭଳି ଅନୁଭବ ହେଉଥିଲା।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ଝଟକା ପବନର ବେଗ ୫୦-୬୦ କିଲୋମିଟର ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହପରି ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ୪୦-୫୦ କିମି ବେଗ ଆଶଙ୍କା କହି ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି ହୋଇଛି।

### 'ଚକ୍ରବ୍ୟୂହ'ରେ ଚଡ଼କ...

ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଏୟାର ଲିଫ୍ଟ ଯୋଗେ ତୁରନ୍ତ ରାଞ୍ଚି ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସିଆରପିଏଫର ଏମ୍‌ପି ସିଂହଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ବଜ୍ରପାତ ଘଟଣାରେ ସିଆରପିଏଫର ସହାୟକ କମାଣ୍ଡାଣ୍ଟ ସୁବୀର ମଣ୍ଡଳ, ଜାଗୁଆର ୟୁନିଟର ଏଏସ୍‌ଆଇ ସୁରେଶ ଭଗତ ଏବଂ ଏଏସ୍‌ଆଇ ଚାନ୍ଦଲାଲ ହାଁସଦା ଗୁରୁତର ଅବସ୍ଥାରେ ଥିବାବେଳେ ଏବେ ସେମାନଙ୍କର ରାଞ୍ଚିରେ ଚିକିତ୍ସା ଚାଲିଛି। ସୂଚନାଯୋଗ୍ୟ ଯେ ମଣିପୁରର ପରେଲର ମୂଳବାସିନ୍ଦା ଏମ୍‌ପି ସିଂହ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ବିରୋଧରେ ଚାଲିଥିବା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ସହିଦ ହେବାର ଖବର ଯୋଗୁଁ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଚାଇଁବସାର ଏସ୍‌ପି ଆଶୁତୋଷ ଶେଖର ଘଟଣା ସମ୍ପର୍କରେ ସୂଚନା ଦେବା ସହିତ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଅଧିକ ଆଶା ଅଶାନ୍ତିର...

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗ ପୂର୍ବତନ ନିର୍ଦ୍ଦେଶକ ଡ. ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ପ୍ରତିବଦ୍ଧତା ଓ ସଂକଳ୍ପର ସହ ଅଧ୍ୟୟନ କଲେ ସଫଳତା ପାଇବାରୁ କେହି ବଞ୍ଚିତ କରିପାରିବେ ନାହିଁ। ପିଲାଙ୍କ ପସନ୍ଦ ଅନୁଯାୟୀ ସେମାନଙ୍କୁ ଆଗକୁ ବଢ଼ିବାକୁ ଓ ପଢ଼ିବାକୁ ଦିଆଯାଉ। ଅନେକ କ୍ଷେତ୍ରରେ ଅଭିଭାବକମାନେ ପିଲାଙ୍କ ଇଚ୍ଛା ବିରୋଧରେ ପଢ଼ାଇବା ଦ୍ୱାରା ସେମାନେ ଚାପଗ୍ରସ୍ତ ହୋଇ ଲକ୍ଷ୍ୟଚ୍ୟୁତ ହୋଇଥାନ୍ତି। ଶିକ୍ଷକ ଓ ଅଭିଭାବକମାନେ ପିଲାଙ୍କୁ ଚାପ ନ ଦେଇ ପ୍ରୋତ୍ସାହିତ କରିବା ଆବଶ୍ୟକ। ସେହିପରି ପିଲାଙ୍କ ବୌଦ୍ଧିକ, ବ୍ୟକ୍ତିତ୍ୱ ଓ ଚାରିତ୍ରିକ ବିକାଶ କରିବା ପାଇଁ ପ୍ରାଥମିକତା ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜାତୀୟସ୍ତରୀୟ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶାସକ ତଥା ଐତିହ୍ୟ ଗବେଷକ ଡ. ହରପଦ ଶତପଥୀ ସମ୍ପ୍ରତି ବିଦ୍ୟା ସମ୍ପ୍ରତି ଅର୍ଥକାରୀ ହୋଇଯାଇଥିବା କହିଛନ୍ତି। ତେଣୁ ଏହାଠାରୁ ଉପରକୁ ଉଠି ଜୀବନରେ ବିନୟ ଭାବ ଆଣିପାରିଲେ ପ୍ରକୃତ ବିଦ୍ୱାନ ହୋଇପାରିବେ ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । 'ସକାଳ'ର ସିଇଓ ସୁବ୍ରତ ଦାସ୍ ରାଜ୍ୟର ନବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। 'ସକାଳ'ର ପ୍ରକାଶକ ଓ ମୁଦ୍ରାକର ଅମିତ୍ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଏହା ଅନନ୍ୟ ପ୍ରୟାସ ବୋଲି କହିଥିଲେ।

ଏହି ଅବସରରେ ବ୍ଲକ୍ ଓ ଜିଲ୍ଲାସ୍ତରରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଅନୁରୂପ ଭାବରେ ଅତିଥିଗଣ କାର୍ଯ୍ୟକ୍ରମର ପ୍ରାୟୋଜକ ଥିବା ଜୁପିଟର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଏକାଡେମିକ୍ ନିର୍ଦ୍ଦେଶକ କେ ଭରତ ଚନ୍ଦ୍ର ଓ ଓମ୍‌ଫେଡ୍‌ର ବାଣିଜ୍ୟିକ ଅଧିକାରୀ ଦୀପକ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। 'ସକାଳ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ୍ ଓ ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। 'ନନ୍ଦିଘୋଷ ଟିଭି' ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ 'ସକାଳ'ର ସହ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶୁଭଲକ୍ଷ୍ମୀ ଜେନା ସଂଯୋଜନା କରିଥିଲେ। ସକାଳ ଓ ନନ୍ଦିଘୋଷ ପରିବାରର ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ଆଜି ଭୁବନେଶ୍ୱର ଓ ଜୟପୁରରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱରରେ ଆସନ୍ତା ରବିବାର ମାଟ୍ରିକ୍ ଉତ୍କର୍ଷ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ପରିବାରର ୩ ସମେତ...

ଦୁର୍ଘଟଣାରେ ଅନ୍ୟ ଦୁଇ ଗୁରୁତରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଖରାଛୁଟି ବିତାଇବା ପାଇଁ ନୟାଗଡ଼ର ସୁଦୀପ୍ତ ସିଂସାମନ୍ତଙ୍କ ପରିବାରଲୋକେ ତାଙ୍କ ଭାଇଙ୍କ ଘର ମାଲକାନଗିରି ଅଭିମୁଖେ ଯାଉଥିଲେ। ସୁଦୀପ୍ତ ନିଜେ ଗାଡ଼ିଚାଳନା କରୁଥିଲେ। ଆଜି ଭୋର୍‌ରେ ଗୌଡ଼ଗୁଡ଼ା ଛକ ନିକଟରେ ତାଙ୍କ ଆଖି ଲାଗିଯିବାରୁ ରାସ୍ତାକଡ଼ରେ ଥିବା ଏକ ଗଛରେ କାର୍‌ଟି ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସୁଦୀପ୍ତଙ୍କ ମାଆ, ମାଇଁ ଶାଶୂ ଏବଂ ପଡ଼ୋଶୀ ବନ୍ଧୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସୁଦୀପ୍ତ, ତାଙ୍କ ୧୨ବର୍ଷର ପୁଅ ଓ ପତ୍ନୀଙ୍କୁ ପ୍ରଥମେ ବୈପାରୀଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ପତ୍ନୀଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି...

ଘୋଷଣା କରିଛନ୍ତି। ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଏକବର୍ଷ ରହିବ ଓ ପରେ ଏହାକୁ ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ସର୍ବାଧିକ ୬୫ବର୍ଷ ବୟସ ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀ କାର୍ଯ୍ୟ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ରାଜ୍ୟରେ ଲକ୍ଷଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିବାବେଳେ ତାକୁ ପୂରଣ ନକରି କାହିଁକି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଥଇଥାନ କରାଯାଉଛି ବୋଲି ଦୀର୍ଘ ବର୍ଷ ହେବ ବିଜେପି ପ୍ରଶ୍ନ କରି ଆସୁଥିଲା। ସରକାରକୁ ଆସିବା ଦଳ ଏହି ନିଷ୍ପତ୍ତି ବିରୋଧରେ ଯିବା ସହ ଅତ୍ୟନ୍ତ ଜରୁରୀ ନ ଥିଲେ ଏଭଳି ନିଯୁକ୍ତି ହୋଇପାରିବ ନାହିଁ ଓ ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ଅତ୍ୟନ୍ତ ଜଟିଳ କରିବା ସହ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟସଚିବଙ୍କ କମିଟିର ବିନା ଅନୁମତିରେ କେହି ନିଯୁକ୍ତି ପାଇପାରିବେ ନାହିଁ ବୋଲି ନିୟମ କରିଥିଲା। ମାତ୍ର ଏବେ ସରକାରଙ୍କ ଗୋଟିଏ ବିଭାଗ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ କରି ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

## ବିଜେପି ସରକାରର ବର୍ଷପୂର୍ତ୍ତିରେ ଯୋଗଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ

ଭୁବନେଶ୍ୱର,୧୬।୫(ସମିସ): ଆସନ୍ତା ଜୁନ୍ ୧୨ ତାରିଖରେ ରାଜ୍ୟ ବିଜେପି ସରକାରକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ସରକାରର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜୁନ୍ ୧୨ ତାରିଖରୁ ଜୁନ୍ ୧୯ ତାରିଖ ଯାଏଁ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିପାରନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ଗଣମାଧ୍ୟମକୁ ଶ୍ରୀ ପୂଜାରୀ ଦେଇଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓଡ଼ିଶା ସରକାରଙ୍କ ସହିତ ସଂପର୍କରେ ଅଛନ୍ତି। ରାଜ୍ୟ ବିଜେପି ସରକାରର ପ୍ରଥମ ବର୍ଷର ଉପଲବ୍ଧି ସମ୍ପର୍କରେ ସମୀକ୍ଷା କରାଯାଉଛି।


**SALE**

TATA TIGOR PETROL , Model - 2024, Registration No-OD-02-CQ-6941, in as is where is condition.
Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days.

**SALE**

MAHINDRA BOLERO MAXX PIK-UP HD 2.0L, Model - 2024, Registration No-OD-04-U-8715, in as is where is condition.
Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days.

**AFFIDAVIT**

By virtue of an affidavit no. 1369, dtd. 13.05.2025 in the court of the Executive Magistrate, Phulbani, Dist.: Kandhamal, I, Brushabha Digal have changed my minor daughter's name from Hipsita Digal to Ipsita Digal. Henceforth she will be known as Ipsita Digal for all purposes.
Sd/- Brushabha Digal

**SALE**

Booking Open 2/3 BHK Flats
BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**LOST**

I, Paresh Chandra Jena S/o Kamalakanta Jena, At/Po-Gobindapur, P.S.-Remuna, Dist.- Balasore, Lost my original Dalil Vide regd. No-7236 and Khatiyan No-662/1035, Mouza- Madhipur while going to State Bank of India, Balgopalpur. I want a house building loan from SBI, Balgopalpur by using the above lost documents. Founder please call:- 9071328018 .

**NOTICE**

By virtue of an affidavit sworn before Notary Public , dated 31.01.2025 I, Jhilli Paraseth, Address At-Dhudusi, P.O.-Bilamal, P.S.-Belghar, Block-Tumudibandha,Dist.-Kandhamal, PIN-762107, Odisha that I have changed my daughter's name from N. Anmal Aisha to Aisha Nayak. Henceforth, she shall be known as Aisha Nayak for all purposes.
Jhilli Paraseth

**AFFIDAVIT**

By virtue of an affidavit no. 1804, dtd. 15.05.2025 in the court of the Executive Magistrate, Kanas, Dist.: Puri, I, Sanjay Kumar Jena have changed my minor daughter's name from Kritimaye Jena to Samrudhi Jena. Henceforth she will be known as Samrudhi Jena for all purposes.
Sd/- Sanjay Kumar Jena

**AFFIDAVIT**

I, Srimanmohanty Hiranyakumar Mohanty, S/o- Hiranyakumar Mohanty, resident of Plot No. 23, Forest Park, Bhubaneswar, Dist- Khurda, Pin- 751009, Odisha declared by this affidavit No. 1026, dtd- 15/05/2025 that now onwards I shall be known as **SRIMAN MOHANTY** for all future purposes.

**AFFIDAVIT**

I, Tanushree Mohanty Srimanmohanty, W/o- Sriman Mohanty resident of Plot No. 23, Forest Park, Bhubaneswar, Dist- Khurda, Pin- 751009 Odisha declared by this affidavit No. 1025, dtd- 15/05/2025 that now onwards I shall be known as **TANUSHREE MOHANTY** for all future purposes.

**AFFIDAVIT**

I, Sonali Sahu, W/o- Mahesh Chandra Sahu, resident of Plot No-775, Near Kalyani Mandap, Badagada Brit, Bhubaneswar Urban, Dist- Khordha, Pin- 751018, Odisha declared by this affidavit No. 1024, dtd- 15/05/2025 that now onwards I shall be known as **SONALI PATRA** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated- 16/05/2025. I, **Yahan Rout,** Address: S-10, Pravat Villa, Kalarahanga, Patia, Near Rotary EYE Hospital, PO-KIIT, Dist- Khorda, Odisha, PIN-751024 declare that I have changed my name from **Yahana Rout To Yahan Rout** and gender from female to male. Henceforth, I shall be known as **Yahan Rout** and my gender shall be male for all purposes. (Yahan Rout)

**AFFIDAVIT**

I, Bhagyalaxmi Dash, aged about 50 years, W/o- Raja Kishore Dash, resident of At-Nabinabag, Pallahat, Ps-Khurda, Dist- Khordha, Odisha, Pin- 752055, do hereby declare by this affidavit No. 1031, dtd.16/05/2025, that now onwards I shall be known as **BHAGYALAXMI NANDA** for all future purposes.

**AFFIDAVIT**

I, Jayasri Bebarta, W/o- Bibhu Prasad Bebarta, resident of Polt No- 233, Rudra Pur, Puri Canal Side Plot, NH-16 Side, Hansapalo Chowk, Naharakanta, Bhubaneswar, Pin- 752101, Odisha declared by this affidavit No. 1022, dtd- 13/05/2025 that now onwards I shall be known as **JAYASHREE BEBARTA** for all future purposes.

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା

AT/PO- AMBAPUA, NEAR INCOME TAX OFFICE, BERHAMPUR-760011, GANJAM, ODISHA

No. e-tender // 1782/RWC/BAM//DATED 15.05.2025 O-164

1st Corrigendum to Bid Identification No. Online Tender / 01-2025/BPR

1) The partial modification of Road works vide above identification has been made as follows.

| | | |
|---|---|---|
| 1 | Date of availability of tender | 28.05.2025 to 11.06.2025 upto 5.30 PM instead of 07.05.2025 to 21.05.2025 upto 5.30 PM. |
| 2 | Last Date & Time of seeking tender clarification | 09.06.2025 at 5.30 PM instead of 19.05.2025 at 5.30 PM. |
| 3 | Date of opening of Technical Bid | 12.06.2025 at 11.00 AM instead of 22.05.2025 at 11.00 PM. |
| 4 | Date of opening of Financial Bid | Will be intimated later on. |

All other contents will remain unchanged.
Sd/- Chief Construction Engineer R.W. Circle, Berhampur
OIPR-25071/11/0095/2526

**AFFIDAVIT**

I, Krushna Chandra Swain, S/o- Indramani Swain, resident of Belagachhia, Naranpur, Dist- Cuttack, Pin- 754005 Odisha declared by this affidavit No. 1023, dtd- 15/05/2025 that now onwards I shall be known as **KRISHNA CHANDRA SWAIN** for all future purposes.

**AFFIDAVIT**

I, Bibhuprasad Bevarta, S/o- Krishna Prasad Bebarta, resident of Plot No. 233, Rudra Pur, Puri Canal Side Plot, NH-16 Side, Hansapalo Chowk, Naharakanta, Bhubaneswar, Pin-752101, Odisha declared by this affidavit No. 1021, dtd- 13/05/2025 that now onwards I shall be known as **BIBHU PRASAD BEBARTA** for all future purposes.

**AFFIDAVIT**

By affidavit I, **Sadhabani Pati** 83, W/o Late Mulia Pati, vill: Rasol Mundiapasi, Po- Rasol, Ps: Rasol, Dist: Dhenkanal declare that my real name is Sadhabani Pati which is mentioned in my Voter I.D. Card. But in my Aadhar my name wrongly mentioned as **"Saibani Pati"** insted of **"Sadhabani Pati".** Both are one and same person.

ଅବଧିର ତିନିବର୍ଷ ପରେ ବି ସରୁନି ମେଗା ପାନୀୟଜଳ ପ୍ରକଳ୍ପ କାମ

# ବହୁ ଗାଁରେ ପିଇବା ପାଣି ସଙ୍କଟ, ବଢୁଛି ଅସନ୍ତୋଷ

ଜଗତସିଂହପୁର,୧୬।୫(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମୁଦ୍ର ଉପକୂଳବର୍ତ୍ତୀ






ଗ୍ରାମରେ ବର୍ଷ ବର୍ଷ ଧରି ପାନୀୟଜଳ ସଙ୍କଟ ଲାଗି ରହିଥିବାବେଳେ ୨୦୧୮-୧୯ ବର୍ଷରେ ଏକ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ବାଲିକୁଦା ବ୍ଲକ୍‌ର ଆମ୍ବଶାଳଠାରେ ଏହି ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବାବେଳେ ନାଉଗାଁ ବ୍ଲକ୍ ଦେବୀଦୋଳ ନିକଟସ୍ଥ ଦେବୀ ନଦୀରୁ ଇନଟେକ୍ ୱେଲ ମାଧ୍ୟମରେ ପାଣି ଉଠିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବାଲିକୁଦା ବ୍ଲକ୍‌ର ୬୫ଟି ଗ୍ରାମ, ଏରସମା ବ୍ଲକ୍‌ର ୫୮ଟି ଗ୍ରାମ ଓ ନାଉଗାଁ ବ୍ଲକ୍‌ର ୧୨ଟି ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଇବା ପାଇଁ ସ୍ଥିର ହୋଇଥିଲା। ପରବର୍ତ୍ତୀ ସମୟରେ ଆଉ ୧୦ଟି ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ତେବେ ପ୍ରକଳ୍ପ କାମ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଥିବାବେଳେ ବିଭିନ୍ନ କାରଣରୁ ଅଦ୍ୟାବଧି ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ।

ଗତ ମାସରେ ଜିଲ୍ଲାପାଳ ଜେ. ସୋନାଲ ଏହି ମେଗା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ମେ' ମାସ ପ୍ରଥମ ସପ୍ତାହ ସୁଦ୍ଧା କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ୧୨୬ଟି ଗ୍ରାମକୁ ପାଣି ପହଞ୍ଚିଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ ରାଉତ ସୂଚନା ଦେଇଛନ୍ତି। ତେବେ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ଓ ଜୁନ୍ ମାସ ସୁଦ୍ଧା ସବୁ ଗ୍ରାମକୁ ପାଣି ପହଞ୍ଚିବ ବୋଲି ସେ କହିଛନ୍ତି। ନାଉଗାଁ ବ୍ଲକ୍‌ର ସମସ୍ତ ୧୨ଟି ଗ୍ରାମକୁ ପାଣି ଯାଉଥିବାବେଳେ ବାଲିକୁଦାର ୩ଟି ଓ ଏରସମାର ୬ଟି ଗ୍ରାମକୁ ଜଳଯୋଗାଣ ସମ୍ଭବ ହୋଇ ନ ଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯେଉଁସବୁ ଗ୍ରାମକୁ ଏହି ପ୍ରକଳ୍ପରେ ସାମିଲ କରାଯାଇ ଜଳଯୋଗାଣ ହେଉଥିବା କୁହାଯାଉଛି, ସେଥିରୁ କେତେକ ଗ୍ରାମରେ ନିୟମିତ ଭାବେ ପାଣି ଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ବିଳମ୍ବ ହେଉଥିବାରୁ ଅନେକ ସ୍ଥାନରେ ବିଛାଯାଇଥିବା ପାଇପ୍ ନଷ୍ଟ ହୋଇଯାଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ବିଭାଗ ପକ୍ଷରୁ କୁହାଯାଉଛି। ଯେଉଁଠି ଏଭଳି ସମସ୍ୟା ରହିଛି, ତାହାକୁ ମଧ୍ୟ ମରାମତି କରାଯାଇ ଜଳଯୋଗାଣ ବ୍ୟବସ୍ଥା ହେଉଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।



ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ 'ସକାଳ' ଓ 'ନନ୍ଦିଘୋଷ' ତରଫରୁ ଆୟୋଜିତ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୫' ପ୍ରଦାନ ଉତ୍ସବରେ ଅତିଥିଙ୍କ ସହ ଜଗତସିଂହପୁର ଜିଲ୍ଲା ଟପ୍ପର ଓ ବିଭିନ୍ନ ବ୍ଲକ୍ ଟପ୍ପର

## ଖରିପଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ

ରଘୁନାଥପୁର,୧୬।୫(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁରସ୍ଥ ଧରାଧରପୁର ପଞ୍ଚାୟତରେ ଜଗନ୍ନାଥ ଦାରୁ ମିଳିଥିବା ସ୍ଥାନରେ ଧୁମଧାମରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସ ଯାତ୍ରା ସହିତ ବିଜ୍ଞ ପଣ୍ଡିତଙ୍କ ମନ୍ତ୍ର ଧ୍ୱନିରେ ଜଗନ୍ନାଥଙ୍କ ଦାରୁ ସ୍ଥଳୀ ହରିବୋଲ ହୁଳହୁଳି ଶବ୍ଦରେ କମ୍ପିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରତାପ ଜେନା ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ପୂର୍ବତନ ଉପାଧ୍ୟକ୍ଷ ରଜତ ପାତ୍ର ଓ କମିଟି ସଦସ୍ୟ ବିନୋଦ ମଲ୍ଲିକ, ଭରତ ମଲ୍ଲିକ ଓ ଯୁବକ ସଂଘ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାହାମାରେ ପରାକ୍ରମ ଶୋଭାଯାତ୍ରା



ପାରାଦୀପ, ୧୬।୫ (ସମିସ): ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ରାହାମାରେ ଆଜି ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀ ଯବାନଙ୍କ ଦକ୍ଷତାକୁ ସମ୍ମାନ ଜଣାଇ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଡଃ ସୁନାକର ବେହେରାଙ୍କ ସଂଯୋଜନାରେ କଲେଜ ଛକ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଆରକ୍ଷୀ ବାହିନୀ, ବ୍ୟବସାୟୀ ବନ୍ଧୁ ଓ ଅଞ୍ଚଳର ଜନସାଧାରଣ ହାତରେ ତ୍ରିରଙ୍ଗା ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ରାହାମା ବଜାର ଓ ତାଳପଡା ଛକ ପରିକ୍ରମା କରିଥିଲେ। ପହଲଗାମରେ ହୋଇଥିବା ଆତଙ୍କବାଦୀ ପ୍ରତିବାଦରେ ଅପରେସନ ସିନ୍ଦୂର ସଫଳତାରେ ଆଜିର ଏହି ପରାକ୍ରମ ଶୋଭାଯାତ୍ରାରେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଧ୍ରୁବଚରଣ ଦାସ ଜାତୀୟ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ଓ ଗୁରୁଜୀ ଗୁରୁମା, ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ବାରିକ, ଗସ ଟ୍ୟୁଟୋରିଆଲ ମୁଖ୍ୟ କିଶୋର କୁମାର ସ୍ୱାଇଁ ଓ ଆଇଟିସିଟି ସାଇନ୍ସ ପଏଣ୍ଟର ମୁଖ୍ୟ, ୟୁନିକ ସାଇନ୍ସ ଏକାଡେମୀ ମୁଖ୍ୟ ନଳିନୀକାନ୍ତ ବରାଳ ଓ ରାହାମା ବଜାର କମିଟି ସଭାପତି ଶିଶିର କୁମାର ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ବଂଶୀଧର କୁଣ୍ଡୁ, ସମାଜସେବୀ ବିବେକ ମହାନ୍ତି, ରାହାମା ପ୍ରେସ କ୍ଲବ ସଭାପତି ଡଃ ମାନସ ରଞ୍ଜନ ମହାନ୍ତି, ରାହାମା ଅଞ୍ଚଳର ଯୁବ ସଂଗଠକ ପ୍ରତାପ ଦାସ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ସାହୁ, ବୁଦ୍ଧିଜୀବୀ ଅକ୍ଷୟ ସାହୁ, ମନୋହର ସ୍ୱାଇଁ, ନୃସିଂହ ଚରଣ ସେନାପତି, କାର୍ତ୍ତିକ ଚନ୍ଦ୍ର ସାହୁ, ଜିତେନ୍ଦ୍ର ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ବିଜେପି ମଣ୍ଡଳ ସଭାପତି ଶରତ ସ୍ୱାଇଁ, ତ୍ରୈଲୋକ୍ୟନାଥ ମହାନ୍ତି ପ୍ରମୁଖ ପରାକ୍ରମ ଯାତ୍ରାରେ ସହଯୋଗ କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ନାଉଗାଁ,୧୬।୫(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ହୋଇଥିବା ନେଇ ନାଉଗାଁ ତହସିଲ ପକ୍ଷରୁ ନାଉଗାଁ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଆରଆଇଙ୍କ ଅଧୀନରେ ଥିବା ଓଷକଣା ମୌଜାରେ ଜଣେ ବ୍ୟକ୍ତି ସରକାରୀ ସ୍ଥାନରୁ ଗଛ କାଟି ଗୃହ ନିର୍ମାଣ କରୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ନାଉଗାଁ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ଅଭିଯୋଗକୁ ଭିତ୍ତି କରି ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଡେରିକି ଆରଆଇ ରାଜେଶ କୁମାର ସାହୁ ତାଙ୍କ କର୍ମଚାରୀଙ୍କ ସହିତ ଶୁକ୍ରବାର ସକାଳେ ଉକ୍ତ ଘଟଣା ସ୍ଥଳକୁ ତଦନ୍ତ କରିବାକୁ ଯାଇଥିଲେ। ସେ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ସମୟରେ ଗୃହ ନିର୍ମାଣ କରୁଥିବା ହୃଦାନନ୍ଦ ନାୟକ ଓ ତାଙ୍କ ସାଥୀ ମୁତୁଣିଆ ଅଞ୍ଚଳର କ୍ଷୀରୋଦ ଦଳାଇ ନାମକ ବ୍ୟକ୍ତି ଆରଆଇ ଶ୍ରୀ ସାହୁ ଓ ତାଙ୍କ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ ଶ୍ରୀ ସାହୁ ନାଉଗାଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ନାଉଗାଁ ତହସିଲଦାରଙ୍କ ପକ୍ଷରୁ ନାଉଗାଁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ନାଉଗାଁ ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବିପିଏନ୍‌ଏସ୍‌ଆଇ ପକ୍ଷରୁ ଏଏମ୍‌ଏନ୍‌ଏସ୍‌ରେ ଦୁଇଦିନିଆ କର୍ମଶାଳା



ଜଗତସିଂହପୁର/ପାରାଦୀପ,୧୬।୫(ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଦୁଇଦିନିଆ କର୍ମଶାଳା ଏଏମ୍‌ଏନ୍‌ଏସ୍‌ରେ ଆୟୋଜିତ ହୋଇଯାଇଛି। ପାରାଦୀପ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ୍‌ରେ କାର୍ଯ୍ୟରତ ବୃତ୍ତିଗତଙ୍କ ପାଇଁ ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ୍ (୩ପି) ଜ୍ଞାନ ଆଦାନପ୍ରଦାନ କର୍ମଶାଳା ସଫଳତାର ସହ ଆୟୋଜିତ ହୋଇଛି। କର୍ମଶାଳାରେ ଖଣିଜ ପ୍ରକ୍ରିୟାକରଣ, ଶକ୍ତି ପରିସ୍ଥିତି, ବିଆଇଏସ୍ ଓ ଏଚ୍‌ଏସ୍ କୋଡ୍ ସମେତ ପ୍ରମୁଖ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଶେଷଜ୍ଞ ବକ୍ତା ଆଇଆଇଟି ଭୁବନେଶ୍ୱରର ସହାୟକ ପ୍ରଫେସର ଡକ୍ଟର ଶାନ୍ତନୁ ମଣ୍ଡଳ, ବିପିଏନ୍‌ଏସ୍‌ଆଇର ଯୁବ ବୃତ୍ତିଗତ ଶାଶ୍ୱତୀ ମହାନ୍ତି ଖଣିଜ ପ୍ରକ୍ରିୟାକରଣ ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ସତ୍ୟପ୍ରିୟ ଶତପଥୀ (ବରିଷ୍ଠ ସହାୟକ ପ୍ରଫେସର, ବିପିଏନ୍‌ଏସ୍‌ଆଇ) ଶକ୍ତି ପରିସ୍ଥିତି, ଜଳବାୟୁ ପରିବର୍ତ୍ତନ ଓ ଡିକାର୍ବୋନାଇଜେସନ ଉପରେ ଏକ ଆକର୍ଷଣୀୟ ଅଧିବେଶନର ନେତୃତ୍ୱ ନେଇଥିଲେ। ବୈଜ୍ଞାନିକ ଦୀପକ କୁମାର ପାତ୍ର (ବିଆଇଏସ୍ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର) ବିଆଇଏସ୍ ଓ ଏଚ୍‌ଏସ୍ କୋଡ୍ ବିଷୟରେ ସାରାଂଶ ପ୍ରଦାନ କରିଥିଲେ। କର୍ମଶାଳାକୁ ଏଏମ୍‌ଏନ୍‌ଏସ୍ ମୁଖ୍ୟ ୟୁ.ଏସ୍.ଆର୍. ରାଜୁ ଉଦ୍‌ଘାଟନ କରିଥିଲେ। ସୁପ୍ରିୟା ସ୍ୱାଇଁ (ଡିଜିଏମ୍, ଏଚ୍‌ଆର) ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବାଲିକୁଦା,୧୬।୫(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତ ପଦ୍ମନାଭପୁର ନୂଆଗାଁ ଗ୍ରାମର କଳ୍ପତରୁ ବିଶ୍ୱାଳଙ୍କ ପୁତ୍ର ମେଘମହ୍ଲାର ବିଶ୍ୱାଳ (୩୦)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଆଜି



ଭୋର ପ୍ରାୟ ୬ଟା ୩୦ ମିନିଟ ସମୟରେ ନିଜ ଘର ସଲଗ୍ନ ଜମିରେ ପରିବା ଚାଷକୁ ପାଣି ମଡ଼ାଇବାକୁ ଏକ ଟୁଲୁ ମଟର ସଂଯୋଗ କରିଥିଲେ। ଏହି ଟୁଲୁ ମଟର ସଂଯୋଗ ସ୍ଥଳକୁ ନିଜ ଘରୁ ନେଇଥିବା ବିଦ୍ୟୁତ୍ ତାର ଛିଣ୍ଡାଥିଲା। ମେଘମହ୍ଲାର ଜାଣି ନ ପାରି ସେହି ସ୍ଥାନକୁ ସ୍ପର୍ଶ କରିଥିଲେ। ଫଳରେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ବାଲିକୁଦା ପୁଲିସ ଶବକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରାହ୍ନ ୪ଟା ସମୟରେ ବ୍ୟବଚ୍ଛେଦ କରି ପରିବାରକୁ ମୃତଦେହ ହସ୍ତାନର କରାଯାଇଥିଲା। ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଥିଲା। ମେଘମହ୍ଲାର ଗ୍ରାଜୁଏସନ ଶେଷ କରିବା ପରେ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରୁଥିବାବେଳେ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରୁଥିଲେ। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଭାଙ୍ଗିପଡିଛି।

## ଜିଲ୍ଲାସ୍ତରୀୟ କୃଷକ ସମାବେଶ ପାଇଁ ପ୍ରସ୍ତୁତି ବୈଠକ



ତିର୍ତ୍ତୋଲ,୧୬।୫(ସମିସ): ରାଜ୍ୟ ସରକାର ସମବାୟ ସମିତି ଜରିଆରେ ସମସ୍ତ ପଞ୍ଜିକୃତ କୃଷକଙ୍କଠାରୁ ଧାନକ୍ରୟ କରିବା ସହ ୪୮ ଘଣ୍ଟା ମଧ୍ୟରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିଥିବାରୁ ତିର୍ତ୍ତୋଲସ୍ଥ ବୀଣାପାଣି ମଣ୍ଡପରେ ଆସନ୍ତାକାଲି ପୂର୍ବାହ୍ନରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ସମାବେଶ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ମନ୍ତ୍ରୀ, ବିଧାୟକ ଓ ବିଜେପି ନେତୃବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଆଜି ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ବୀଣାପାଣି ମଣ୍ଡପରେ ପହଞ୍ଚି ଉକ୍ତ ଜିଲ୍ଲାସ୍ତରୀୟ ସମାବେଶର ପ୍ରସ୍ତୁତିର ସମୀକ୍ଷା କରିବା ସହ କାର୍ଯ୍ୟକ୍ରମକୁ ସଫଳ ଆୟୋଜନ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚାର ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ଅମିତା କର, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ତପନ ବେହେରା, ପ୍ରଦୀପ ନାୟକ, ପ୍ରତୀମା ମହାନ୍ତି, ଯୁବରାଜ ଖୁଣ୍ଟିଆ, ବିବେକାନନ୍ଦ ହୋତା, ଅକ୍ଷୟ ଦାସ, ଅଭୟ ରାଉତ, ବିକ୍ରମ ରାଉତରାୟ, ଅଳକା ଦାସ, ସୁଶାନ୍ତ ମହାନ୍ତି, ସୂର୍ଯ୍ୟବ୍ରତ ପରିଡ଼ା, ସୁଶାନ୍ତ ବାରିକ, ପ୍ରଶାନ୍ତ ପଣ୍ଡା, ମାନସ ବେହେରାଙ୍କ ସମେତ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁମନ୍ଦିର ଗୁରୁଜୀଙ୍କ ପରଲୋକ

ବାଲିକୁଦା,୧୬।୫(ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଗୁରୁଜୀ ତଥା କାର୍ଯ୍ୟାଳୟ ପ୍ରମୁଖ ପଦ୍ମଲୋଚନ ମିଶ୍ରଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ମଧ୍ୟାହ୍ନରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ବାଲିକୁଦା ମେଡିକାଲକୁ ନେଇଥିଲେ।



ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ମୃତ ଘୋଷଣା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶ ପୃଷ୍ଟି, ସମ୍ପାଦକ ନିକୁଞ୍ଜ ବିଶ୍ୱାଳ, ସହସମ୍ପାଦକ ଶରତ ଲେଙ୍କା, ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କାନୁନଗୋ, ସଦସ୍ୟ ରାମଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁରେଶ ଦାସ, ଉପସଭାପତି ପ୍ରମିଳା ମୁଦୁଲି, ସଦସ୍ୟା ପ୍ରତୀମା ମଲ୍ଲିକ, ପ୍ରଧାନ ଆଚାର୍ଯ୍ୟ ସ୍ୱପ୍ନ ସାହୁ, ସୁଦାମ ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବାବେଳେ ପୁଅ ଶକ୍ତିପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ। ଗୁରୁଜୀ ପଦ୍ମଲୋଚନଙ୍କ ଘର ଅଳାଭର ପଞ୍ଚାୟତର କୂଳିଆ ଗାଁରେ ହୋଇଥିବାବେଳେ ମୃତ୍ୟୁ ବେଳକୁ ତାଙ୍କୁ ବୟସ ୫୯ ବର୍ଷ ବୟସ ହୋଇଥିଲା। ସେ ଆସନ୍ତା ଜୁନ ମାସରେ ଅବସର ଗ୍ରହଣ କରିଥା'ନ୍ତେ।

## ଚାନ୍ଦୋଳ ବଜାରରେ ପରାକ୍ରମ ଶୋଭାଯାତ୍ରା




ଡେରାବିଶ, ୧୬।୫(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ ହୋଇଥିବା ଅପରେସନ୍ ସିନ୍ଦୂର ଅଭିଯାନ ସପକ୍ଷରେ ଓ ସଫଳତା ପାଇଁ ଆଜି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ଚାନ୍ଦୋଳସ୍ଥ ବିଜେପି କାର୍ଯ୍ୟାଳୟଠାରୁ ବଜାର ପରିକ୍ରମା କରିଥିଲା। ପାଟକୁରା ନିର୍ବାଚନମଣ୍ଡଳୀ ନେତା ତଥା ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଯାତ୍ରାରେ ବିଜେପିର ପୂର୍ବତନ ଜିଲ୍ଲା ଉପସଭାପତି ସ୍ମାରକ ମହାନ୍ତି, ଚାନ୍ଦୋଳ ମଣ୍ଡଳ ସଭାପତି ତାପସ ନାୟକ, ଜିଲ୍ଲା ପ୍ରତିନିଧି ଲଲାଟେନ୍ଦୁ ଖୁଣ୍ଟିଆ, ଚାନ୍ଦୋଳ ପଞ୍ଚାୟତର ପ୍ରମୁଖ ଶରତ ମଲିକ, ମୁକୁନ୍ଦପୁରର ଅଜୟ ସାହୁ, ଦାନପୁରର ଅମରେନ୍ଦ୍ର ରଥ, ହରିଅଙ୍କର ସତ୍ୟବ୍ରତ ପରିଡ଼ା, ଖମୋଳର ସୁଜିତ ସ୍ୱାଇଁ, ଯଅଁରାବାରିମୂଳର ଜୟନ୍ତ ନାୟକଙ୍କ ସମେତ ସୁନାକର ସାହୁ, ବିଶ୍ୱଜିତ ଭୂୟାଁ, ବିଶ୍ୱକେତନ ନାୟକ, ନିତ୍ୟାନନ୍ଦ ମଲିକ, ଭଞ୍ଜନ ମହାନ୍ତି ପ୍ରମୁଖ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ। ଏଥିସହ ଭାରତ ପକ୍ଷରୁ ଆତଙ୍କବାଦୀଙ୍କୁ ନିପାତ ପାଇଁ କରାଯାଇଥିବା ଅପରେସନ୍ ସିନ୍ଦୂରକୁ ସମର୍ଥନ କରିଥିଲେ। ଏଥିରେ ପାଟକୁରା ନିର୍ବାଚନମଣ୍ଡଳୀର ବହୁ ଦଳୀୟ କର୍ମୀଙ୍କ ସହ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ ଅଭିଯୋଗ

କୁଜଙ୍ଗ,୧୬।୫(ସମିସ): ପଙ୍କପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସ ସାହୁଙ୍କୁ ଗତକାଲି ରାତିରେ କେତେକ ଦୁର୍ବୃତ୍ତ ମୁଣ୍ଡରେ ବନ୍ଧୁକ ଲଗାଇ ଅପହରଣ କରିଥିଲେ। ତାଙ୍କୁ କାର୍‌ରେ ଉଠାଇ ନେବା ସହ ଚେନ ଓ ମୁଦି ନେଇ ଛାଡ଼ିଦେଇଥିବା ଅଭିଯୋଗ ହୋଇଛି। ସେ କାର୍ଯ୍ୟାଳୟ ଫାଟକ ନିକଟରେ ଛିଡା ହୋଇଥିବାବେଳେ ତାଙ୍କୁ ଦୁର୍ବୃତ୍ତ ଉଠାଇ ନେଇ ବିଳମ୍ବିତ ରାତିରେ ପଙ୍କପାଳ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନିକଟରେ ଛାଡ଼ିଦେଇଥିଲେ। ଏପରିକି ସକାଳେ ଫୋନ୍ କରି ପୁଣି ଟଙ୍କା ମାଗିଥିଲେ। ସେ ଥାନାରେ ଅଭିଯୋଗ କରିଥିବାବେଳେ କୁଜଙ୍ଗ ପୁଲିସ ପକ୍ଷରୁ ତଦନ୍ତ ଚାଲିଥିବାବେଳେ କନିଷ୍ଠ ଯନ୍ତ୍ରୀ ଏବେ ଭୟରେ ଅଛନ୍ତି।

ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନର ବୈଠକ

# ଡିଏଲ୍‌ଆରଙ୍କୁ ସ୍ଥାୟୀ ନିଯୁକ୍ତିରେ ଟାଳଟୁଳ ନୀତି ଅବଲମ୍ବନ ଅଭିଯୋଗ

ପାରାଦୀପ,୧୬।୫ (ସମିସ)

ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ସଭା ଗୃହରେ ଅନୁକମ୍ପାମୂଳକ ଚାକିରି ଆଶାୟୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଜଗତସିଂହପୁର ସାଂସଦ ତଥା ୟୁନିଅନର ସଭାପତି ବିଭୁପ୍ରସାଦ ତରାଇ ସଭାପତିତ୍ୱ କରିଥିଲେ। ଦୀର୍ଘ ୧୫/୨୦ ବର୍ଷ ଧରି ପାରାଦୀପ ବନ୍ଦର ସ୍ଥାୟୀ ନିଯୁକ୍ତି ବଦଳରେ ଡିଏଲଆର ଅନୁକମ୍ପାମୂଳକ ଚାକିରି ଆଶାୟୀଙ୍କୁ ପ୍ରତାରଣା କରି ଚାଲିଛି। ହାଇକୋର୍ଟଙ୍କ ଆଦେଶ ଥିବା ସତ୍ତ୍ୱେ ବନ୍ଦର ଟାଳଟୁଳ ନୀତି ଅବଲମ୍ବନ



କରୁଛନ୍ତି। ଏ ପରିପ୍ରେକ୍ଷୀରେ ବନ୍ଦର ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ବନ୍ଦରରେ କାର୍ଯ୍ୟରତ ଅନୁକମ୍ପାମୂଳକ ଡିଏଲଆରଙ୍କୁ ସ୍ପେସିଆଲ କାଟଗୋରିରେ ଅନ୍ତର୍ଭୁକ୍ତ କରିବା, ସ୍ଥାୟୀ ଚାକିରି ହେବା ପର୍ଯ୍ୟନ୍ତ ବନ୍ଦରରୁ ସିଧାସଳଖ ଦରମା ପ୍ରଦାନ, ୨୦୧୯ରେ ସିଜିଆଇଟି ଦେଇଥିବା ଆଦେଶ ପାଳନ କରିବା ଦାବି ହେଉଛି।

ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ ବୈଠକ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା, ସମ୍ପାଦକ ମନୋଜ ପରିଡ଼ା, ସଂଗ୍ରାମ ପଟ୍ଟନାୟକ, ଲଳିତ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ସଞ୍ଜୟ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ରବିଶଙ୍କରଙ୍କ ଜୟନ୍ତୀ ପାଳିତ

ପାରାଦୀପ, ୧୬।୫(ସମିସ): ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ୬୯ତମ ଜୟନ୍ତୀ ପାରାଦୀପ ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଗୋମାତାଙ୍କୁ ପୂଜାର୍ଚ୍ଚନା କରି ଆଶ୍ରମ ପରିସରରେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ଅର୍ଥ ପରାମର୍ଶଦାତା ଡିଏନ୍. ସୋନ୍ଧୀ, ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଓ ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆର୍ଟ ଅଫ ଲିଭିଙ୍ଗର ମୁଖ୍ୟ ତଥା ବନ୍ଦରର ବିଦ୍ୟୁତ୍ ଓ ଯାନ୍ତ୍ରିକ ବିଭାଗ ମୁଖ୍ୟ ଯନ୍ତ୍ରୀ ସୁଶୀଲ ନାହାକ ଆର୍ଟ ଅଫ ଲିଭିଂର ସେବା



କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ଗୋମାତା ପୂଜନ ପରେ କୀର୍ତ୍ତନ କରାଯାଇ ଅପରେସନ ସିନ୍ଦୂରର ପ୍ରଶଂସା କରାଯାଇଥିଲା। ବନ୍ଦରର ଉଚ୍ଚପଦସ୍ଥ ଅଧିକାରୀ ସୁଶାନ୍ତ ସେଠୀ, ବେଲାଲସେନ ନାୟକ, କାଳୀପ୍ରସାଦ ମିଶ୍ର, ପଙ୍କଜ ସ୍ୱାଇଁ, ସନ୍ତୋଷ ପାଣିଗ୍ରାହୀ, ଧ୍ରୁବ ଚନ୍ଦ୍ର ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀଶ୍ରୀ ବାବାଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଅନ୍ନଦାନ, ବସ୍ତ୍ରଦାନ, ଚାରା ବଣ୍ଟନ ଆଦି ସେବା କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ସୁଶୀଲ ନାହାକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ, ଇଫକୋ, ପିପିଏଲ, ଏଏମଏନଏସ ବହୁ ଶିଳ୍ପାନୁଷ୍ଠାନ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ 'ସକାଳ' ଓ 'ନନ୍ଦିଘୋଷ' ପକ୍ଷରୁ ଆୟୋଜିତ ମାଟ୍ରିକ ଉତ୍କର୍ଷ ସମ୍ମାନ ଉତ୍ସବ-୨୦୨୫ରେ ଢେଙ୍କାନାଳ ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଧାର୍ଯ୍ୟ ଦରଠାରୁ ଅଧିକ ନେଇ ଲୁଟୁଛନ୍ତି




ଗଁଦିଆ, ୧୬।୫(ସମିସ): ଗଁଦିଆ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନରେ ଧାର୍ଯ୍ୟ ଦରଠାରୁ ଅଧିକରେ ମଦ ବିକ୍ରିକୁ କେନ୍ଦ୍ର କରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। କିଛି ଯୁବ ଗ୍ରାହକ ଏହାର ତୀବ୍ର ବିରୋଧ କରିବା ସହ ପାଟିତୁଣ୍ଡ କରିଥିଲେ। ଗ୍ରାହକଙ୍କୁ ଶୋଷଣ ନେଇ ସମ୍ପୃକ୍ତ ମଦ ଦୋକାନ ବିରୋଧରେ ପୂର୍ବରୁ ଏକାଧିକ ଥର ଅଭିଯୋଗ ହୋଇଥିଲେ ମଧ୍ୟ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଗ୍ରାହକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିମାସ ହେଲା ଏହି ମଦ ଦୋକାନରେ ଚଢ଼ା ଦରରେ ମଦ ବିକ୍ରି ହେଉଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଥଣ୍ଡା ବିଅରର ଚାହିଦା ବୃଦ୍ଧି ପାଇଛି। ତେବେ କାଉଣ୍ଟରର କର୍ମଚାରୀମାନେ ବିଅର ବୋତଲ ପିଛା ୧୦ରୁ ୨୦ ଟଙ୍କା ଅଧିକ ନେଉଛନ୍ତି। ଗ୍ରାହକମାନେ ବିଲ୍ ମାଗିଲେ କର୍ମଚାରୀ ନାଲିଆଖି ଦେଖାଇବା ସହ ବିଲ୍ ଦେବାକୁ ସିଧାସଳଖ ମନା କରୁଛନ୍ତି। ସେହିପରି ବିଭିନ୍ନ ବ୍ରାଣ୍ଡର ପାଇକାରୀ ମୂଲ୍ୟ ଚାଟ ଗ୍ରାହକଙ୍କ ଅବଗତି ନିମନ୍ତେ କାଉଣ୍ଟର ସାମ୍ନାରେ ଲଗାଇବାକୁ ସରକାରୀ ନିୟମ ରହିଛି। କିନ୍ତୁ ଏହି କାଉଣ୍ଟରରେ ତାହା କରା ନ ଯାଇ ଦର ତାଲିକା ଭିତରେ ଲଟକା ଯାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ସୁନିତା କେରକେଟାଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଏ-୧ ଛାତ୍ରଛାତ୍ରୀଙ୍କୁ ବ୍ଲକ୍ ପ୍ରଶାସନର ସମ୍ବର୍ଦ୍ଧନା



ଖଜୁରିଆକଟା, ୧୬।୫(ସମିସ): ହିନ୍ଦୋଳ ବ୍ଲକରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଇଓ ହରିହର ଦେହୁରୀଙ୍କ ଅଧ୍ୟକ୍ଷତାରେ ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାସ ବେଉରା, ମୁଖ୍ୟବକ୍ତା ଭାବେ ତହସିଲଦାର ଦିଲୀପ ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଏବିଇଓ ସଞ୍ଜୟ ନାୟକ, ଦ୍ୱିତୀକୃଷ୍ଣ ସାହୁ, ପ୍ରକାଶ ପ୍ରଧାନ, ପ୍ରଧାନଶିକ୍ଷକ ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ରାଜମୋହନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସୌମ୍ୟାଶ୍ରୀ ସାହୁ, ଅଭିଜିତ ସାହୁ, ଦିବ୍ୟଜ୍ୟୋତି ସାହୁ, ସ୍ୱଙ୍ଗସଙ୍କିତ ନାଠି, କୁରୁମିଠା ପଲ୍ଲୀବିକାଶ ହାଇସ୍କୁଲର ପ୍ରଭୁଦତ୍ତ ସାହୁ, ପ୍ରଦ୍ୟୁମ୍ନ ସାହୁ, ତର୍କାବେଢ଼ା କୁମୁରୁସିଙ୍ଗା ହାଇସ୍କୁଲର ଅମ୍ରିତ ସାହୁ, ଖଜୁରିଆକଟା ସରକାରୀ ଉଚ୍ଚବିଦ୍ୟାଳର ପିୟାଲି ପ୍ରିୟଦର୍ଶିନୀ ପ୍ରଧାନ, ପାଟଲା ପଞ୍ଚାୟତ ହାଇସ୍କୁଲର ତ୍ରିଶା ସାମଲ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର, ଉପଢୌକନ ଓ ଆର୍ଥିକ ସହାୟତା ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆନ୍ତର୍ଜାତିକ ସମବାୟ ଦିବସ ପାଳିତ

କାମାକ୍ଷାନଗର, ୧୬।୫(ସମିସ): କାମାକ୍ଷାନଗର ସହକାରୀ ଉପନିବନ୍ଧକ ସମବାୟ ସମିତି ସମୂହ ଆନୁକୂଲ୍ୟରେ ଆନ୍ତର୍ଜାତିକ ସମବାୟ ଦିବସ ପାଳିତ ହୋଇଛି। କାମାକ୍ଷାନଗର ଉପନିବନ୍ଧକ ସମବାୟ ସମିତିସମୂହର ବିଭିନ୍ନ ଶାଖା ପକ୍ଷରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହକାରୀ ଉପନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଭିନ୍ନ ସମବାୟ ସମିତିର କର୍ମଚାରୀ ଉପସ୍ଥିତ ରହି ଚିକିତ୍ସାଳୟ ପରିସରରେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ କାମାକ୍ଷାନଗର ସମବାୟ ସମିତି ତରଫରୁ ସାଗରକାନ୍ତ ରାଉତ, ବାରୁଆଁ (କ) ତରଫରୁ ଦେବାଶ୍ରିତ ପରିଡ଼ା, ବିରାଶାଳ ତରଫରୁ ଅଶୋକ ପରିଡ଼ା, ମରୁଆବିଲି ତରଫରୁ ଅଭିମନ୍ୟୁ ରାଉତ ଯୋଗଦେଇଥିଲେ। ବାଇସିଙ୍ଗା, ମହୁଲପାଳ, ଜଗନ୍ନାଥପୁର, କୁସୁମଯୋଡ଼ି, ରାୟନୃସିଂହପୁର, ତୁମୁସିଙ୍ଗା, କାଦୁଆ, ପ୍ରଭୃତି ସମବାୟ ସମିତିର ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ରୁଙ୍ଗଟା କାରଖାନା; ଜମିହରା ବିସ୍ଥାପିତ ପ୍ରଜାଙ୍କୁ ମିଳୁନି ନିଯୁକ୍ତି

# ଝାଡ଼ବନ୍ଧ ଅଞ୍ଚଳବାସୀଙ୍କ ଆମରଣ ଅନଶନ

ହିନ୍ଦୋଳ, ୧୬।୫(ସମିସ)

ହିନ୍ଦୋଳ ବ୍ଲକ ବାଲିମି ଥାନା ଝାଡ଼ବନ୍ଧ ଅଞ୍ଚଳରେ ଗଢ଼ିଉଠିଥିବା ରୁଙ୍ଗଟା କମ୍ପାନୀର ଦିନକୁ ଦିନ ମନମୁଖି କାର୍ଯ୍ୟକଳାପ ଓ ମେରିରାୟ ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୀର୍ଘ ୧୭ ବର୍ଷ ହେଲା କମ୍ପାନୀ ଜମି ଅଧିଗ୍ରହଣ କରିଥିବା ବେଳେ

**● ୧୪୪ ଧାରା ଜାରି କରି ବନ୍ଦ କଲା ପ୍ରଶାସନ**

ବିସ୍ଥାପିତ ଜମିହରା ପ୍ରଜାଙ୍କୁ ପ୍ରତାରଣା ପୂର୍ବକ ଅଣଦେଖା କରୁଛି। ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଝାଡ଼ବନ୍ଧ ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ରୁଙ୍ଗଟା କାରଖାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ପ୍ରଶାସନକୁ ଅବଗତ କରାଯିବା ସହ କାରଖାନା ସମ୍ମୁଖରେ ପୋଷ୍ଟର ଲଗାଯାଇଥିଲା। ତେବେ ତେବେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବା ଆଶଙ୍କା କରି ବୁଧବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି କରାଯାଇଥିଲା। କାରଖାନା ସମ୍ମୁଖରେ ଏକାଧିକ ଲୋକ ସମାଗମ ନ ହେବାକୁ ଡକାବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା। ହେଲେ ଏହାକୁ ଖାତିର ନ କରି






କମିଟି ସଦସ୍ୟମାନେ ଗୁରୁବାର ସକାଳୁ ଆସି କାରଖାନା ନିକଟରେ ଗାନ୍ଧିଜୀଙ୍କ ଫଟୋ ରଖି ଆମରଣ ଅନଶନରେ ବସିଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି କହିଥିଲେ। ହିନ୍ଦୋଳ ତହସିଲଦାର ଦିଲୀପ ସେଠୀ, ଉପଜିଲ୍ଲାପାଳ, ପ୍ରଭାସ କୁମାର ବେଉରା, ଏସଡିପିଓ ଓ ବାଲିମି ଥାନା ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଦାବି ପୂରଣ ଦିଗରେ ଉଦ୍ୟମ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ଆନ୍ଦୋଳନକାରୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ୧ ମାସ ଭିତରେ କାରଖାନା କର୍ତ୍ତୃପକ୍ଷ ଦାବି ପୂରଣ ନ କରନ୍ତି ପୁନର୍ବାର ଅନଶନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ।

ସ୍ଥାନୀୟ ଅଞ୍ଚଳବାସୀ ଓ ପ୍ରଶାସନକୁ ବିଭିନ୍ନ ପ୍ରଲୋଭନ ଦେଖାଇ ରୁଙ୍ଗଟା କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଶିଳ୍ପ ଆସିଲେ ଅଞ୍ଚଳର ଉନ୍ନତି ହେବା ସହ ଲୋକଙ୍କ ସମସ୍ତ ମୌଳିକ ସମସ୍ୟା ସମାଧାନ ହେବ ଓ ଅଞ୍ଚଳର ଯୁବକ ଯୁବତୀମାନେ କର୍ମନିଯୁକ୍ତି ପାଇବେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନର ବ୍ୟାପକ ବ୍ୟବସ୍ଥା ହେବ ବୋଲି ଅଞ୍ଚଳବାସୀ ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ଶାଗମାଛ ଦରରେ ନିଜ ଘରଦ୍ୱାର, ଜମିବାଡ଼ି, ପୋଖରୀ, ରାସ୍ତାଘାଟ ସବୁକିଛି କମ୍ପାନୀ ହାତକୁ ଟେକିଦେଇଥିଲେ। ମାତ୍ର କମ୍ପାନୀ ହେବା ପରେ ଏଯାଏ ନିଯୁକ୍ତି ତ ଦୂରକଥା ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନ କଥା ଆକାଶ କଇଁଆ ଚିଲିକା ମାଛ ସଦୃଶ ପାଲଟିଛି। ବେଆଇନ ଜମି ଅଧିଗ୍ରହଣ, ପରିବେଶ ଓ ଜଙ୍ଗଲ କ୍ଷୟ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେଉଛି। ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆ ନ ଯାଇ ଅଭିଜ୍ଞାତା ଅଳ ଦେଖାଇ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଅଞ୍ଚଳରୁ ଲୋକଙ୍କୁ ଆଣି ନିଯୁକ୍ତି ଦିଆଯାଉଛି। କମ୍ପାନୀ କର୍ତ୍ତୃପକ୍ଷ ଉତ୍ପାଦନ କ୍ଷମତା ବଢ଼ାଇ ଲାଭବାନ ହେଉଥିବା ବେଳେ ସ୍ଥାନୀୟ ସମସ୍ୟାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। କେବଳ ଜନଆକ୍ରୋସ ଚପାଇବାକୁ ଯାଇ ହାତଗଣତି କେତେକଙ୍କୁ ଠିକା ଶ୍ରମିକ ଭାବେ ନିୟୋଜନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଅପରେସନ ସିନ୍ଦୂର ସହିଦମାନଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ, ୧୬।୫(ସମିସ): ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ସହିଦ ବାଜି ରାଉତ ସ୍ମୃତିସ୍ତମ୍ଭ ନିକଟରେ ଭାରତୀୟ ସେନାବାହିନୀ ତରଫରୁ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ଦମନ କରିବା ଉଦ୍ଦେଶ୍ୟରେ କରାଯାଇଥିବା 'ଅପରେସନ ସିନ୍ଦୂର'ରେ ସହିଦ ହୋଇଥିବା ଭାରତର ବୀର ସୈନିକମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଛି। ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ବୀର ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ମହମବତି ପ୍ରଜ୍ୱଳନ କରାଯାଇ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ,



ରବିନାରାୟଣ ମହାନ୍ତି, ବେଣୁଧର ସାହୁ, ପୂର୍ବତନ ପିସିସି ସମ୍ପାଦିକା ଶିଳ୍ପୀ ହରିଚନ୍ଦନ, ସରୋଜ କୁମାର ଶତପଥୀ, ଅବିନାଶ ପଣ୍ଡା, ବନମାଳୀ ଦାସ, ଅଖିଳ ମହାପାତ୍ର, ସଂଗ୍ରାମ କେଶରୀ ଦାସ, ବିନୟ କୁମାର ସାହୁ, ବୀପ୍ରବର ସାହୁ, ଉର୍ମିଳା ଦାସ, ଗୟାରାମ ସେଠୀ, ସୁଶାନ୍ତ କୁମାର ଧଳ, ନିଶାକର ସାହୁ, ଜିତେନ୍ଦ୍ର କୁମାର ସାହୁ, ସୁଦେଷ୍ଣା ଜେନା, ଏମ୍‌ଡି ସମିର, ମହମ୍ମଦ ଜାବୀର ବକ୍ସ, ଅଜେନ୍ଦ୍ର ସାମଲ, ଆଇନଜୀବୀ ଅଶୋକ ମଲ୍ଲିକ, ପ୍ରିୟବ୍ରତ ସାସମଲ, ସାଗିର ବେଗ, ମୁସ୍ତାଫା ବେଗ, ମୁସୁ ବେଗ, ସ୍ୱରୂପାନନ୍ଦ ଦାସ, ସାବିତ୍ରୀ ଜେନା, ସଞ୍ଜୁକ୍ତା ସାହୁ, ରାଧାରାଣୀ ଜେନା, ଦିପୁ ସାହୁ, ନଟବର ବେହେରା, ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ସରକାରୀ ଜମିରେ ସତସଙ୍ଗ କେନ୍ଦ୍ର; ବୁଲିଲା ବୁଲଡୋଜର

ଢେଙ୍କାନାଳ, ୧୬।୫(ସମିସ): ସଦର ଥାନା ତାଳବରକୋଟ ପାହାଡ଼ ଉପରେ ସରକାରୀ ଜମିରେ ବେଆଇନ ଭାବେ ଏକ ସତସଙ୍ଗ କେନ୍ଦ୍ର ଗଢ଼ି ଉଠିଥିଲା। ଦୀର୍ଘବର୍ଷ ଧରି ଏଠାରେ ତାଳବରକୋଟ ସମେତ ଆଖପାଖ ଅଞ୍ଚଳର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀମାନେ ଉପାସନା କରିବା ସହ ଏକ କୋଠା ଓ ପେଣ୍ଡାଲ ନିର୍ମାଣ କରିଥିଲେ। ପୂର୍ବରୁ ଏହି ବେଆଇନ ସତସଙ୍ଗ କେନ୍ଦ୍ରକୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। କିନ୍ତୁ ହାଇକୋର୍ଟଙ୍କ ସ୍ଥଗିତାଦେଶ ଥିବାରୁ ଉଚ୍ଛେଦ ସମ୍ଭବ ହୋଇ




ନ ଥିଲା। ଗତ ୯ ତାରିଖ ସ୍ଥଗିତାଦେଶ ହଟିବା ପରେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶୁକ୍ରବାର ଏହାକୁ ଉଚ୍ଛେଦ କରାଯାଇଛି। କୋଠା ସମେତ ପେଣ୍ଡାଲକୁ ଭଙ୍ଗାଯାଇଛି। ବିନା କୌଣସି ପ୍ରତିବାଦରେ ଶାନ୍ତିଶୃଙ୍ଖଳା ସହ ଉଚ୍ଛେଦ ହୋଇଥିଲା। ଉକ୍ତ ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି। ଏଠାରେ ଏକ କାରଖାନା ନିର୍ମାଣ ପାଇଁ ଏହି ଜମିକୁ ଲିଜ୍‌ରେ ଦିଆଯିବାକୁ ଯୋଜନା ରହିଥିବା ତହସିଲଦାର ସ୍ୱାଧୀନ ବେହେରା କହିଛନ୍ତି।

## ମାରୱାଡି ଯୁବମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ କର୍ମଶାଳା

ଢେଙ୍କାନାଳ, ୧୬।୫(ସମିସ): ଢେଙ୍କାନାଳ ମାରୱାଡି ଯୁବମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ କର୍ମଶାଳା ଓ ଆମ୍ବୁଲାନ୍ସ ସେବା ଢେଙ୍କାନାଳ ମେଡିକାଲରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଛି। ଏହି କର୍ମଶାଳା ୨ ଦିନ ଧରି ଚାଲିବ। ଏହି ଅବସରରେ ରାଜସ୍ଥାନ ଜୟପୁରରୁ ଆସିଥିବା ଡାକ୍ତରମାନେ ୩୫ ଜଣଙ୍କ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଲଗାଇବେ। ଉଦ୍‌ଘାଟନୀ ସଭାରେ ଢେଙ୍କାନାଳ ମାରୱାଡି ସମାଜର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ଅଗ୍ରୱାଲ,



ବିମଳ କୁମାର ପୋଦାର, ପ୍ରକାଶ ଅଗ୍ରୱାଲ, ନନ୍ଦକିଶୋର ମାହେଶ୍ୱରୀ, ଗୌରବ ପୋଦର, ପୀୟୂଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ମାରୱାଡ଼ି ଯୁବ ମଞ୍ଚର ଗୌରବ ସରୱାଗି, ବିନୀତ କେଡିଆ, ବିଟ୍ଟୁ କେଡିଆ, ମଧୁ ଝୱନର, ନୋଜୁ ଅଗ୍ରୱାଲ, ବିନୋଦ ବର୍ମା, ସୂରଜ ଅଗ୍ରୱାଲ, ଦୀପକ କେଡିଆ, ଅଭିଷେକ ଅଗ୍ରୱାଲ, ଆଦିତ୍ୟ ଅଗ୍ରୱାଲ ଏବଂ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

## ବଜ୍ରପାତରେ ୧୨ ଗୋରୁ ମୃତ

କାମାକ୍ଷାନଗର/ପରଜଙ୍ଗ, ୧୬।୫(ସମିସ): କଙ୍କଡ଼ାହାଡ଼ ଓ ପରଜଙ୍ଗ ଅଞ୍ଚଳରେ ଶୁକ୍ରବାର ବଜ୍ରପାତ ଘଟି ୧୨ ଗୋରୁଙ୍କ ମୃତ୍ୟୁ ହୋଇଛି। କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ବାଲିକୁମା ଗାଁର ସୁନାରାମ ହାଁସଦାଙ୍କ ତିନିଟି ଗାଈ, ସମାଇ ଟୁଡୁଙ୍କ ଦୁଇଟି ଗାଈ ଓ ମଙ୍ଗଳ ସୋରେନଙ୍କ ଗୋଟିଏ ଗାଈ ଚରିବା ପାଇଁ ଯାଇଥିଲା ବେଳେ ଅପରାହ୍ନରେ ବଜ୍ରପାତ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ଏହି ଗାଈ ମାଲିକମାନେ ଅତ୍ୟନ୍ତ ଗରିବ ହେଇଥିବାରୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ପରଜଙ୍ଗ ଥାନା ଆମ୍ବପଳାସ ପଞ୍ଚାୟତ ମୁଣ୍ଡିଆରଗୁଡ଼ି ଗାଁରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଘଟିବାରୁ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁପଲ ଗାଁ ନିକଟ ପଡ଼ିଆରେ ଚରୁଥିବା ସମୟରେ ହଠାତ୍ ବର୍ଷା ହେବାରୁ ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୬ ଗୋରୁଙ୍କ ମୃତ୍ୟୁ ଘଟିଛି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ପରଜଙ୍ଗ, ୧୬।୫(ସମିସ): ପରଜଙ୍ଗ ତହସିଲ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପରଜଙ୍ଗ ତହସିଲଦାର ସୁଦେଶ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ରାଜସ୍ୱ ନିରୀକ୍ଷକ ଆଲୋକ କୁମାର ଲେଙ୍କା ଓ ପରଜଙ୍ଗ ଥାନା ପୁଲିସ ଉପସ୍ଥିତିରେ ପରଜଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରୁ ତହସିଲ ଫାଟକ ସମ୍ମୁଖ ପର୍ଯ୍ୟନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହୋଇଛି। ଜବରଦଖଲକାରୀମାନେ ଉପସ୍ଥିତ ଥିଲେ ମଧ୍ୟ ଶାନ୍ତିଶୃଙ୍ଖଳା ସହ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଛି।

## ଡବଲ ଇଞ୍ଜିନ ସରକାରଙ୍କ ପ୍ରତିଶ୍ରୁତି ପାଣିରଗାର

ଗଁଦିଆ, ୧୬।୫(ସମିସ): ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଶାସନରେ ଅଛି। ତେବେ ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଆଜି ପାଣିରଗାର ହୋଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧାଙ୍କୁ ମାସିକ ୩, ୫୦୦ ଟଙ୍କା ଭତ୍ତା ପ୍ରଦାନ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ୩, ୫୦୦ ଟଙ୍କା ଭତ୍ତା ପ୍ରଦାନ ପ୍ରତିଶ୍ରୁତି ପାଣିରଗାର ସଦୃଶ ହୋଇଛି। ଗଁଦିଆ ବ୍ଲକରେ ବର୍ଦ୍ଧିତ ଭତ୍ତା ପାଇବା ନିମନ୍ତେ ୧୫୦୦ ହିତାଧିକାରୀଙ୍କ ନାମ ବ୍ଲକ ପକ୍ଷରୁ ପ୍ରଦାନ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ମିଳିପାରିନାହିଁ। ସେହିପରି ନୂତନ ଭତ୍ତା ନିମନ୍ତେ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ବିଧବା ମହିଳା ଅନଲାଇନରେ ଆବେଦନ କରିଛନ୍ତି। ବ୍ଲକରେ ଏହି ନୂଆ ଆଶାୟୀଙ୍କ ସଂଖ୍ୟା ୨୬୦୦। ସେମାନଙ୍କୁ ମଧ୍ୟ ଭତ୍ତା ମିଳୁନାହିଁ। ଯୋଗ୍ୟ ହିତାଧିକାରୀ ମାନେ ଆଉ କେତେ ଦିନ ଭତ୍ତା ପାଇଁ ଅପେକ୍ଷା କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ରାଜ୍ୟସ୍ତରୀୟ ବାଦି କୁସ୍ତି ପ୍ରତିଯୋଗିତା

# ଢେଙ୍କାନାଳର ୧୩ ଖେଳାଳି ଅଂଶଗ୍ରହଣ କରିବେ

ଢେଙ୍କାନାଳ, ୧୬।୫(ସମିସ)

ଢେଙ୍କାନାଳ କୁସ୍ତି ପ୍ରତିଯୋଗୀମାନେ ପୁରୀ ଜିଲ୍ଲା ଭାରତ ସେବାଶ୍ରମ ସଂଘରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ବାଦି କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେଠାକୁ ଗସ୍ତ କରିଛନ୍ତି। ଏହି ପ୍ରତିଯୋଗିତରେ ଢେଙ୍କାନାଳ ଜିଲ୍ଲାର ମୋଟ ୧୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କୋଚ୍ ଆର୍ଯ୍ୟ ପଟ୍ଟନାୟକ, ସପନି ନାୟକ, ମ୍ୟାନେଜର ଅଭୟ ଦେହୁରୀ, ଅମିତା ନାଏକ ପ୍ରତିଯୋଗୀଙ୍କ ସହ ଗସ୍ତ କରିଛନ୍ତି। ଜିଲ୍ଲାର କୁସ୍ତି ଖେଳାଳିମାନେ ବିଗତ ଦିନରେ ରାଜ୍ୟ, ଆନ୍ତଃ ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପଦକ ହାସଲ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଜିଲ୍ଲା କୁସ୍ତିସଂଘ ଖେଳାଳିମାନଙ୍କୁ କୌଣସି ସାହାଯ୍ୟ କରୁନାହିଁ। ଜିଲ୍ଲାର ଖେଳାଳିମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ହାତରୁ ଟଙ୍କା ଖର୍ଚ୍ଚ କରି ଯାଉଛନ୍ତି। ଜିଲ୍ଲା ସଂଘକୁ ବାରମ୍ବାର ଅବଗତ କଲେ କିଛି ସୁଫଳ ମିଳୁନି। ବିଗତ ଦିନରେ ପୁରୁଣା ଖେଳାଳି ଏକାଠି ହୋଇ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ



ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଖେଳାଳିଙ୍କୁ ଆବଶ୍ୟକ ଉପକରଣ ଓ ସହଯୋଗ ମିଳିଲେ ଆହୁରି ଆଗକୁ ଯାଇ ଦେଶ ବିଦେଶରେ ଜିଲ୍ଲାର ନାଁ ରଖନ୍ତେ ବୋଲି କୋଚ୍ କହିଛନ୍ତି। ଆଜକୁ ୩୦ ବର୍ଷ ହେଲା ଜଣେ ବ୍ୟକ୍ତି ଜିଲ୍ଲା ସଂଘ ପରିଚାଳନା କରୁଛନ୍ତି। ନିୟମ ମୁତାବକ ୪ ବର୍ଷରେ ଥରେ ନିର୍ବାଚନ ହୋଇ ସଂଘ ପରିଚାଳନା ହେବା କଥା। କିନ୍ତୁ ଜିଲ୍ଲାରେ କାହା ମସୁଧାରେ ଜଣେ ବ୍ୟକ୍ତି ଗାଦି ମାଡ଼ିବସି ଖେଳାଳିମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦେଉଛନ୍ତି ବୋଲି ପୂର୍ବତନ ଖେଳାଳି କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଟାଟାଷ୍ଟିଲ୍ ଫାଉଣ୍ଡେସନ୍‌ର ଜନମୁଖୀ ଜାଗୃକତା କାର୍ଯ୍ୟକ୍ରମ

ମେରାମଣ୍ଡଳୀ, ୧୬।୫(ସମିସ): ଜାତୀୟ ଡେଙ୍ଗୁ ଦିବସ ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ 'ଜଲଦି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ, ଡେଙ୍ଗୁ ପ୍ରତିରୋଧ କରନ୍ତୁ, ପରିଷ୍କାର ପରିବେଶ, ସ୍ୱସ୍ଥ ଜୀବନ' ବିଷୟବସ୍ତୁକୁ ନେଇ ଅନେକ ସଚେତନତା ଅଭିଯାନ ଆୟୋଜନ କରାଯାଇଛି। ଏହି ପଦକ୍ଷେପ ଖଲିବେରଣା ଗୋଷ୍ଠୀ କେନ୍ଦ୍ର, ନୂଆଗାଁ, କାଣ୍ଡବିନ୍ଧା ଉପକେନ୍ଦ୍ର ଓ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଡେଙ୍ଗୁ ପ୍ରତିରୋଧ, ଶୀଘ୍ର ଚିହ୍ନଟ ଓ ମଶା ପ୍ରଜନନସ୍ଥଳ ହଟାଇବା ପାଇଁ ଗୋଷ୍ଠୀ ଭିତ୍ତିକ ପଦକ୍ଷେପ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ଏହି ଅଭିଯାନକୁ ସଫଳ କରିବା ପାଇଁ ଟିଏସଏଫ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଓ ଜନପ୍ରତିନିଧିଙ୍କ ସହ ମିଳିତ ଭାବେ କାମ କରିଛି। ମୋବାଇଲ ପବ୍ଲିକ ହେଲଥ ୟୁନିଟ ଟିମ୍, ଆଶା ଏବଂ ଏଏନଏମ କର୍ମଚାରୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ଆଲୋଚନା ଦ୍ୱାରା ଡେଙ୍ଗୁ ପ୍ରତିରୋଧ ଉପରେ ଗଭୀର ଆଲୋକପାତ କରାଯାଇଛି। ସ୍ଥାନୀୟ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ଅବସରରେ ଓଡ଼ାପଡ଼ା ମେଡିକାଲର ମଲ୍ଟି ପରପସ ହେଲଥ ସୁପରଭାଇଜର ଅମରେନ୍ଦ୍ର ନନ୍ଦଙ୍କ ନେତୃତ୍ୱରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।




## ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

ଢେଙ୍କାନାଳ, ୧୬।୫(ସମିସ): ପୁରୁଣା କଟକ-ସମ୍ବଲପୁର ରାସ୍ତାର ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଲମ୍ବୋଦରପୁର ନିକଟରେ ଦୁର୍ଘଟଣା ଘଟି ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଆହତ ଦମ୍ପତିଙ୍କ ପରିଚୟ ମିଳି ନ ଥିବା ବେଳେ ସେମାନେ ହିନ୍ଦୋଳ ଅଞ୍ଚଳର ବୋଲି ସୂଚନା ମିଳିଛି। ବାଇକ ଯୋଗେ ସେମାନେ ଯାଉଥିବା ସମୟରେ ଲମ୍ବୋଦରପୁର ନିକଟରେ ହଠାତ ଏକ ଗାଈ ସାମ୍ନାକୁ ଚାଲିଆସିଥିଲା। ତାଙ୍କ ବାଇକ୍ ଗାଈ ସହ ଧକ୍କା ହେବାକୁ ଦମ୍ପତି ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

ସମ୍ପୂର୍ଣ୍ଣା
ସକାଳ THE SAKALA www.sakalaepaper.com

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ଘରକୁ ଅତିଥି ଆସିବେ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେବ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ସମ୍ପର୍କୀୟଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

## ଆଜିର ଇତିହାସ

- ୧୭୫୬- ବ୍ରିଟେନ୍, ଫ୍ରାନ୍ସ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୮୬୫-ବିଶ୍ୱ ଦୂରସଞ୍ଚାର ଦିବସ ପାଳନ କରିବା ଆରମ୍ଭ ହେଲା ।
- ୧୯୪୯- ଭାରତ ରାଷ୍ଟ୍ରମଣ୍ଡଳ ଦେଶର ସଦସ୍ୟତା ପାଇଁ ନିଷ୍ପତ୍ତି ନେଲା ।
- ୧୯୮୭-ସୁନୀଲ ଗାଭାସ୍କର ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଲେ ।
- ୨୦୧୪- ଉତ୍ତର ଲାଓସ୍‌ରେ ଏକ ବିମାନ ଦୁର୍ଘଟଣା ଯୋଗୁଁ ୧୭ ଜଣଙ୍କ ମୃତ୍ୟୁ ।
- ୨୦୧୮ - ବି.ଏସ୍ ୟେଦୁରପ୍ପା ତୃତୀୟ ଥର କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ହେଲେ ।

## ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ



ପ୍ରତିବର୍ଷ ମେ’ ୧୭ ତାରିଖରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଏ । ଉଚ୍ଚ ରକ୍ତଚାପ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଏହି ଦିବସର ଆରମ୍ଭ କରାଯାଇଥିଲା । ‘ଦ ୱାର୍ଲଡ୍ ହାଇପର ଟେନସନ୍ ଲିଗ୍’ ୨୦୦୫ରେ ପ୍ରଥମ ଥର ଏହି ଦିବସ ପାଳନ ଆରମ୍ଭ କରିଥିଲା । ୨୦୦୬ରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ଉଚ୍ଚ ରକ୍ତଚାପ ଦିବସ ଭାବେ ପାଳନ କରାଯାଉଛି । ହାଇପରଟେନସନ ବା ଉଚ୍ଚ ରକ୍ତଚାପ ଏବେ ଏକ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି । ଉଚ୍ଚ ରକ୍ତଚାପ କୌଣସି ଲକ୍ଷଣ ପ୍ରକାଶ ନ କରି ଶରୀରର ବହୁ କ୍ଷତି କରିଥାଏ । ତେଣୁ ଏହାକୁ ନିଃଶବ୍ଦ ଘାତକ ବା ନୀରବ ଘାତକ କୁହାଯାଏ । ସେଥିପାଇଁ ଏହାର ଚିକିତ୍ସା ଠିକ୍ ସମୟରେ କରା ନ ଗଲେ ଜଣେ ମୃତ୍ୟୁମୁଖରେ ପଡିଥାନ୍ତି । ଜଣେ ବ୍ୟକ୍ତିର ସାଧାରଣ ରକ୍ତଚାପ ହେଉଛି ୧୨୦/୮୦ ଏମ୍ଏମ୍ଏଚ୍‌ଜି । ଯଦି ରକ୍ତଚାପ ଏହାଠାରୁ କମ୍, ତେବେ ଏହାକୁ ନିମ୍ନ ରକ୍ତଚାପ ଏବଂ ଯଦି ଏହାଠାରୁ ଅଧିକ ହୁଏ ତେବେ ଉଚ୍ଚ ରକ୍ତଚାପ ଭାବରେ ବିବେଚନା କରାଯାଏ । ଉଚ୍ଚ ରକ୍ତଚାପ ମହିଳାଙ୍କ ତୁଳନାରେ ପୁରୁଷଙ୍କଠାରେ ଅଧିକ ଦେଖାଯାଏ । ଆଜିକାଲି ୧୮ ରୁ ୫୦ ବର୍ଷ ବୟସର ବ୍ୟକ୍ତିମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି । ଏହାବାଦ୍ ଯେକୌଣସି ବୟସର ବ୍ୟକ୍ତି ଏଥିରେ ପୀଡ଼ିତ ହୋଇଥାନ୍ତି । ଉଚ୍ଚ ରକ୍ତଚାପ ହେବାର ଏକାଧିକ କାରଣ ରହିଛି । ଅସ୍ୱାଭାବିକ ଜୀବନଶୈଳୀ, ମାନସିକ ବିକାର, ଅନିୟମିତ ଖାଦ୍ୟପେୟ, ଧୂମପାନ ଯୋଗୁଁ ଉଚ୍ଚ ରକ୍ତଚାପ ହେବା ଆଶଙ୍କା ବୃଦ୍ଧି ପାଏ । ସେହିପରି ଅବସାଦ, ମେଦବହୁଳତା ଓ ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ମଧ୍ୟ ଏହା ହୋଇପାରେ । ଏହା ମଧ୍ୟ ବଂଶଗତ ମଧ୍ୟ ଅର୍ଥାତ୍ ପରିବାରର କେହି ଏଥିରେ ପୀଡ଼ିତ ଥିଲେ ଏହା ସେମାନଙ୍କ ପିଲାଙ୍କଠାରେ ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି । ଯଦି ଉଚ୍ଚ ରକ୍ତଚାପ ହୁଏ ତେବେ ଖୁବ୍ ସାବଧାନତାର ସହ ରହିବାକୁ ପଡ଼େ । କାରଣ ଏହାଦ୍ୱାରା ଆମ ଶରୀର ଉପରେ ଖରାପ ପ୍ରଭାବ ପଡିଥାଏ । ଉଚ୍ଚ ରକ୍ତଚାପ କାରଣରୁ ମୁଣ୍ଡବିନ୍ଧା, ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଏବଂ ନାକରୁ ରକ୍ତସ୍ରାବ ଭଳି ଲକ୍ଷଣ ଦେଖାଦେଇପାରେ । ସବୁଠୁ ବଡ଼ କଥା ହେଉଛି କି ପ୍ରାରମ୍ଭରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ, ଏସବୁ ଲକ୍ଷଣ ରୋଗ ଗମ୍ଭୀର ହୋଇଗଲେ ଦେଖାଯାଏ । ଏପରିକି ଏଥିଯୋଗୁ ଜଣକର ଜୀବନ ମଧ୍ୟ ଯାଇପାରେ । ଉଚ୍ଚ ରକ୍ତଚାପ ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ ସହ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼େ । ଏହାସହ ନିୟମିତ ଯୋଗ, ପ୍ରାଣାୟାମ ଆଦି କରିବା ସହ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଉଚିତ । ସବୁଠୁ ବଡ଼ କଥା ହେଲା ୧୮ ବର୍ଷ ବୟସ ପରେ ପ୍ରତିବର୍ଷ ଅତି କମ୍‌ରେ ଦୁଇଥର ରକ୍ତଚାପ ଯାଞ୍ଚ କରିବା ଉଚିତ ।

ଆଶ୍ଚର୍ଯ୍ୟ ପୃଥିବୀ

## ବିବାହ ଗାଉନ୍ ପିନ୍ଧି ଦୌଡ଼ିଲେ ମହିଳା



ବିବାହ ଏକ ପବିତ୍ର ସମ୍ପର୍କ । ପତି ପତ୍ନୀ ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମର ସାଥୀ ହେବା ପାଇଁ ଶପଥ ନେଇଥାନ୍ତି । ଯେକୌଣସି ପରିସ୍ଥିତି ଆସୁ ନା କାହିଁକି ଦୁହେଁ ସାରା ଜୀବନ ଏକାଠି ରହିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି । ହେଲେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାଙ୍କୁ ଝୁରିଝୁରି ଭାଙ୍ଗି ପଡ଼େ । ଏମିତି ବି ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କ ସାଥୀକୁ ହରାଇ ବି ବେଶ୍ ଦୃଢ଼ମନା ହୋଇ ଜୀବନରେ ଆଗକୁ ବଢ଼ିଥାନ୍ତି । ଏମିତି ଜଣେ ମହିଳା ହେଉଛନ୍ତି ଲଣ୍ଡନର ଲାରା କୋଲମେନ୍ ଦେ(୩୩) । ସ୍ୱାମୀଙ୍କୁ ହରାଇଥିବା ଲାରା ନିକଟରେ ଏମିତି କିଛି କରିଦେଖାଇଛନ୍ତି ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଲାରାଙ୍କ ଷଷ୍ଠ ବିବାହ ବାର୍ଷିକୀରେ ଏକ ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି ଅବସରରେ ସେ ନିଜ ବିବାହ ଗାଉନ୍ ପିନ୍ଧି ଦୌଡ଼ରେ ସାମିଲ ହୋଇଥିଲେ । ଲାରା ତାଙ୍କ ସ୍ୱାମୀଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ବିବାହ ପୋଷାକ ପିନ୍ଧି ଦୌଡ଼ିଥିଲେ । ଲାରାଙ୍କ ସ୍ୱାମୀ, ଜେଣ୍ଡରଙ୍କର ଗତ ବର୍ଷ ଆକ୍ୟୁଟ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକୋମିଆରେ ମୃତ୍ୟୁ ହୋଇଥିଲା । ଦୌଡ଼ ପ୍ରତିଯୋଗିତାରେ ଯେତେବେଳେ ଲାରା ବିବାହ ଗାଉନ୍ ପିନ୍ଧି ଫିନିଶ୍ ଲାଇନ୍ ଅତିକ୍ରମ କରିଥିଲେ ଲୋକେ ତାଳିମାରି ତାଙ୍କୁ ଉତ୍ସାହିତ କରିଥିଲେ । ଲାରା ଏହି ଦୌଡ଼ ଜରିଆରେ ରକ୍ତକର୍କଟ ଏବଂ ଷ୍ଟେମ୍ ସେଲ୍ ଗବେଷଣା ଚ୍ୟାରିଟି ଲାଗି ଅର୍ଥ ଜମା କରିବାକୁ ଚାହୁଁଥିଲେ । ଦୌଡ଼ ପାଇଁ ଉଦ୍ଦିଷ୍ଟ ଟ୍ରାକ୍‌ର ଶେଷ ତିନି ମାଇଲ ପୂର୍ବରୁ ସେ ଅଟକି ରହି ବିବାହ ପୋଷାକ ପିନ୍ଧି ଏହାକୁ ଶେଷ କରିଥିଲେ । ଏନେଇ ଲାରା କୁହନ୍ତି, ମୋ ଜୀବନର ସ୍ୱତନ୍ତ୍ର ଦିନକୁ ସମ୍ମାନିତ କରିବାକୁ ଏହାଠାରୁ ଭଲ ସୁଯୋଗ ନ ଥିଲା । ତେବେ ଗାଉନ୍ ପିନ୍ଧି ତାଙ୍କୁ ବହୁତ ଗରମ ଲାଗୁଥିବାବେଳେ ସେ ଏକ ଭିନ୍ନ ପ୍ରକାର ଖୁସି ଅନୁଭବ କରିଥିଲେ ।

## ‘ଗିନ୍ନି ୱେଡସ୍ ସନି’ର ଆସିବ ସିକ୍ୱେଲ
### ବାଦ୍ ପଡ଼ିଲେ ବିକ୍ରାନ୍ତ-ୟାମି



୨୦୨୦ରେ ଆସିଥିବା ଫିଲ୍ମ ‘ଗିନ୍ନି ୱେଡସ୍ ସନି’ର ସିକ୍ୱେଲ ଆସିବ ବୋଲି ଏହାର ନିର୍ମାତା ଘୋଷଣା କରିଛନ୍ତି । ‘ଗିନ୍ନି ୱେଡସ୍ ସନି’ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା । ପୁନିତ ଖାନ୍ନା ଏହାର ନିର୍ଦ୍ଦେଶନା ଦେଇଥିଲେ । ଏହାର ମୂଳ ଫିଲ୍ମରେ ବିକ୍ରାନ୍ତ ମେସି ଓ ୟାମୀ ଗୌତମ ନଜର ଆସିଥିଲେ । ଏହି ଯୋଡ଼ିଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । କିନ୍ତୁ ଏହାର ସିକ୍ୱେଲରେ ଏକ ଫ୍ରେସ୍ ଯୋଡ଼ି ନଜର ଆସିବେ । ଏବେ ଏଥିରେ ଅବିନାଶ ତିୱାରୀ ଓ ମେଧା ଶଙ୍କରଙ୍କୁ ଦେଖିବାକୁ ମିଳିବ । ଇତିମଧ୍ୟରେ ଫିଲ୍ମର ପ୍ରଯୋଜକ ବିନୋଦ ବଚ୍ଚନ ‘ଗିନ୍ନି ୱେଡସ୍ ସନି’ର ସିକ୍ୱେଲ ଆସିବ ବୋଲି ସାମାଜିକ ଗଣମାଧ୍ୟମରେ ଏହାର ଟିଜର୍ ଜାରି କରି ସୂଚନା ଦେଇଛନ୍ତି । ଟିଜର୍‌ରେ କ୍ୟାପସନ୍ ଦିଆଯାଇଛି ଯେ, ରୋମାନ୍ସ, କମେଡି ଓ ଡ୍ରାମାର ରୋଲରକଷ୍ଟର ରାଇଡ୍ ପାଇଁ ପ୍ରସ୍ତୁତ ହୋଇଯାନ୍ତୁ । ‘ଗିନ୍ନି ୱେଡସ୍ ସନି’ର ପ୍ରଥମ ସିଡ୍ୟୁଲ ଆରମ୍ଭ ହୋଇଯାଇଛି ।’ ପ୍ରଶାନ୍ତ ଝା ଏହାର ନିର୍ଦ୍ଦେଶନା ଦେବା ସହ କାହାଣୀ ମଧ୍ୟ ଲେଖିଛନ୍ତି । ଏହାର ସୁଟିଂ ଉତ୍ତରାଖଣ୍ଡରୁ ଆରମ୍ଭ ହୋଇଛି ।

# ସୁମନ

### ସକାଳ ଶିଶୁ କୁଇଜ୍-୧୬୪

(୧) ସାନ ଘାଗରା ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର: ______

(୨) ସଂଯୁକ୍ତା ପାଣିଗ୍ରାହୀ କେଉଁ ନୃତ୍ୟ ପାଇଁ ପ୍ରସିଦ୍ଧ?
ଉତ୍ତର: ______

(୩) ଭାରତର ପ୍ରଥମ ଜାତୀୟ ଉଦ୍ୟାନର ନାମ କ’ଣ?
ଉତ୍ତର: ______

(୪) ‘ଲାବଣ୍ୟମତୀ’ ପୁସ୍ତକର ରଚୟିତା କିଏ?
ଉତ୍ତର: ______

(୫) ଛତ୍ରପତି ଶିବାଜୀ ମହାରାଜଙ୍କ ଗୁରୁ କିଏ ଥିଲେ?
ଉତ୍ତର: ______

ଗତ ସପ୍ତାହର କୁଇଜ୍ ବିଜେତା
- ଅଂଶୁମାନ ପ୍ରଧାନ, ଲୋହାରପାଲି, ବରଗଡ଼
- ନୀଲେଶ କୁମାର, ଇଟାମାଟି, ନୟାଗଡ଼
- ଗୋପୀନାଥ ରାଉଳ, ବିନାୟକପୁର, ଭଦ୍ରକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଏବେଠୁ ସାଜିବି ଶିଶୁ ସଇନିକ



ତପନ କୁମାର ସ୍ୱାଇଁ

ଛୋଟ ଶିଶୁଟିଏ ଭାବ ନାହିଁ ମୋତେ
କାଲିକି ହୋଇବି ବଡ଼,
ଦେଶ ମାଟି ପାଇଁ ଲଢ଼ିବି ସୀମାରେ
ଜିଣିବି ଶତ୍ରୁର ଗଡ଼ ।
ଆସୁ ପଛେ ବାଧା ଜୀବନ ପଥରେ
ଆଗକୁ ଚାଲିବି ଧୀରେ,
ହଟିଯିବି ନାହିଁ କର୍ତ୍ତବ୍ୟ ପଥରୁ
ଶପଥ ନେଇଛି ଥରେ ।



ଖରା, ବର୍ଷା, ଶୀତ, କାକରକୁ ନ ଡରି
ରକତକୁ ପାଣି କରି,
ଦେଶ, ମାଟି ଲାଗି ଯବାନ ସାଜିବି
ଦେଶ ପାଇଁ ଯିବି ମରି ।
ଦେଏଲୋ ମାଆ ପିନ୍ଧାଇ ମଥାରେ
ଏବେଠୁ ବିଜୟ ଟୀକା,
ଶୟନେ ସପନେ ପଡ଼ିଲାଣି ମୋତେ
ଭାରତ ମାଟିର ଡକା ।
ଏବେଠୁ ସାଜିବି ଶିଶୁ ସଇନିକ
ଦେଖିବ ମୋ’ ଗାଆଁ ଭୂଇଁ,
ସଭିଏଁ ମୋ’ ପରି ସଇନିକ ହେବେ
ଦେଶ ମାତୃକା ପାଇଁ ।■

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ - ୯୦୪୦୦୩୩୩୯୦



## ଆମକୁ ବଞ୍ଚିବାକୁ ଦିଅନ୍ତୁ




ଅର୍ଜୁନ ଦାସ


ସକାଳୁ ସକାଳୁ ସିଂହ ରାଜାଙ୍କ ରାଜ ଦରବାରରେ ଜଙ୍ଗଲର ସମସ୍ତ ଜୀବ । ସମସ୍ତେ ରାଜାଙ୍କ ନିକଟରେ ଗୁହାରି କରିବାକୁ ଆସିଛନ୍ତି । ଗଜରାଜ କହିଲେ , “ମହାରାଜ ଆପଣ ଟିକେ ନିଜ ରାଜ୍ୟ ଆଡ଼କୁ ନଜର ଦିଅନ୍ତୁ । ଦେଖନ୍ତୁ କିପରି ସଂସାର ବୁଡ଼ିବାକୁ ବସିଲାଣି । ଆମର ଦୁଃଖ ହରଣ କରନ୍ତୁ ମଣିମା । ଏଭଳି ବିପଦ ସମୟରେ ଆପଣ ଯଦି ଆମ କଥା ନ ଶୁଣିବେ ତେବେ ଆମେ ଆଉ କାହାକୁ ଆମର ଦୁଃଖ କହିବୁ । ” ଆରେ କ’ଣ ସବୁ ଏପରି କହୁଛ । କିଛି ବିପଦ ଆସିଛି କି ? ପକ୍ଷୀରାଜ ମୟୂର କିଛି ନ କହି ଏପରି ମନ ଉଣା କାହିଁ କରିଛନ୍ତି । ଆଉ ଚତୁର ବିଲୁଆ ନନା ବି ଚୁପ୍‌ଚାପ୍ । ଏପରି ଉଦାସର କାରଣ କ’ଣ ? ରାଜାଙ୍କ ପ୍ରଶ୍ନର ଉତ୍ତର ରଖି ଜିରାଫ କହିଲା- ମଣିମା! ଏ ମାନବ ସମାଜର ଆମ ରହିବାର ସ୍ଥାନକୁ ଭାଙ୍ଗିବାକୁ ବସିଲାଣି । ତେଣେ ଶୁଆ କହିଲା , “ମଣିମା ସେମାନେ ଆମର ବାସ ଗୃହକୁ ଭାଙ୍ଗିବାରେ ବ୍ୟସ୍ତ । ଆବଶ୍ୟକତାଠାରୁ ଅଧିକ ସେମାନେ ନଷ୍ଟ କରିବାରେ ଲାଗିଛନ୍ତି । ଯାହାଦ୍ୱାରା ପରିବେଶ ସନ୍ତୁଳନ ବିଗିଡ଼ିଗଲାଣି । ଝରଣାରେ ଆଉ ପାଣିର ଧାର ନାହିଁ । ଆମ ଖାଦ୍ୟ ସଂଗ୍ରହ କରିବା ପାଇଁ ସୁବିଧା ନାହିଁ । ନ ଖାଇ ନ ପିଇ କେତେ ଯେ ଜୀବଜନ୍ତୁ ପ୍ରାଣ ହରାଇଲେଣି ତା’ର ସୀମା ନାହି ।” ରାଜ୍ୟରେ ଏତେ ବଡ ବିପଦ ପଡ଼ିଛି, ଶୁଣି ରାଜା ବହୁତ ମନ ଦୁଃଖ କଲେ । ସିଂହ ରାଜା କହିଲେ- ଆରେ ତମେମାନେ ବି ଜାଣିଛ ମଣିଷ ବେଶ୍ ବୁଦ୍ଧିଆ । ସେମାନଙ୍କର ଚିନ୍ତା କରିବାର ଶକ୍ତି ଅଛି । ସେ କ’ଣ ଆମ କଥା ଶୁଣିବେ । ବାସ୍ ଥରେ ତାଙ୍କୁ ଅନୁରୋଧ କରିବା । ସେ ଯାହା ନିଷ୍ପତ୍ତି ନେବେ । ତେବେ ଆସନ୍ତା କାଲି ସକାଳୁ ସଭିଏଁ ସେମାନଙ୍କ ନିକଟରେ ପହଞ୍ଚି ଜୀବନ ଭିକ୍ଷା ମାଗିବା । ତା’ ଛଡା ଅନ୍ୟ ପଥ ନାହିଁ । ଆମେ ସିନା ଜଙ୍ଗଲର ରାଜା ସେ ପରା ସାରା ଦୁନିଆର । ହୁଏତ ଆମ କଥା ହୃଦୟଙ୍ଗମ କରି ପାରନ୍ତି । ସିଂହ ରାଜାଙ୍କ କଥା ଶୁଣି ସଭିଏଁ ଆଶ୍ଚର୍ଯ୍ୟ । ସତରେ ଏତେ ମହାନ ରାଜା ସେ ନିଜ ପ୍ରଜା ପାଇଁ ଭିକ୍ଷା ମାଗିବାକୁ ପଛାଉ ନାହାନ୍ତି । ତା’ପର ଦିନ ସବୁ ପଶୁପକ୍ଷୀ ଦଳବଳ ହୋଇ ପହଞ୍ଚି ଗଲେ । ଆଗେ ସିଂହ ରାଜା ପଛରେ ଅନ୍ୟମାନଙ୍କୁ ଦେଖି ମଣିଷମାନେ ଚମକି ପଡ଼ିଲେ । ହାତ ଯୋଡ଼ି ସିଂହ ରାଜା କହିଲେ , “ମଣିମା ଆପଣ ଆମକୁ ଶାନ୍ତିରେ ରହିବାକୁ ଦିଅନ୍ତୁ । ଏପରି ଆମ ଘର ନଷ୍ଟ କଲେ, ଆମ ବଂଶ ଲୋପ ପାଇଯିବ । ଏମିତିରେ କେତେକ ବଂଶ ଲୋପ ପାଇ ସାରିଲାଣି । ଯେଉଁମାନେ ସର୍ବଦା ଆମ ପରିବେଶର ପାଇଁ ଶୁଭ ଚିନ୍ତକ ଥିଲେ, ସେମାନେ ତ ଆଉ ଦେଖାଯାଉ ନାହାନ୍ତି । ଆପଣ ବିକାଶ ଆଳ ଦେଖାଇ ଯେତିକି ଜଙ୍ଗଲ ଧ୍ୱଂସ କଲେଣି ତାହା କେବଳ ଯେ, ଆମେ ଭୋଗିବୁ ତାହା ନୁହେଁ । ସମାନ ଭାବରେ ଆପଣମାନେ ବି ଭୋଗିବେ । ପୃଥିବୀର ଉତ୍ତାପ କେତେ ମାତ୍ରାରେ ବଢ଼ିଲାଣି କାହାକୁ ଅଛପା ନାହିଁ । ବର୍ଷାର ପରିମାଣ କମିବାରୁ ଜଳସ୍ତର ବି କମିବାରେ ଲାଗିଲାଣି । ଶେଷରେ ଆପଣଙ୍କୁ ଏ ରାଜାର ଏତିକି ବିନତି ଆଉ ଆମକୁ ବିପଦ ଆଡ଼କୁ ଟାଣନ୍ତୁ ନାହିଁ । ଏମିତିରେ କେତେ ଜୀବନ ତୁଛାଟାରେ ଚାଲି ଯାଉଛି । କିଛି ବର୍ଷ ଏପରି ଚାଲିଲେ ବୋଧେ ଆମ ବଂଶ ସଂପୂର୍ଣ୍ଣ ଲୋପ ପାଇଯିବ । ସେଥିପାଇଁ ଏ ରାଜାର ଗୋଟେ ଛୋଟ ଅନୁରୋଧ ଆମକୁ ବଞ୍ଚିବାକୁ ଦିଅନ୍ତୁ ।”■


ମାଧବ, ନିଆଳୀ, କଟକ
ମୋ-୭୭୩୫୯୫୭୧୫୧












**ଆଦ୍ୟା ଆରାଧ୍ୟା ଷଡ଼ଙ୍ଗୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାଡ଼ଖଣ୍ଡ



**ସାତ୍ୱିକା ମହାପାତ୍ର**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ପ୍ରିୟାଂଶୁ ଦାଶ**
ଦଶମ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ
ବାଲେଶ୍ୱର

## ପ୍ରହେଳିକା

- ଶହ ଶହ ଗାଡ଼ି ସଅର ସର
ନିତି ଦଉଡ଼ନ୍ତି ଛାତିରେ ତା’ର
ଶରୀର ରଙ୍ଗଟି ଅଟଇ କଳା
ଶ୍ରମିକ ଗଢ଼ିଛି ନ କରି ହେଳା
ବୁଦ୍ଧି ଖଟେଇ
ନାଆଁ କହିଦେଲେ ଦେବି ମିଠେଇ ।
ଉତ୍ତର :-ପିଚୁ ସଡ଼କ



- ବାଲି ସିମେଣ୍ଟରେ ପାଣି ଢାଳିଦେଇ
ଶ୍ରମିକ ଗୋଳେଇ ଦେଲା
ଇଟା ସଙ୍ଗେ ଇଟା ଯୋଡ଼ିବା କାମରେ
ତାକୁ ବ୍ୟବହାର କଲା
ଚାରିଗୋଟି କାନ୍ଥ ଉପରେ ଛାତ
ପକେଇଲା ମନେ ହୋଇ ଉଷତ
କବାଟ ଝରକା ଲଗେଇ ଦେଲା
ନିଆଁ ପାଣି ଭୟ ଦୂର ହୋଇଲା
ହାତ ଟେକିବ
ନାଆଁଟି ତାହାର ଯିଏ କହିବ
ଉତ୍ତର :-କୋଠାଘର

- ଗମନା ଗମନ ସୁବିଧା ପାଇଁ କି
ନଦୀରେ ପଡ଼ିଲା ଛାତ
ଶ୍ରମ ଦେଇ ତାକୁ ଶ୍ରମିକ ଗଢ଼ିଲେ
ହାତକୁ ମିଶାଇ ହାତ
ତା’ଛାତି ଉପରେ ନିତିଦିନ କେତେ
ଚାଲିଲା ମଟର ଗାଡ଼ି
ଏକ ସହରରୁ ଆର ସହରକୁ
ସହଜେ ପାରିଲା ଯୋଡ଼ି
ମନ ଦେଇ ପାଠ ପଢୁଛି ଯିଏ
ନାଆଁଟି ତାହାର କହିବ ସିଏ ।
ଉତ୍ତର :- ପୋଲ

- ଜଗଦୀଶ ସାହୁ
ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୦
- ପାଉଣ୍ଡ ୧୧୪.୨୪
- ୟୁରୋ ୯୬.୨୧
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୭,୨୦୦ (ଭୁବନେଶ୍ୱର)
- ରୁପା : ୯୮,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୩୦.୦୦
- ନିଫ୍ଟି ୨୫,୦୧୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତର ଇଭି ଯାତ୍ରାକୁ ପ୍ରୋତ୍ସାହିତ କରୁଛି ଟାଟା.ଇଭି



ମୁମ୍ବଇ, ୧୬।୫: ଭାରତର ସର୍ବବୃହତ ୪ ଚକିଆ ଇଭି ଉତ୍ପାଦକ ତଥା ଭାରତର ଇଭି ବିପ୍ଳବର ଅଗ୍ରଣୀ ଟାଟା.ଇଭି ଏହାର ପ୍ରଥମ ୧୦ ଟାଟା.ଇଭି ମେଗା ଚାର୍ଜର ଉଦ୍ଘାଟନ କରିଛି। ଏହି ହାଇ ସ୍ପିଡ୍ ଚାର୍ଜରଗୁଡ଼ିକର ଶୁଭାରମ୍ଭ ଚାର୍ଜଜୋନ୍ ଏବଂ ଷ୍ଟାଟିକ୍ ସହିତ ମିଳିତ ଭାବରେ କରାଯାଇଛି। ଭାରତରେ ଇ-ମୋବିଲିଟି ବଢ଼ାଇବା ପାଇଁ ୨୦୨୭ ସୁଦ୍ଧା ଉପଲବ୍ଧ ଚାର୍ଜ ପଏଣ୍ଟ ସଂଖ୍ୟାକୁ ଦ୍ୱିଗୁଣିତ କରି ୪୦୦,୦୦୦ କୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ପାଳନ କରିଛି। ଭାରତରେ ବିଦ୍ୟୁତୀକରଣର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରି ଟାଟା.ଇଭି ଏହାର 'ମୁକ୍ତ ସହଯୋଗ' ଘୋଷଣା କରିଛି, ଫ୍ରେମୱାର୍କ ମାଧ୍ୟମରେ ନୁହେଁ ଆମେ କେବଳ ଅନେକ ଚାର୍ଜ ପଏଣ୍ଟ ଅପରେଟର ଏବଂ ତୈଳ ମାର୍କେଟିଂ କମ୍ପାନୀ (ଓଏମ୍‌ସି) ସହିତ ଦୃଢ଼ ସହଭାଗୀତା ଗଠନ କରିନାହୁଁ, ବରଂ ପ୍ରମୁଖ ରାଜପଥ ଏବଂ ସହରାଞ୍ଚଳରେ ଚାର୍ଜିଂ ଭିତ୍ତିଭୂମିର ଦ୍ରୁତ ପ୍ରସାର ମଧ୍ୟ ହୋଇଛି। ଏହି ଢାଞ୍ଚା ମଧ୍ୟରେ, ଟାଟା.ଇଭି ମେଗାଚାର୍ଜର ନେଟୱାର୍କ ପ୍ରଚଳନ କରାଯାଇଛି, ଯାହା ହାଇ-ସ୍ପିଡ୍ ଚାର୍ଜିଂ ଏବଂ ମହାନ ନିର୍ଭରଯୋଗ୍ୟତା ପ୍ରଦାନ କରିବ।

## ଭାରତ-ପାକ୍ ଉତ୍ତେଜନା

# ଟ୍ରମ୍ପ-ମୁନିର୍ କ୍ରିପ୍ଟୋ ଡିଲ୍



- ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ ସହ ବୁଝାମଣା
- ପାକିସ୍ତାନକୁ ଦକ୍ଷିଣ ଏସିଆର କ୍ରିପ୍ଟୋ ରାଜଧାନୀ କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,୧୬।୫(ଏଜେନ୍ସି): ପହଲଗାମ ଆକ୍ରମଣ ଏବଂ ଏହାର ପରବର୍ତ୍ତୀ ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରିବାର ଏବଂ ପାକ୍ ସେନା ମୁଖ୍ୟ ଅସୀମ ମୁନିରଙ୍କ ମଧ୍ୟରେ ଏକ ବଡ଼ ବୁଝାମଣା ହୋଇଥିବା ଖବର ପଦାକୁ ଆସିଛି। ଉଭୟଙ୍କ ମଧ୍ୟରେ ଏକ ହାଇ-ପ୍ରୋଫାଇଲ୍ କ୍ରିପ୍ଟୋ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା କୁହାଯାଉଛି। ଏଥିରେ ଟ୍ରମ୍ପଙ୍କ ପରିବାର ଏବଂ ମୁନିରଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ଏହି ଚୁକ୍ତି ଏବେ ଭାରତ ଏବଂ ଆମେରିକାରେ ଏବେ ତଦନ୍ତ ପରିସରକୁ ଆସିଛି।

ରିପୋର୍ଟ ଅନୁଯାୟୀ, ଆମେରିକୀୟ କ୍ରିପ୍ଟୋ ଫାର୍ମ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ ଏବଂ ପାକିସ୍ତାନର ନବଗଠିତ ସଂସ୍ଥା ପାକିସ୍ତାନ କ୍ରିପ୍ଟୋ କାଉନସିଲ୍ ମଧ୍ୟରେ ଏହି ଚୁକ୍ତି ହୋଇଥିଲା। ଏହି ଚୁକ୍ତି ସମ୍ପର୍କରେ ସୂଚନା ଆସିବା ପରେ ରାଜନୈତିକ ଏବଂ ସୁରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ଗଭୀର ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ ହେଉଛି ଏକ ଆମେରିକୀୟ କ୍ରିପ୍ଟୋ ଏବଂ ଫିନଟେକ୍ କମ୍ପାନୀ ଯେଉଁଥିରେ ଡୋନାଲ୍ଡ ଟ୍ରମ୍ପଙ୍କ ପୁଅ ଏରିକ୍ ଟ୍ରମ୍ପ୍ ଏବଂ ତାଙ୍କ ଜ୍ୱାଇଁ ଜାରେଡ୍ କୁଶନର ମିଳିତ ଭାବରେ ୬୦% ଅଂଶଧନ ରହିଛଇ। ଏହି କମ୍ପାନୀ ଚଳିତବର୍ଷ ଏପ୍ରିଲରେ ପାକିସ୍ତାନ ସହିତ ଏକ ବ୍ଲକଚେନ୍-ଆଧାରିତ ସହଭାଗିତା ପାଇଁ ରାଜି ହୋଇଥିଲା। ଏହି ଚୁକ୍ତିନାମା କ୍ରିପ୍ଟୋ କାଉନସିଲ୍ ଅଫ୍ ପାକିସ୍ତାନ ସହିତ କରାଯାଇଥିଲା, ଯାହା ଏକ ନୂତନ ସଂଗଠନ। ଏହି ପରିଷଦ ବିନାନ୍ସ ଏକ୍ସଚେଞ୍ଜର ପ୍ରତିଷ୍ଠାତା ଚାଙ୍ଗପେଙ୍ଗ ଝାଓଙ୍କୁ ପରାମର୍ଶଦାତା ଭାବରେ ନିଯୁକ୍ତ କରିଥିଲା। ଏହି ପରିଷଦର ଲକ୍ଷ୍ୟ ହେଉଛି ପାକିସ୍ତାନକୁ ଦକ୍ଷିଣ ଏସିଆର କ୍ରିପ୍ଟୋ ରାଜଧାନୀ କରିବା।

ଏହି ଚୁକ୍ତିନାମା ସ୍ୱାକ୍ଷର କରିବା ପାଇଁ ଆମେରିକାର ଏକ ପ୍ରତିନିଧିମଣ୍ଡଳୀ ପାକିସ୍ତାନ ପହଞ୍ଚିଥିଲେ, ଯେଉଁଥିରେ କମ୍ପାନୀର ପ୍ରତିଷ୍ଠାତା ଜାଚାରି ୱିଟକଫ ମଧ୍ୟ ସାମିଲ ଥିଲେ। ଜାଚାରି ହେଉଛନ୍ତି ଟ୍ରମ୍ପଙ୍କ ପୂର୍ବତନ ବ୍ୟବସାୟିକ ସହଯୋଗୀ ଷ୍ଟିଭ୍ ୱିଟକଫଙ୍କ ପୁଅ, ଯିଏ କି ବର୍ତ୍ତମାନ ମଧ୍ୟପ୍ରାଚ୍ୟ ପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର ନିଜେ ଏହି ଟିମ୍‌କୁ ସ୍ୱାଗତ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସହ ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ପାକିସ୍ତାନର କ୍ରିପ୍ଟୋ କାଉନ୍‌ସିଲ ଏବଂ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ ଏହାକୁ ଏକ ବୈଷୟିକ ସହଯୋଗ ବୋଲି ଏକ ବିବୃତ୍ତି ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ଏହି ଚୁକ୍ତି ପାକିସ୍ତାନରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ୍ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏଥିରେ ବ୍ଲକଚେନ୍ ପ୍ରଯୁକ୍ତିବିଦ୍ୟାକୁ ସରକାରୀ ପ୍ରତିଷ୍ଠାନରେ ସମନ୍ୱିତ କରିବା ଏବଂ କ୍ରିପ୍ଟୋ-ଆଧାରିତ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଛି। କିନ୍ତୁ ଏହି ଚୁକ୍ତିର ସମୟ ଏବଂ ଏଥିରେ ସାମିଲ ଲୋକଙ୍କ ପୃଷ୍ଠଭୂମି ଏହାକୁ ଏକ ସାଧାରଣ ନିବେଶ ପରିବର୍ତ୍ତେ ଏକ ରଣନୈତିକ ଚୁକ୍ତି ଭାବରେ ଦେଖାଯାଉଛି।

ଭାରତର ଅନେକ ରଣନୈତିକ ବିଶେଷଜ୍ଞ ଏବଂ ସୁରକ୍ଷା ବିଶ୍ଳେଷକ ଏହି ଚୁକ୍ତି ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ଚୁକ୍ତିନାମା ପାକିସ୍ତାନର ଆତଙ୍କବାଦୀ ପାଣ୍ଠି ଗଠନକୁ ଘୋଡାଇବା ଏବଂ ଆର୍ଥିକ ହେରଫେର ପାଇଁ ବ୍ୟବହାର କରାଯାଇପାରିବ। ଏହି ଚୁକ୍ତିର ସମୟ ଏବଂ ଏଥିରେ ସମ୍ପୃକ୍ତ ଲୋକଙ୍କ ଭୂମିକାକୁ ନେଇ ସନ୍ଦେହ ଜାତ ହୋଇଛି। ତେବେ ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ ଟ୍ରମ୍ପ ପରିବାର ଏବଂ ଆମେରିକାର ହ୍ୱାଇଟ୍ ହାଉସ୍ ପକ୍ଷରୁ ଏ ଯାଏ କୌଣସି ବୟାନ ଆସିନାହିଁ। ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ୍ର କହିବାନୁଯାୟୀ, ଏହି ଚୁକ୍ତି ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ, କିନ୍ତୁ ରଣନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ସ୍ୱଚ୍ଛତା ବିନା ଏପରି ଚୁକ୍ତି ଭବିଷ୍ୟତରେ ଏକ ବଡ଼ ଭୂ-ରାଜନୈତିକ ସଙ୍କଟ ସୃଷ୍ଟି କରିପାରେ।

## ଏସ୍‌ଡିଆଇରେ ଅନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୧୬।୫(ସମିସ): ସ୍କିଲ୍ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱର (ଏସ୍‌ଡିଆଇ)ରେ ଓଡିଶାର ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନ୍ୟାସନାଲ୍ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେସନ୍(ଏନ୍‌ଏସ୍‌ଡିସି) ସହଯୋଗରେ ଆନ୍ତର୍ଜାତୀୟ ଭାଷା ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏଥିସହ ରାଜ୍ୟପାଳ ସ୍କିଲ୍ ଅନ୍ ହ୍ୱିଲ୍ ବା କୌଶଳ ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ। ଏଥିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଏସ୍‌ଡିଆଇ ଭୁବନେଶ୍ୱରର ଅଧ୍ୟକ୍ଷ ରଶ୍ମି ଗୋଭିଲ, ଆଇଓସିଏସର ଏଚଆର୍ ନିର୍ଦ୍ଦେଶକ, ଏନଏସଡିସି ଓ ଦକ୍ଷତା ବିକାଶ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ବ୍ୟାଙ୍କ ହାଟସାହି ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୬।୫(ସମିସ): ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ପୁରୀ ଜିଲ୍ଲାର ପିପିଲି ବ୍ଲକ୍ ଅଧୀନସ୍ଥ ହାଟସାହି ଶାଖା ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଜିଲ୍ଲାର ୮ମ ଶାଖା ଭାବରେ ହାଟସାହି ଶାଖାର ଉଦ୍‌ଘାଟନ ଅଣବ୍ୟାଙ୍କିଙ୍ଗ୍ କ୍ଷେତ୍ରଗୁଡିକରେ ବ୍ୟାଙ୍କିଂ ସେବାର ବିସ୍ତାର ଏବଂ ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ନୂତନ ଶାଖାର ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା ଅଧ୍ୟକ୍ଷତା କରିଥିଲେ। ପିପିଲି ତହସିଲଦାର ଓଏଏସ୍ ହୃଷିକେଷ ତ୍ରିପାଠୀ ଏବଂ ହାଟସାହି ସରପଞ୍ଚ ଗଣେଶ ବେହେରା ଉପସ୍ଥିତ ଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୁମନ କୁମାର, ଉପ-ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ ଅଧିକାରୀଗଣ ମଧ୍ୟ ଉପସ୍ଥିତ ଥିଲେ।

## ସ୍ୱସ୍ତି ପ୍ରିମିୟମ୍‌ରେ ନୂଆ ଲାଉଞ୍ଜ୍ ବାର 'ନିର୍ବାଣ'




ଭୁବନେଶ୍ୱର,୧୬।୫(ସମିସ): ରାଜଧାନୀ ଭୁବନେଶ୍ୱର ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ଖୋଲିଛି ନୂଆ ଲାଉଞ୍ଜ୍ ବାର 'ନିର୍ବାଣ'। 'ନିର୍ବାଣ' ହେଉଛି ଏକ ଆକର୍ଷଣୀୟ ଲାଉଞ୍ଜ୍ ବାର ଯାହାକି ଡାଇନ୍ ପାଇଁ ଏକ ଉତ୍ତମ ସ୍ଥଳ। ଏହାର ସ୍ୱତନ୍ତ୍ର ଖାଦ୍ୟ, ହାତ ପ୍ରସ୍ତୁତ ପାନୀୟ ସହ ଆତିଥେୟତା ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ଏହାସହ ନିର୍ବାଣରେ ଉପଲବ୍ଧ କିବେହ,ଚିକେନ୍ ଶିଶ୍ ଟାଉକ୍ ଏବଂ ଏମିରାତି ଗ୍ରୀଲ୍‌ଡ ପ୍ରନ୍ ଭଳି ରେସିପି ସହ ମନ ଖୁସିକରିବା ଭଳି ମେନ୍ କୋର୍ସ ଗ୍ରାହକଙ୍କୁ ମନ ଜିଣିବ। ରାଜଧାନୀବାସୀଙ୍କୁ ଏହି ନୂଆ ଲାଉଞ୍ଜ୍ ବାର ଭିନ୍ନ ଏକ ଖାଦ୍ୟର ସ୍ୱାଦ ପରଷିବ ବୋଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଭିପି ଶୁଭୋ ବିଶ୍ୱାସ ସୂଚନା ଦେଇଛନ୍ତି। ଏହି ଅବସରରେ ସ୍ୱସ୍ତି ଗ୍ରୁପର ସଭାପତି ପ୍ରିୟନାଥ ବେହେରା ଜିଏମ୍ ସେଲ୍ସ ମନୋଜ ସିଂ,ଏକ୍‌ଜିକ୍ୟୁଟିଭ୍ ସେଫ୍ ରାଜେଶ ମିଶ୍ର ଉପସ୍ଥିତ ଥିଲେ।

## ଖେଲ ଦୁନିଆ

# ଓଏଫ୍‌ସିରେ ୨୦୨୯ ପର୍ଯ୍ୟନ୍ତ ରହିବେ ଥୋଇବା ସିଂ



ଭୁବନେଶ୍ୱର,୧୬।୫(ସମିସ): ମିଡ୍‌ଫିଲ୍ଡର ଥୋଇବା ସିଂ ମୋଇରାଙ୍ଗଥେମଙ୍କ ସହ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଓଡ଼ିଶା ଏଫ୍‌ସି ଚୁକ୍ତି ବୃଦ୍ଧି କରିଛି। ୨୨ ବର୍ଷୀୟ ଥୋଇବା ୨୦୨୯ ପର୍ଯ୍ୟନ୍ତ ଓଡ଼ିଶା ତରଫରୁ ଖେଳିବେ ଓ ଏ ନେଇ ଶୁକ୍ରବାର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୨୦୧୯-୨୦ ସିଜିନରେ ମାତ୍ର ୧୭ ବର୍ଷ ବୟସରେ ଥୋଇବା ଓଡ଼ିଶା ଏଫ୍‌ସିରେ ଯୋଗ ଦେଇଥିଲେ। ରକ୍ଷଣଭାଗରେ ତାଙ୍କ ପ୍ରଦର୍ଶନ ଗତ କେତେବର୍ଷ ହେବ ଉଚ୍ଚକୋଟୀର ରହିଆସିଛି। ଅଭିଜ୍ଞ ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଓ ମୌର୍ତ୍ତଦା ଫଲ୍‌ଙ୍କ ସହ ସାଥି ହୋଇ ଦେ ଓଡ଼ିଶାର ରକ୍ଷଣଭାଗକୁ ଶକ୍ତିଶାଳୀ କରାଇବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ସେ ମିନେର୍ଭା ପଞ୍ଜାବ, ମିନେର୍ଭା ପଞ୍ଜାବ ବି ତରଫରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୪-୨୫ ସିଜିନରେ ସେ ନର୍ଥଇଷ୍ଟ ୟୁନାଇଟେଡ ବିପକ୍ଷରେ ଓଡ଼ିଶା ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ସେ ୧୬,୧୭ ଓ ୨୩ ବର୍ଷରୁ କମ୍ ଭାରତୀୟ ଦଳ ତରଫରୁ ଖେଳି ନିଜର ଦକ୍ଷତା ଓ ପ୍ରତିଭାର ପ୍ରମାଣ ଦେଇଛନ୍ତି।

- ଫୋର୍ବସର ସର୍ବାଧିକ ଆୟକାରୀ ଆଥଲେଟ୍ ତାଲିକା

# କ୍ରମାଗତ ୩ ବର୍ଷ ଶୀର୍ଷରେ ରୋନାଲ୍ଡୋ



ନ୍ୟୁଜର୍ସି,୧୬।୫(ଏଜେନ୍ସି): ଜଣାଶୁଣା ଆମେରିକୀୟ ବ୍ୟବସାୟିକ ପତ୍ରିକା ଫୋର୍ବସ୍ ଶୁକ୍ରବାର ସର୍ବାଧିକ ଆୟକାରୀ ଆଥଲେଟ୍‌ଙ୍କୁ ନେଇ ଏକ ତାଲିକା ପ୍ରକାଶ କରିଛି। ଏଥିରେ ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ କ୍ରମାଗତ ତୃତୀୟ ବର୍ଷ ପାଇଁ ଶୀର୍ଷ ସ୍ଥାନରେ ରହିଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କୁ ପଛରେ ପକାଇ ୪୦ ବର୍ଷୀୟ ରୋନାଲ୍ଡୋ ସର୍ବାଧିକ ଆୟକାରୀ ଆଥଲେଟ୍ ବିବେଚିତ ହୋଇଛନ୍ତି। ୨୦୨୪ ମେ ଓ ୨୦୨୫ ମେ ମଧ୍ୟରେ ରୋନାଲ୍ଡୋ ପାଖାପାଖି ୨୭୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ୨,୩୫୬ କୋଟି ଟଙ୍କା ଆୟ କରି ନଂ୧ ସ୍ଥାନରେ ରହିଛନ୍ତି। କୌଣସି ଭାରତୀୟ ଆଥଲେଟ୍ ତାଲିକାର ଶ୍ରେଷ୍ଠ-୫୦ରେ ସ୍ଥାନୀତ ହୋଇନାହାନ୍ତି। ଏନ୍‌ବିଏ ତାରକା ତଥା ଆମେରିକୀୟ ପେସାଦାର ବାସ୍କେଟବଲ ଖେଳାଳି ଷ୍ଟିଫେନ କୁରୀ ୧୫୬ ମିଲିଆନ ଡଲାର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମେସି ୧୩୫ ଡଲାର ସହ ସହ ତୃତୀୟ ସ୍ଥାନରୁ ଖସି ୫ମ ସ୍ଥାନରେ ରହିଛନ୍ତି। ଫ୍ରାନ୍ସର କରିମ ବେଞ୍ଜାମା ୧୦୪ ମି ଡଲାର ସହ ୮ମ ସ୍ଥାନରେ ରହିଛନ୍ତି।

## କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

# କାଟାଗୋରୀ-ଏ'ରେ ବୋରିସ୍ ଚାମ୍ପିଅନ, ଡେଭିଡ୍ ରନର୍ସଅପ୍



ଭୁବନେଶ୍ୱର, ୧୬।୫ (ସମିସ): ସର୍ବଭାରତୀୟ ଚେସ୍ ମହାସଂଘ, ନିଖିଳ ଓଡ଼ିଶା ଚେସ ସଂଘ ଓ କିଟ୍ ଡିମ୍‌ଡ ୟୁନିଭର୍ସିଟି ମିଳିତ ଆନୁକୂଲ୍ୟରେ ମେ ୯ରୁ ଚାଲିଥିବା କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାଟାଗୋରୀ-ଏ'ରେ ରୁଷ୍‌ର ଗ୍ରାଣ୍ଡମାଷ୍ଟର ବୋରିସ୍ ସାଭଚେଙ୍କୋ ଚାମ୍ପିଅନ ଓ ଡେଭିଡ୍ ଗୋଚେଶାଭଲି ରନର୍ସ ଅପ୍ ହୋଇଛନ୍ତି। ଶୁକ୍ରବାର ୧୦ମ ରାଉଣ୍ଡ ଶେଷରେ ବୋରିସ୍ ସର୍ବାଧିକ ୮ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୩ ଲକ୍ଷ ଟଙ୍କାର ପୁରସ୍କାର ଦିଆଯାଇଥିଲା। ତାଙ୍କ ପଛକୁ ୪ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ରୁଷର ଆଇଏମ୍ ଡେଭିଡ ଦ୍ୱିତୀୟସ୍ଥାନ ଅଧିକାର କରି ରନର୍ସଅପ୍, ଭିଏତନାମ୍‌ର ଗ୍ରାଣ୍ଡମାଷ୍ଟର ଭାନ୍ ହୁଏ ତୃତୀୟ ଓ ଭାରତ ତଥା ପଶ୍ଚିମବଙ୍ଗର କୌସ୍ତୁଭ କୁଣ୍ଡୁ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଡେଭିଡ୍ ଟ୍ରଫି ସହ ୨ ଲକ୍ଷ, ଭାନ୍ ହୁଏ ଟ୍ରଫି ସହ ୧ ଲକ୍ଷ ୪୦,୦୦୦ ଓ କୌସ୍ତୁଭ କୁଣ୍ଡୁଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିବା ଆୟୋଜକ କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟ ପୁରସ୍କାର ତାଲିକାରେ ୮୦ଜଣଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ସର୍ବନିମ୍ନ ପୁରସ୍କାର ୯,୯୦୦ ଟଙ୍କା ରହିଥିଲା।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କି, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଏଆଇସିଏଫ୍ ସଦସ୍ୟ ରଞ୍ଜନ ମହାନ୍ତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶେଖର ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୪୩ଟି ଦେଶରୁ ୮୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥର ୬୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଛି। ଆସନ୍ତବର୍ଷ ବା ୨୦୨୬ରେ ଏହି ପୁରସ୍କାର ରାଶି ଦୁଇଗୁଣା ବୃଦ୍ଧି ପାଇ ୧ କୋଟି ୨୦ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଛନ୍ତି।

### ଓଡ଼ିଆଙ୍କ ମଧ୍ୟରେ ଆଶୀର୍ବାଦ ଶ୍ରେଷ୍ଠ

କାଟାଗୋରୀ-ଏ'ରେ ଭାଗ ନେଇଥିବା ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ୩୯ ନମ୍ବର ସିଡ୍ ପାଇଥିବା ଆଶୀର୍ବାଦ ୬.୫ ପଏଣ୍ଟ ପାଇ ୨୬ତମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୨୦,୦୦୦ ଟଙ୍କା ମିଳିଛି। ତାଙ୍କ ପରେ ୧୪ତମ ସିଡ୍ ସିଏମ୍ ହର୍ଷିତ ରଞ୍ଜନ ସାହୁ ୬ ପଏଣ୍ଟ ପାଇ ୩୧ତମ ସ୍ଥାନରେ ରହିଛନ୍ତି। ତାଙ୍କୁ ମଧ୍ୟ ୨୦,୦୦୦ ଟଙ୍କା ମିଳିଛି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଜ୍ୟୋତ୍ସ୍ନାଭ ତାଲୁକଦାର ୩୯ତମ, ସ୍ଥିତପ୍ରଜ୍ଞ ସାହୁ ୪୨ତମ, ଫକିର ମାଝୀ ୫୨ତମ ଓ ଆୟୁଷ୍ମାନ ମହାନ୍ତି ୫୩ତମ ସ୍ଥାନ ଅଧିକାର କରିଛନ୍ତି। ଏମାନେ ସମସ୍ତେ ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ।

### କାଟାଗୋରୀ-ସି'ରେ ତନ୍ମୟ ରନର୍ସଅପ୍

୩ଟି କାଟାଗୋରୀ ମଧ୍ୟରୁ 'ସି'ର ଖେଳ ମଧ୍ୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ମହାରାଷ୍ଟ୍ରର ସାହିଲ ଘୋରଘାଟେ ଚାମ୍ପିଅନ, ଓଡ଼ିଶାର ତନ୍ମୟ ତ୍ରିପାଠୀ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ପୁରସ୍କାର ବାବଦରେ ସାହିଲଙ୍କୁ ଟ୍ରଫି ସହ ୧ ଲକ୍ଷ, ତନ୍ମୟଙ୍କୁ ଟ୍ରଫି ସହ ୭୫,୦୦୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପଶ୍ଚିମବଙ୍ଗର ଅମିୟାଂଶୁ ଭୋୟାଲ ଟ୍ରଫି ସହ ୬୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। କାଟାଗୋରୀରେ ଭାଗ ନେଇଥିବା ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସିଦ୍ଧେଶ କମିଲା ୫ମ, ନାରାୟଣ ନାୟକ ୯ମ, ବିଶାଳ ପଟ୍ଟନାୟକ ୧୩ତମ, ଲରେନ୍ସ ପ୍ରଧାନ ୧୫ତମ, ଗତିକୃଷ୍ଣ ଭୂୟାଁ ୧୭ତମ ସ୍ଥାନ ଅଧିକାର କରିଛନ୍ତି।

# ୱାଙ୍ଖେଡ଼େରେ ରୋହିତ ଶର୍ମା ଷ୍ଟାଣ୍ଡ ଉଦ୍‌ଘାଟିତ




ମୁମ୍ବାଇ,୧୬।୫(ଏଜେନ୍ସି): ସ୍ଥାନୀୟ ଆଇକନିକ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବତନ ଅଧିନାୟକ ତଥା ବ୍ୟାଟିଂ ସୁପରଷ୍ଟାର ରୋହିତ ଶର୍ମାଙ୍କ ନାମରେ ନୂଆ ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। ମୁମ୍ବାଇ କ୍ରିକେଟ ଆସୋସିଏସିନ (ଏମ୍‌ସିଏ) ଶୁକ୍ରବାର ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ରୋହିତଙ୍କ ସହ ଏନ୍‌ସିପି ନେତା ଶରଦ ପାୱାର ଓ ପୂର୍ବତନ କ୍ରିକେଟର ଅଜିତ ୱାଡେକରଙ୍କ ନାମରେ ଷ୍ଟାଣ୍ଡ ଉଦ୍‌ଘାଟନ କରିଛି। ଏହି ଅବସରରେ ରୋହିତ, ଶରଦ୍‌ଙ୍କ ସମେତ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଉପସ୍ଥିତ ଥିଲେ। ଏଥିସହ ଏମ୍‌ସିଏର ପୂର୍ବତନ ଅଧ୍ୟକ୍ଷ ଆମୋଲ କାଲେଙ୍କ ନାମରେ ଏନସିଏ କାର୍ଯ୍ୟାଳୟର ଏକ ଲାଉଞ୍ଜ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଦିଭେଚା ପ୍ୟାଭିଲିଅନ ଲିଭେଲ ୩ ଷ୍ଟାଣ୍ଡକୁ ରୋହିତ ନାମରେ ନାମିତ କରାଯାଇଛି। ଉଦ୍‌ଘାଟନ ଅବସରରେ ରୋହିତଙ୍କ ମାତାପିତା, ପତ୍ନୀ ଓ ମୁମ୍ବାଇ ଇଣ୍ଡିଆନ୍ସର ପୂରା ଦଳ ଉପସ୍ଥିତ ଥିଲା। ୩୮ ବର୍ଷୀୟ ରୋହିତ ଟି-୨୦ ଓ ଟେଷ୍ଟ ଫର୍ମାଟ୍‌ରୁ ଅବସର ଘୋଷଣା କରିସାରିଥିଲେ ମଧ୍ୟ ଦିନିକିଆ ଦଳର ଅଧିନାୟକ ରହିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ୍ ଓ ୨୦୨୫ ଚାମ୍ପିଅନ୍ସ ଟ୍ରଫି ହାସଲ କରିଥିଲା। ମହାରାଷ୍ଟ୍ରର ନାଗପୁରସ୍ଥିତ ବାନସୋଡ୍‌ରେ ଜନ୍ମିତ ରୋହିତ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୬୭ ଟେଷ୍ଟ, ୨୭୩ ଦିନିକିଆ ଓ ୧୫୯ ଟି-୨୦ ମ୍ୟାଚ୍ ଖେଳିଛନ୍ତି।

# ବାର୍ସିଲୋନାକୁ ୨୮ତମ ଲା ଲିଗା ଟାଇଟଲ

ବାର୍ସିଲୋନା,୧୬।୫(ଏଜେନ୍ସି): ଜଣାଶୁଣା ଫୁଟବଲ କ୍ଲବ ବାର୍ସିଲୋନା ରେକର୍ଡ ୨୮ଥର ପାଇଁ ଲା ଲିଗା ଟାଇଟଲ ହାସଲ କରିଛି। ସ୍ପାନିଶ ଫୁଟବଲ ଲିଗ୍ ପ୍ରଣାଳୀର ସର୍ବୋଚ୍ଚ ପେସାଦାର ଲିଗ୍ ବିବେଚିତ ହେଉଥିବା ଲା ଲିଗାରେ ଏଥର ମଧ୍ୟ ବାର୍ସିଲୋନା ବାଜି ମାରିଛି। ଗୁରୁବାର ବିଳମ୍ବିତ ରାତିରେ ଏଠାରେ ଖେଳାଯାଇଥିବା ମୁକାବିଲାରେ ବାର୍ସିଲୋନା ୨-୦ ଗୋଲରେ ଏସ୍ପାନ୍ୟୋଲକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଲିଗ୍‌ରେ ଦୁଇଟି ମ୍ୟାଚ୍ ବାକି ଥିଲେ ମଧ୍ୟ ବାର୍ସିଲୋନା ଟାଇଟଲ ଜିତିବା ସ୍ପଷ୍ଟ ହୋଇଛି। ଲିଗ୍‌ରେ ସର୍ବାଧିକ ପଏଣ୍ଟ ହାସଲ କରିଥିବା ଦଳ ହିଁ ଚାମ୍ପିଅନ ହେବାର ପରମ୍ପରା ରହିଆସିଛି। ବାର୍ସିଲୋନା ଏପର୍ଯ୍ୟନ୍ତ ୩୬ଟି ମ୍ୟାଚ୍ ଖେଳି ୨୭ ବିଜୟ, ୪ ଡ୍ର ଓ ୫ ପରାଜୟ ସହ ୮୫ ପଏଣ୍ଟ ପାଇଁ ଅଙ୍କ ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ରିଅଲ ମାଦ୍ରିଦ୍ ୩୬ ମ୍ୟାଚ୍ ଖେଳି ୨୪ ବିଜୟ, ୬ଟି ଲେଖାଏ ଡ୍ର ଓ ପରାଜୟ ସହ ୭୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ଏବଂ ଆଟଲେଟିକୋ ମାଦ୍ରିଦ୍ ୩୬ ମ୍ୟାଚ୍ ଖେଳି ୭୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ବାର୍ସିଲୋନା ଯଦି ବି ତାହାର ଶେଷ ଦୁଇଟି ମ୍ୟାଚ୍‌ରେ ପରାଜିତ ହୁଏ, ତେବେ ବି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିବ। ଏହି ଲିଗ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିଥାନ୍ତି। ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇଥର ଲେଖାଏ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ଆଜିଠାରୁ ପୁଣି ଖେଳାଯିବ ଆଇପିଏଲ୍

ନୂଆଦିଲ୍ଲୀ,୧୬।୫ (ଏଜେନ୍ସି)

ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଯୋଗୁଁ ଏକ ସପ୍ତାହ ଲାଗି ସ୍ଥଗିତ ରହିଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୧୮ତମ ସଂସ୍କରଣର ଅବଶିଷ୍ଟ ମ୍ୟାଚ୍ ଆସନ୍ତାକାଲି ବା ଶନିବାରଠାରୁ ପୁଣି ଖେଳାଯିବ। ଧର୍ମଶାଳାରେ ମେ ୮ ତାରିଖ ଦିନ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ବାତିଲ କରାଯିବା ପରେ ଆଇପିଏଲ୍‌କୁ ବନ୍ଦ ରଖାଯାଇଥିଲା। ଦୁଇ ଦେଶ ମଧ୍ୟରେ ଉତ୍ତେଜନା କମିବା ପରେ ମେ ୧୭ରୁ ଜୁନ୍ ୩ ତାରିଖଯାଏ ଟୁର୍ଣ୍ଣାମେଣ୍ଟର ବାକିଥିବା ୧୭ଟି ମ୍ୟାଚ୍‌କୁ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଖେଳସୂଚୀ ବଦଳିବା ସହ ଭେନ୍ୟୁରେ ମଧ୍ୟ ପରିବର୍ତ୍ତନ ହୋଇଛି। ଖେଳ ବନ୍ଦ ରହିବା ଫଳରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଭିନ୍ନ ଭିନ୍ନ କାରଣରୁ ଏକାଧିକ ଖେଳାଳି ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛନ୍ତି। କେତେକ ଟିମ୍ ନୂଆ ବଦଳ ଖେଳାଳିଙ୍କୁ ସାମିଲ କରିଥିଲା ବେଳେ ଆଉ କେତେକ ଅନାବଶ୍ୟକ ବିଦେଶୀଙ୍କୁ ନ ଫେରାଇବାକୁ ନିଷ୍ପତ୍ତି ନେଇଛି। ଯେଉଁ ଟିମ୍ ଗୁଡ଼ିକ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛନ୍ତି ସେମାନେ ବାକିଥିବା ମ୍ୟାଚ୍‌ରେ ନୂଆ ଖେଳାଳିଙ୍କୁ ଖେଳିବାକୁ ଉଚିତ ମନେକରିଛନ୍ତି। ଏବେ କେବଳ ୬ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବାକୁ ସ୍ଥିର ହୋଇଛି। କିନ୍ତୁ ପ୍ଲେ ଅଫ୍‌ର ୪ଟି ମ୍ୟାଚ୍ କେଉଁଠାରେ ଖେଳାଯିବ ତାହା ସ୍ଥିର ହୋଇନାହିଁ। ଏହି ମ୍ୟାଚ୍ ୪ଟି ହାଇଦରାବାଦ୍ ଓ କୋଲକାତାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା।



## ଏବେ କ'ଣ ରହିଛି ସ୍ଥିତି

ଆଇପିଏଲ୍‌ର ଚଳିତ ସଂସ୍କରଣରେ ଦିଲ୍ଲୀ-ପଞ୍ଜାବ ବାତିଲ ମ୍ୟାଚ୍‌କୁ ମିଶାଇ ଆଉ ୧୩ଟି ଲିଗ୍ ମ୍ୟାଚ୍ ଖେଳାଯିବାକୁ ବାକି ରହିଛି। ଏହା ମଧ୍ୟରୁ ୬ଟି ଦଳ ୧୧ଟି ଲେଖାଏଁ ଓ ଆଉ ୪ଟି ଦଳ ୧୨ଟି ଲେଖାଏଁ ମ୍ୟାଚ୍ ଖେଳିସାରିଛନ୍ତି। ଏହି ସମୟରେ ଗୁଜରାଟ ଟାଇଟନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୧ଟି ଲେଖାଏଁ ମ୍ୟାଚ୍ ଖେଳି ୧୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏମାନେ ପ୍ଲେ ଅଫ୍‌ରେ ଖେଳିବା ଏକପ୍ରକାର ନିଶ୍ଚିତ କରିଥିଲେ ମଧ୍ୟ ଆଉ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଲେ ସିଧାସଳଖ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ୧୧ଟି ମ୍ୟାଚ୍‌ରୁ ୧୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ଥିବା ପଞ୍ଜାବକୁ ଆଉ ୨ଟି କିମ୍ବା ସ୍ଥିତି ବଦଳିଲେ ଗୋଟିଏ ମ୍ୟାଚ୍ ଜିତିଲେ ପ୍ଲେ ଅଫ୍ ଖେଳିବ। ୧୨ଟି ମ୍ୟାଚ୍‌ରୁ ମୁମ୍ବାଇ ଇଣ୍ଡିଆନ୍ସ ୧୪, ୧୧ଟି ମ୍ୟାଚ୍‌ରୁ ଦିଲ୍ଲୀ କ୍ୟାପିଟାଲ୍ସ ୧୩ ପଏଣ୍ଟ, କୋଲକାତା ନାଇଟ୍ ରାଇଡର୍ସ ୧୨ ମ୍ୟାଚ୍‌ରୁ ୧୧ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ୧୧ ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପ୍ଲେ ଅଫ୍ ଦୌଡ଼ରେ ରହିଛନ୍ତି। ସନ୍‌ରାଇଜର୍ସ ହାଇଦରାବାଦ୍, ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛନ୍ତି।

## ୬ଟି ଭେନ୍ୟୁରେ ଖେଳାଯିବ ସମସ୍ତ ଲିଗ୍ ମ୍ୟାଚ୍

ଏହି ଟୁର୍ଣ୍ଣାମେଣ୍ଟରେ ବାକିଥିବା ୧୩ଟି ଲିଗ୍ ମ୍ୟାଚ୍ ୬ଟି ଭେନ୍ୟୁ ଯଥା ବେଙ୍ଗାଲୁରୁ, ଜୟପୁର, ଦିଲ୍ଲୀ, ଲକ୍ଷ୍ନୌ ଓ ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ମଧ୍ୟରୁ ଦୁଇଟି ରବିବାର ମେ ୧୮ ଓ ୨୫ରେ କେବଳ ୨ଟି ଡବଲ ହେଡର ମ୍ୟାଚ୍ ରହିଛି। ଖେଳ ସମୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅପରାହ୍ଣ ୩ଟା ୩୦ ଓ ରାତି ୭ଟା ୩୦ରୁ ପୂର୍ବପରି ମ୍ୟାଚ୍ ଆରମ୍ଭ ହେବ। ମେ ୨୯ରେ କ୍ୱାଲିଫାୟର-୧, ମେ ୩୦ରେ ଏଲିମିନେଟର, ଜୁନ୍ ୧ରେ କ୍ୱାଲିଫାୟର-୨ ଓ ଜୁନ୍ ୩ରେ ଫାଇନାଲ ଖେଳାଯିବ। ପ୍ଲେ ଅଫ ମ୍ୟାଚ୍‌ଗୁଡ଼ିକର ଭେନ୍ୟୁ ପରେ ଘୋଷଣା କରାଯିବ।

**ଆଇପିଏଲ୍‌ରେ ଆଜି**

**ବେଙ୍ଗାଲୁରୁ ବନାମ କୋଲକାତା**

ବେଙ୍ଗାଲୁରୁ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ଇଂଲଣ୍ଡ ଗସ୍ତ ଲାଗି ଭାରତ-ଏ ଦଳ ଘୋଷିତ**

# ଅଭିମନ୍ୟୁଙ୍କୁ ନେତୃତ୍ୱ; କରୁଣଙ୍କ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ,୧୬।୫(ଏଜେନ୍ସି): ଆଗାମୀ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ଭାରତ-ଏ ଦଳ ଘୋଷଣା କରିଛି। ଘରୋଇ କ୍ରିକେଟ ଦମ୍‌ଦାର ପ୍ରଦର୍ଶନ କରିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ସେହିପରି ୱିକେଟକିପର ବ୍ୟାଟର ଧ୍ରୁବ ଜୁରେଲଙ୍କୁ ତାଙ୍କ ଡେପୁଟି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳରେ ଡୋମେଷ୍ଟିକ ଡେଭିଏଟ୍ କରୁଣ ନାୟର, ଶାର୍ଦ୍ଦୁଳ ଠାକୁର ଓ ଇଶାନ କିଶାନଙ୍କ ଭଳି ତାରକା ସାମିଲ ହୋଇଛନ୍ତି। ଯୁବ ତାରକା ଶୁବମାନ୍ ଗିଲ୍ ଓ ସାଇ ସୁଦର୍ଶନ ଦ୍ୱିତୀୟ ମ୍ୟାଚ୍‌ରେ ଏହି ଦଳରେ ଯୋଗ ଦେବେ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ଈଶ୍ୱରନ ଓ କରୁଣଙ୍କୁ ବାଦ୍ ଦେଲେ ତନୁଷ କୋଟିଆନ, ବାବା ଇନ୍ଦ୍ରଜିତ୍, ଆକାଶଦୀପ ମଧ୍ୟ ଦଳରେ ସାମିଲ ହୋଇଛନ୍ତି। ଜୁରେଲ ଓ ନୀତୀଶ ରେଡ୍ଡୀ ପରେ ସିନିଅର ଦଳରେ ସାମିଲ ହେବେ। ସେହିପରି ଅଭିଜ୍ଞ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ସିନିଅର ଦଳରେ ସାମିଲ ହେବା ଏକ ପ୍ରକାର ନିଶ୍ଚିତ। ଇଂଲଣ୍ଡରେ ଭାରତ-ଏ ଦଳ ୩ଟି ମ୍ୟାଚ୍ ଖେଳିବ। ମେ ୩୦ରୁ ଜୁନ୍ ୨ ମଧ୍ୟରେ ଭାରତ ଏ ଘରୋଇ ଇଂଲଣ୍ଡ ଲାୟନ୍ସକୁ ଭେଟିବ। ସେହିପରି ଜୁନ୍ ୬ରୁ ୯ ମଧ୍ୟରେ ଭାରତ-ଏ ଓ ଲାୟନ୍ସ ଦ୍ୱିତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବେ।



ଶେଷରେ ତୃତୀୟ ମ୍ୟାଚ୍ ଭାରତ-ଏ ଓ ଭାରତ ମଧ୍ୟରେ ଖେଳାଯିବ। ଅର୍ଥାତ ଏକ ଇଣ୍ଟ୍ରାସ୍କ୍ୱାଡ ମ୍ୟାଚ୍ ଖେଳାଯିବ।

**ଭାରତ-ଏ ଦଳ**

ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ, ୱିକେଟକିପର) ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶାନ (ୱିକେଟକିପର), ମାନବ ସୁତାର, ତନୁଷ କୋଟିଆନ, ମୁକେଶ କୁମାର, ଆକାଶଦୀପ୍, ହର୍ଷିତ ରାଣା, ଅଂଶୁଳ କାମ୍ବୋଜ, ଖଲିଲ ଅହମ୍ମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ। ଶୁବମାନ ଗିଲ ଓ ସାଇ ସୁଦର୍ଶନ ପରେ ଯୋଗ ଦେବେ।

# ଷ୍ଟାର୍କ, ଫର୍ଗୁସନ ଓ ମୟଙ୍କ ଖେଳିବେନି



ନୂଆଦିଲ୍ଲୀ,୧୬।୫ (ଏଜେନ୍ସି): ଏକ ସପ୍ତାହ ସ୍ଥଗିତ ରହିବା ପରେ ଆଇପିଏଲ୍-୧୮ ଶୁକ୍ରବାର ବା ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। କିନ୍ତୁ ଏହି ଆକର୍ଷଣୀୟ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍‌ରେ ଏକାଧିକ ବିଦେଶୀ ଖେଳାଳି ଖେଳିବେ ନାହିଁ ବୋଲି ଜଣାଯାଇଛି। ଏମାନଙ୍କ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଓ ପଞ୍ଜାବ କିଙ୍ଗ୍ସର ଲକି ଫର୍ଗୁସନ ଖେଳିବେ ନାହିଁ ବୋଲି ଜଣାଯାଇଛି। ଲକ୍ଷ୍ନୌ ସୁପର ଜାଏଣ୍ଟର ସୁପର ଫାଷ୍ଟ ବୋଲର ମୟଙ୍କ ଯାଦବ ପୁଣି ଆହତ ହେବାରୁ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ୱିଲିୟମ ଓ ରୁର୍କ, ଫର୍ଗୁସନଙ୍କ ସ୍ଥାନରେ କାଏଲ ଜାମିସନ ଓ ଷ୍ଟାର୍କଙ୍କ ସ୍ଥାନରେ ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନ ଖେଳିବେ। କିନ୍ତୁ ରହମନ ଦିଲ୍ଲୀ ଲାଗି କେବଳ ୩ଟି ମ୍ୟାଚ୍ ଖେଳିପାରିବେ। ପ୍ଲେ ଅଫ୍‌ରେ ସେ ଖେଳିବେ ନାହିଁ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ସହ ଘରୋଇ ମାଟିରେ ଦିନିକିଆ ସିରିଜ୍ ଖେଳାଯାଉଥିବାରୁ ଇଂଲଣ୍ଡ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ପ୍ଲେ ଅଫ୍‌ରେ ଖେଳିବେ ନାହିଁ। ଗୁଜରାଟର ଜୋଶ ବଟଲର, କୋଲକାତାର ୱିଲ୍ ଜ୍ୟାକ୍ସ ଲିଗ୍ ମ୍ୟାଚ୍‌ରେ ଖେଳିବେ। ଉଭୟ ଦଳ ପ୍ଲେ ଅଫ୍‌କୁ ଉନ୍ନୀତ ହେଲେ ଇଂଲଣ୍ଡର ଏହି ଦୁଇ ଖେଳାଳି ଅନୁପସ୍ଥିତ ରହିବେ। ମେ ୨୯ରେ ୱେଷ୍ଟଇଣ୍ଡିଜ୍ ସହ ପ୍ରଥମ ଦିନିକିଆ ଖେଳାଯିବାକୁ ଥିବାରୁ ଏମାନେ ଏହି ମ୍ୟାଚ ଲାଗି ଉପଲବ୍ଧ ହେବେ। ବଟଲରଙ୍କ ସ୍ଥାନରେ କୁଶାଲ ମେଣ୍ଡିସ୍ ଓ ଜ୍ୟାକ୍ସଙ୍କ ସ୍ଥାନରେ ଜନି ବେୟାରଷ୍ଟୋଙ୍କୁ ନିଆଯାଇଛି।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା, ଆଇଡେନ୍ ମାର୍କରାମ, ମାର୍କୋ ଜାନସେନ, ଟ୍ରିଷ୍ଟାନ ଷ୍ଟବ୍ସ, ୱିଆନ୍ ମୁଲ୍ଡର, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ୍ ଓ କର୍ବିନ ବୋଷ୍ଟ ସେମାନଙ୍କ ଟିମ୍ ଲାଗି ଲିଗ୍ ମ୍ୟାଚ୍ ଖେଳିବାକୁ ଉପଲବ୍ଧ ହେବେ। କିନ୍ତୁ ଏମାନେ ପ୍ଲେ ଅଫ୍‌ରେ ଖେଳିବାକୁ ବିସିସିଆଇ କରିଥିବା ଅନୁରୋଧକୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ପ୍ରତ୍ୟାଖ୍ୟାନ କରିଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଅଷ୍ଟ୍ରେଲିଆର ଅଧିନାୟକ ପ୍ୟାଟ କମିନ୍ସ ଓ ଟ୍ରାଭିସ୍ ହେଡ୍ ହାଇଦରାବାଦ୍ ପକ୍ଷରୁ ଖେଳିବେ। କିନ୍ତୁ ଜୋଶ ହାଜ୍‌ଲେଉଡ୍ ବେଙ୍ଗାଲୁରୁ ଲାଗି ଖେଳିବେ କି ନାହିଁ ତାହା ସ୍ଥିର ହୋଇନାହିଁ। ପ୍ରତିଦିନ ବିଦେଶୀ ଖେଳାଳିଙ୍କ ଲାଗି ଭିନ୍ନ ଭିନ୍ନ ଅପ୍‌ଡେଟ ହେଉଛି।


ସକାଳ THE SAKALA | ନନ୍ଦିଘୋଷ
ମାଟ୍ରିକ୍ ଉତ୍କର୍ଷ ସମ୍ମାନ ୨୦୨୫
୨୦୨୫ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲା ଓ ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ରଖି
ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ 'ସକାଳ' ଓ 'ନନ୍ଦିଘୋଷ' ତରଫରୁ
ନିମ୍ନୋକ୍ତ ସ୍ଥାନମାନଙ୍କରେ ସମ୍ମାନିତ କରାଯିବ
Supported by
ଓମ୍‌ଫେଡ୍ କ୍ଷୀର ଓଡ଼ିଶାର | JUPITER GROUP OF INSTITUTIONS | Krishna Vikash Group of Institutions | AIPH University Bhubaneswar (Odisha)
SVM SHYAM CLASSES BARIPADA, MAYURBHANJ | Balasore Institute of Hospitality Management & Tourism Remuna, Balasore | NIST HIGHER SECONDARY SCHOOL BALASORE | KALINGA TUTORIAL BALASORE | SIDDHI VINAYAK HIGHER SECONDARY SCHOOL BALASORE | GANDHI HIGHER SECONDARY SCHOOL BALASORE
JHADESWAR GROUP OF INSTITUTIONS BALASORE | SULAGNA HIGHER SECONDARY SCHOOL BALASORE | PRINCE GROUP OF INSTITUTIONS BARIPADA | Mayurbhanj College of Accountancy & Management
EURO SCHOOL, CHATRAPUR | AIMS GROUP OF INSTITUTIONS | NEWTON Higher Secondary School of Science SAMBALPUR | VEDIC GROUP OF INSTITUTIONS SAMBALPUR | RAIGARH | BARGARH | PINNACLE GROUP OF INSTITUTIONS
୧୮.୦୫.୨୦୨୫, ରବିବାର, ସକାଳ ୯ ଘଟିକା
ବାଲେଶ୍ୱର: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର — ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ
ବ୍ରହ୍ମପୁର: ଶିବକୁମାର ପଟନାୟକ ରିଡିଂ ରୁମ୍ ଛତ୍ରପୁର — ଗଞ୍ଜାମ, ଗଜପତି, କନ୍ଧମାଳ
ସମ୍ବଲପୁର: ହୋଟେଲ ଡଲଫିନ୍, ଅଇଁଠାପାଲ୍ଲୀ, ସମ୍ବଲପୁର — ସମ୍ବଲପୁର, ବରଗଡ, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ନୂଆପଡା, କଳାହାଣ୍ଡି



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS